

ଛାଡ଼ପତ୍ର ସମ୍ପର୍କରେ ମୁହଁ ଖୋଲିଲେ ଧନଶ୍ରୀ
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 287 | ଭାଗ ୩୨ | ସଂଖ୍ୟା୨୮୭ | Bhubaneswar | Friday 10 January 2025 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୧୦ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଯୁଦ୍ଧ ନୁହେଁ, 'ବୁଦ୍ଧ'ରେ ରହିଛି ଭବିଷ୍ୟତ

# ଫିର୍ ଭି ଦିଲ୍ ହୈ ହିନ୍ଦୁସ୍ତାନୀ

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏଠାରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ବିଶ୍ୱର ବିଭିନ୍ନ କୋଣରୁ ଆସିଥିବା ପ୍ରତିନିଧି ଓ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ସବୁବେଳେ ଶାନ୍ତିର ବାର୍ତ୍ତା ଦେଇଆସିଛି। ବିଶେଷକରି ଓଡ଼ିଶାର ଐତିହାସିକ ଶାନ୍ତିସ୍ତୂପ ଧଉଳି ଶାନ୍ତିବାର୍ତ୍ତା ପ୍ରଦାନ କ୍ଷେତ୍ରରେ ମୂକସାକ୍ଷୀ ଭାବେ ଛିଡ଼ା ହୋଇଛି। ସମଗ୍ର ବିଶ୍ୱ ଯେତେବେଳେ ଖଡ଼ଗର ମାର୍ଗ ବାଛି ସାମ୍ରାଜ୍ୟ ବିସ୍ତାର କରୁଥିଲା, ସମ୍ରାଟ ଅଶୋକ ଏଠାରେ ଶାନ୍ତିର ମାର୍ଗ ବାଛିଥିଲେ। କାରଣ ବିଶ୍ୱର ଭବିଷ୍ୟତ ଯୁଦ୍ଧରେ ନୁହେଁ ବରଂ ବୁଦ୍ଧଙ୍କ ଉପରେ ନିର୍ଭର କରେ ବୋଲି ଭାରତର ପରମ୍ପରା ବିଶ୍ୱକୁ ବାର୍ତ୍ତା ଦେଉଛି । ଓଡ଼ିଶାର ଭୂମିକୁ ସମସ୍ତଙ୍କୁ ସ୍ୱାଗତ କରିବା ତାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ବୋଲି ଶ୍ରୀ ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଖୁବ୍‌ଶୀଘ୍ର ପ୍ରୟାଗରାଜରେ ମହାକୁମ୍ଭ ଆରମ୍ଭ ହେବ। ଏଥିସହ ମକର ସଂକ୍ରାନ୍ତି, ଲୋହରୀ, ପୋଙ୍ଗଲ ଏବଂ ମାଘ, ବିହୁ ପର୍ବ ମଧ୍ୟ ପାଳିତ ହେବାକୁ




ଥିବାରୁ ସବୁଆଡେ ଏକ ଆନନ୍ଦର ବାତାବରଣ ରହିଛି ୧୯୧୫ ଆଜିର ଦିନରେ ମହାତ୍ମା ଗାନ୍ଧୀ ଦୀର୍ଘ ଦିନ ବିଦେଶରେ ରହିବା ପରେ ଭାରତ ଫେରିଥିବା କଥା ସ୍ମରଣ କରି ଶ୍ରୀ ମୋଦି

- ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ୍ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍' ଉଦ୍‌ଘାଟିତ
- ଆମେ ଗଣତନ୍ତ୍ରର ଜନନୀ ନୋହୁଁ; ଗଣତନ୍ତ୍ର ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ
- ଅଭୂତପୂର୍ବ ଗତି ଓ ବ୍ୟାପକତା ସହ ଆଗକୁ ବଢ଼ୁଛି ଭାରତ
- ଭାରତ ପାଖରେ କୁଶଳୀ ପ୍ରତିଭାର ବୈଶ୍ୱିକ ଚାହିଦା ପୂରଣ ସମ୍ଭାବନା ରହିଛି

କହିଛନ୍ତି ଯେ ଏଭଳି ଏକ ଚମତ୍କାର ସମୟରେ ଭାରତରେ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତି ଉତ୍ସବର ଉତ୍ସାହକୁ ଅନେକ ଗୁଣ ବୃଦ୍ଧି କରିଛି। ଭାରତ ଓ ପ୍ରବାସୀ ଭାରତୀୟଙ୍କ ➢ପୃଷ୍ଠା-୬

## ଓଡ଼ିଶା ଉଦ୍ୟୋଗୀଙ୍କ ଉପଯୁକ୍ତ ଗନ୍ତବ୍ୟସ୍ଥଳ

**ଭୁବନେଶ୍ୱର :** ବିଶ୍ୱସ୍ତରୀୟ ଭିତ୍ତିଭୂମି, ନିବେଶକ ଅନୁକୂଳ ନୀତି ଏବଂ ଯୁବ, କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶା ବ୍ୟବସାୟ ଓ ଉଦ୍ୟୋଗୀମାନଙ୍କ ପାଇଁ ଉପଯୁକ୍ତ ଗନ୍ତବ୍ୟସ୍ଥଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ, ଭିଜନର କେନ୍ଦ୍ରରେ ରହିଛି ଓଡ଼ିଶା। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାର ବିକାଶ ଯାତ୍ରାର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇସାରିଛି ବୋଲି ଆଜି ଏଠାରେ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ବିଶ୍ୱ ପ୍ରବାସୀ ଭାରତୀୟଙ୍କ ସଦସ୍ୟ ଭାବେ ଆପଣମାନେ ବିଶ୍ୱରେ ଆମର ରାଷ୍ଟ୍ରଦୂତ। ଓଡ଼ିଶା ଓ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଦିଗରେ ଆପଣମାନେ ପ୍ରଯତ୍ନ ହୁଅନ୍ତୁ। ଆମେ ସମସ୍ତେ ମିଶି ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିପାରିବା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ପ୍ଲାଟଫର୍ମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାରୁ



ତ୍ରିନିଦାଦ ଓ ଟୋବାଗୋର ରାଷ୍ଟ୍ରପତି କ୍ରିଷ୍ଟିନ୍ କାର୍ଲା କଙ୍ଗାଲୁଙ୍କୁ ଧନ୍ୟବାଦ ଦେଇଛନ୍ତି।

ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷର ପ୍ରବାସୀ ଭାରତୀୟ ଦିବସର ବିଷୟବସ୍ତୁ 'ଏକ ବିକଶିତ ଭାରତରେ ପ୍ରବାସୀଙ୍କ ଅବଦାନ', ଯାହା ଅମୃତ କାଳରେ ଏକ ସଶକ୍ତ ଭାରତ ନିର୍ମାଣରେ ଭାରତୀୟ ପ୍ରବାସୀଙ୍କ ଅବଦାନକୁ ସ୍ୱୀକୃତି ଦିଏ। ଓଡ଼ିଶା ହେଉଛି ଜଗନ୍ନାଥ ସଂସ୍କୃତିର ଘର, ଯେଉଁଠି ଭକ୍ତି ଓ ବିବିଧତା ନିରବଚ୍ଛିନ୍ନ ଭାବରେ ମିଶିଥାଏ। ଭାରତର ଅନ୍ୟତମ ପୁରାତନ ଶାସ୍ତ୍ରୀୟ ନୃତ୍ୟ ଓ ପଟ୍ଟଚିତ୍ରର ଜଟିଳ କଳା ଓଡ଼ିଶୀ ଆମ ସାଂସ୍କୃତିକ ପରିଚୟକୁ ବଞ୍ଚାଇ ରଖିବା ସହ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ସମ୍ବଲପୁରର ବିଶ୍ୱପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର ସବୁଠାରୁ ପ୍ରିୟ ଓ ଜୀବନ୍ତ ପରମ୍ପରା ମଧ୍ୟରୁ ଅନ୍ୟତମ। ଐତିହ୍ୟ ବ୍ୟତୀତ ଓଡ଼ିଶା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଭଣ୍ଡାର। ଏସିଆର ସବୁଠାରୁ ବଡ଼ ଲୁଣା ପାଣି ରହୁଥିବା ଚିଲିକା ହ୍ରଦ, ପୁରୀ, ଚାନ୍ଦିପୁର ଓ ଗୋପାଳପୁରର ଶାନ୍ତ ବେଳାଭୂମି, ଶିମିଳିପାଳର ସବୁଜ ଜଙ୍ଗଲ, କୋରାପୁଟର ପାହାଡ଼ ଓ କେନ୍ଦୁଝରର ଜଳପ୍ରପାତ ପ୍ରକୃତିର ମହିମାର ଝଲକ ଦେଖୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରବାସୀମାନେ ଓଡ଼ିଶାରେ ପ୍ରକୃତିର ➢ପୃଷ୍ଠା-୬

## ଭୁବନେଶ୍ୱରରେ ରାଷ୍ଟ୍ରପତି

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ) :** ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବାୟୁସେନାର ସ୍ୱତନ୍ତ୍ର ବିମାନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ସେଠାରେ ରାଷ୍ଟ୍ରପତି ସିଧା ରାଜଭବନ ଅଭିମୁଖେ ଯାତ୍ରା କରିଛନ୍ତି। ରାଷ୍ଟ୍ରପତି ଆଜି ରାଜଭବନରେ ରାତ୍ରିଯାପନ କରିବେ। ଆସନ୍ତାକାଲି ଜନତା ମୈଦାନରେ ଜାରି ରହିଥିବା ୧୮ତମ 'ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ'ର ଅନ୍ତିମ କାର୍ଯ୍ୟକ୍ରମରେ ସେ ଅଂଶଗ୍ରହଣ କରିବେ ।

ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ବିମାନ ବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ଡିଜି ଓ୍ୱାଇ.ବି ଖୁରାନିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ଅନ୍ୟ କିଛି ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ବିମାନ ବନ୍ଦର ବାହାରେ ପାରମ୍ପରିକ ନୃତ୍ୟଗୀତରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯିବାକୁ ମଧ୍ୟ ବ୍ୟବସ୍ଥା ହୋଇଥିଲା । ସେଠାରୁ ରାଷ୍ଟ୍ରପତିଙ୍କ କାରକେଡ୍ କଡା ସୁରକ୍ଷା ବଳୟ ମଧ୍ୟରେ ରାଜଭବନରେ ପହଞ୍ଚିଛି। ଆଜି ରାଷ୍ଟ୍ରପତି ରାଜଭବନରେ ରାତ୍ରିଯାପନ କରିବେ।

ଗତକାଲି ସଂଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ପହଞ୍ଚିଥିବା ବେଳେ ଆଜି



ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତାକାଲି (୯ ତାରିଖ) ଏହି ତ୍ରିଦିବସୀୟ ସର୍ବଭାରତୀୟ କାର୍ଯ୍ୟକ୍ରମ ଶେଷ ହେବାକୁ ଯାଉଛି । ଉଦଯାପନୀ ସମାରୋହର ଅତିଥି ହେବେ ରାଷ୍ଟ୍ରପତି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପ୍ରବାସୀ ଭାରତୀୟ ଅତିଥିମାନେ ରାଷ୍ଟ୍ରପତି ମୁର୍ମୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଉଦଯାପିତ ହେବ । ଏହି ସମ୍ମିଳନୀ ଚଳିତବର୍ଷ ୧୮ତମ ସଂସ୍କରଣରେ ପହଞ୍ଚିଥିବା ବେଳେ ପ୍ରଥମ ଥର ଓଡିଶାରେ ଆୟୋଜିତ ହେଉଛି ।

## ଓଡ଼ିଶା ବିଶ୍ୱବିଦିତ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ କେବଳ ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ମୂଳ ପରିଚୟକୁ ପରିଚିତ କରାଇବାର ଅବସର ନୁହେଁ, ବରଂ ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ଦେବାର ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ର ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଯୋଗଦେବା ସହ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି ତଥା ମନ୍ଦିର ମାଳିନୀ ଭୁବନେଶ୍ୱରରେ ସମବେତ ହୋଇଥିବା ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରବାସୀ ଭାରତୀୟ ଆୟୋଜନ ଦ୍ୱାରା ଓଡ଼ିଶା



ଆଜି ବିଶ୍ୱବିଦିତ ହୋଇଛି । ଓଡ଼ିଶାର ପରିବେଶ, ଓ ଆତିଥେୟତାକୁ ବୈଶ୍ୱିକ ସ୍ତରର ଲୋକମାନେ ସମସ୍ତେ ପସନ୍ଦ କରୁଛନ୍ତି । ଆଜି ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସାଫଲ୍ୟର ସମାରୋହରେ ପ୍ରଧାନମନ୍ତ୍ରୀ ଉଦୟଗିରି, କୋଣାର୍କ, ଆମର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଐତିହାସିକ ବାଲିଯାତ୍ରା, ବୌଦ୍ଧ ସର୍କିଟ୍ ତଥା ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଗୌରବମୟ ଇତିହାସ ଓ ଅନନ୍ୟ ଐତିହ୍ୟକୁ ଉପସ୍ଥାପନ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିବା ସହ ସମ୍ମିଳନୀ ଆୟୋଜନ ସୁଯୋଗ ଦେଇ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରରେ ତଥା ରାଜନୈତିକ ଓ କୂଟନୈତିକ ସ୍ତରରେ ରଖି ଓଡ଼ିଶାର ମର୍ଯ୍ୟାଦା ବଢ଼ାଇଥିବାରୁ ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ସମାରୋହ ଅବସରରେ ଶ୍ରୀ ପ୍ରଧାନ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଶିକ୍ଷା, ସାଂସ୍କୃତିକ ସଂଗଠନ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମତ ବିନିମୟ କରିବା ବେଳେ ଶିକ୍ଷା ମନ୍ତ୍ରୀ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ଖାଦ୍ୟପେୟ ଓ ପର୍ଯ୍ୟଟନ ଉପରେ ଅବଗତ କରାଇଥିଲେ। ଦେଶରେ ଗୁଣାତ୍ମକ ଶିକ୍ଷାର ପରିଚାଳନା, ଜାତୀୟ ଶିକ୍ଷା ନୀତିରେ ଶିଶୁଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ଭାରତ ସରକାର ନେଉଥିବା ପଦକ୍ଷେପ, ଶିଶୁଙ୍କ କ୍ରିଟିକାଲ ଥିଙ୍କିଂର ବିକାଶ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଆମେ କିପରି ପ୍ରବାସୀ ଭାରତୀୟଙ୍କ ମାଧ୍ୟମରେ ଥିବା ଭାରତ ଓ ଅନ୍ୟ ଦେଶ ମାନଙ୍କ ମଧ୍ୟରେ ଥିବା ଶିକ୍ଷା ଓ ଅନ୍ୟ ସମ୍ପର୍କକୁ ଗଭୀର କରିପାରିବା ସେ ବିଷୟରେ ଫଳପ୍ରଦ ଆଲୋଚନା ହୋଇଛି । ଉପସାଗରୀୟ ଦେଶ ବିଶେଷତଃ ସ୍କୁଲ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରବାସୀଙ୍କ ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ଅପରପକ୍ଷରେ ପ୍ରବାସୀ ଭାରତୀୟ ସଦସ୍ୟମାନେ କିପରି ଭାରତରେ ଶିକ୍ଷା ବ୍ୟବସ୍ଥାକୁ ମଜଭୁତ୍ କରିବେ ସେ ଦିଗରେ ଉପାଦେୟ ପରାମର୍ଶ ଉପରେ ମତ ରଖିଥିଲେ। ବିକଶିତ ଭାରତରେ ଯୋଗଦାନ ଦେବା ଦିଗରେ ଓଡ଼ିଶାର ବିପୁଳ ସମ୍ଭାବନା ଉପରେ ସେ କହିଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ ବିକଶିତ ଭାରତରେ ଯୋଗଦାନ ରଖିବା ପାଇଁ ଓଡ଼ିଶାରେ ବହୁତ ଅପାର ସମ୍ଭାବନା ରହିଛି। ଓଡ଼ିଶା ସରକାର ବିକଶିତ ଓଡ଼ିଶା ➢ପୃଷ୍ଠା-୬

## ରାଜଧାନୀରେ ରକ୍ତଦାନ ରାଜନୀତି



- ଦିଲ୍ଲୀପଙ୍କ ନାଁରେ ବିଜେଡି ମେଳି
- ଶଙ୍ଖ ଶିବିରରେ କମ୍ପନ

**ଭୁବନେଶ୍ୱର,୯।୧ (ସଂଚାର ବ୍ୟୁରୋ):** ବରିଷ୍ଠ ବିଜେପି ନେତା ଦିଲ୍ଲୀପ ରାୟଙ୍କ ଜନ୍ମଦିନ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ବିଜେଡି ନେତାମାନଙ୍କ ମେଳି ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ବିଶେଷରେ ରକ୍ତଦାନ ଶିବିରରେ ଭୁବନେଶ୍ୱର ଉତ୍ତର ମେୟର ସୁଶାନ୍ତ ରାଉତ, ବରିଷ୍ଠ ନେତା ଦୁର୍ଗା ସାମନ୍ତରାୟଙ୍କ ସହିତ ବିଜେଡିର ଯୁବ ଓ ଛାତ୍ର ସଂଗଠନର ବହୁ ନେତା ଉପସ୍ଥିତ ରହିଛନ୍ତି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦିଲ୍ଲୀପ ରାୟଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଆୟୋଜନ ହେଉଛି । ପୂର୍ବଭଳି ଜନ ସମାଗମ ବି ହୋଇଛି । ହେଲେ ପୂର୍ବରୁ ବିଜେଡି ନେତାମାନଙ୍କ ➢ପୃଷ୍ଠା-୬

### ବିଚ୍‌ରାସ୍ତାରେ ଗଳାକାଟି ହତ୍ୟା ମାମଲା

## ୫ ଗିରଫ, ସିନ୍ ରିକ୍ରିଏସନ୍ କଲା ପୁଲିସ୍

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଗତକାଲି ସକାଳେ ରସୁଲଗଡ଼ରେ ସହଦେବ ନାୟକ ନାମକ ପୁଲିସ୍ ମିତ୍ରଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିବା ବେଳେ ମାଷ୍ଟରମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଗତକାଲି ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଆଉ ୨ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଛି। ଏହି ଦୁଇ ଅଭିଯୁକ୍ତ ଦମ୍ପତି ହୋଇଥିବା ବେଳେ ସେମାନଙ୍କ ନାମ ରାକେଶ ନାୟକ ଓ ଲକି ନାୟକ ବୋଲି ଜଣାପଡ଼ିଛି। ଗତକାଲି ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧର ନାୟକ, ତା'ର ପତ୍ନୀ ଲିପିକା ନାୟକ ଓ ସହଯୋଗୀ ରକି ନାୟକ





ଗିରଫ ହୋଇଥିବା ବେଳେ ଆଜିର ଗିରଫଦାରୀକୁ ମିଶାଇ ଅଭିଯୁକ୍ତଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବ ଶତ୍ରୁତା ହିଁ ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ଆଜି ପୁଲିସ ରସୁଲଗଡ଼ ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କୁ ନେଇ ସିନ୍ ରିକ୍ରିଏସନ କରିଛି। ହତ୍ୟାକାରୀଦ୍ୱୟ ହତ୍ୟା ପରେ କିପରି ଅସ୍ତ୍ରଶସ୍ତ୍ର ନେଇ ଭୁବନେଶ୍ୱରର ଲିଙ୍ଗିପୁର ନିକଟସ୍ଥ ଦୟା ନଦୀରେ ଲୁଚାଇ ରଖିଥିଲେ ତାହା ମଧ୍ୟ ପ୍ରଦର୍ଶନ କରିଥିଲେ'

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ମିଶ୍ର ସବିଶେଷ ସୂଚନା ଦେବା ସହ ପ୍ରାଥମିକ ଜେରା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ସେ କହିଛନ୍ତି ଯେ ଏହି ଅଭିଯୁକ୍ତମାନଙ୍କ ସହ ସହଦେବଙ୍କର ପୂର୍ବ ଶତ୍ରୁତା ଥିଲା। ତେଣୁ ଏମାନେ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଭିଆଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଏକାଧିକ ମାରଣାସ୍ତ୍ର ଓ ୪ଟି ମୋବାଇଲ ଫୋନ, ଅଭିଯୁକ୍ତମାନଙ୍କ ରକ୍ତଲଗା ପୋଷାକ, ଦୁଇଟି ବ୍ୟାଗ, ଦୁଇଟି ମୋଟର ସାଇକେଲ ଓ କିଛି ଅନ୍ୟ ସାମଗ୍ରୀ ଜବତ ➢ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି

## ଓଡ଼ିଶା ହେବ ମେଗା ଆଇଟି ହବ୍



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ କେନ୍ଦ୍ର ସରକାର ଓଡ଼ିଶାକୁ ମେଗା ଆଇଟି ହବ୍‌ରେ ପରିଣତ କରିବା ସକାଶେ ପ୍ରତିଶ୍ରୁତି ଦେବା ସହ ଏ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀ ବୈଷ୍ଣବଙ୍କ ଆଲୋଚନାରୁ ଜଣାପଡ଼ିଛି ଯେ ରାଜ୍ୟରେ ଏବେ ୪୮ଟି ନୂଆ ରେଳ ପ୍ରକଳ୍ପର ନିର୍ମାଣ କାମ ଚାଲିଛି, ଯେଉଁଥିରେ ୭୩,୭୨୩ କୋଟି ବିନିଯୋଗ କରାଯାଉଛି। ଏଥିରେ ନିକଟରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ୮ଟି ନୂଆ ପ୍ରକଳ୍ପ ମଧ୍ୟ ସାମିଲ୍। ଆସନ୍ତା ୫ ବର୍ଷ ➢ପୃଷ୍ଠା-୬



### କାନ ଡେରିଥା

ପାଞ୍ଜି ଖୋଲିଦେବେ ପ୍ରଦୀପ
ଭାଇନା
ଓଡ଼ିଆ ନବ ବରଷେ
ନବୀନଙ୍କ ପାଞ୍ଜି ସଭିଏଁ ଜାଣିବେ
ଶୁଣିବେ ସବୁ ହରଷେ
ଆସିଲା ସେ ଦିନ ପାଶେ...
ଅହଙ୍କାରୀ ଭାବି ତଡିଲେ
ଯାହାକୁ
ଏବେ ସେ କହିବେ ଶେଷେ।

■ ଦେବାଶିଷ

# ହତ୍ୟା ଘଟଣାରେ ରାଜନୀତି ରୁଟି ସେକିଲେ ବୁନୁ!

**ଭୁବନେଶ୍ୱର,୯।୧ (ସଂଚାର ବ୍ୟୁରୋ):** ରାଜଧାନୀରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡର ଅପରାଧିମାନଙ୍କୁ ମାତ୍ର କେଇଘଣ୍ଟା ଭିତରେ କମିଶନରେଟ ପୁଲିସ୍ ଗିରଫ କରିଥିବାବେଳେ ଭୁବନେଶ୍ୱରର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓରଫ ବୁନୁ କିନ୍ତୁ ଏହି ଘଟଣାରେ ରାଜନୀତିର ରୁଟି ସେକିଛନ୍ତି। ହତ୍ୟାକାଣ୍ଡର ଶିକାର ହୋଇଥିବା ସହଦେବ ନାୟକ

- ସହରରେ ବୁଲିଲାନି ଝାଡୁ
- ସରକାରଙ୍କୁ ବଦନାମ ଉଦ୍ୟମ




ରାଜଧାନୀ ସୁଇପର ସଂଘର ନେତା ହୋଇଥିବାରୁ ତାହାକୁ ମଉକା ଭାବି ଗୋଟିଏ ଦିନ ରାଜଧାନୀରେ ଝାଡୁ ମରାଇ ଦେଇ ନାହାନ୍ତି । ପ୍ରବାସୀ ଭାରତୀୟ ଦିବସ ସମୟରେ ବୁନୁଙ୍କ ଏଭଳି ରାଜନୀତି ଯୋଗୁଁ ରାଜ୍ୟ କିନ୍ତୁ ବଦନାମ ମୁଣ୍ଡାଇଛି ।

କେଦାରପଲ୍ଲୀ ବସ୍ତିର ସହଦେବଙ୍କ ନାୟକଙ୍କୁ ତାଙ୍କରି ଘର ପାଖର ଅପରାଧିମାନେ ବିଚ୍ ରାସ୍ତା ଉପରେ ହତ୍ୟା କଲେ । ତେବେ ହତ୍ୟା କରିବାର କେଇଘଣ୍ଟା ଭିତରେ କମିଶନରେଟ ପୁଲିସ୍ ଅପରାଧିଙ୍କୁ ନୟାଗଡ ଜିଲ୍ଲାରୁ ଉଠାଇ ଆଣିଲା । ରାଜଧାନୀରେ ଘଟିଥିବା ଏଭଳି ଜଘନ୍ୟ ଘଟଣାରେ ପୁଲିସ୍‌ର ଭୂମିକାକୁ ସବୁ ଦିଗରୁ ସାବାସୀ ମିଳିଥିଲା । ତେବେ ସହରରେ ପ୍ରବାସୀ ଭାରତୀୟ ଦିବସ ଚାଲିଥିବାରୁ ବିଜେଡି ଏହାକୁ ରାଜନୈତିକ ରଙ୍ଗ ଦେଇଛି । ଦଳ ପକ୍ଷରୁ ହଠାତ୍ ଆଇନଶୃଙ୍ଖଳା ପ୍ରସଙ୍ଗ ଉଠାଯାଇଥିଲା ।

ତେବେ ହତ୍ୟାକାଣ୍ଡର ପରଦିନ ବିଧାୟକ ଶ୍ରୀ ଜେନା ରାଜଧାନୀରେ ଝାଡୁ ମରାଇ ଦେଇ ନାହାନ୍ତି । ଶ୍ରୀ ନାୟକ ସୁଇପର ସଂଘର ନେତା ହୋଇଥିବାରୁ ବିଧାୟକ ସୁଇପରମାନଙ୍କୁ ➢ପୃଷ୍ଠା-୬

### ଅନନ୍ତ-ସୁଶାନ୍ତଙ୍କ ଡବଲ ଷ୍ଟାଣ୍ଡାର୍ଡ

ସହଦେବଙ୍କ ମୃତ୍ୟୁରେ ବିଜେଡିର କ୍ୟାଣ୍ଡଲେ ଶୋଭାଯାତ୍ରା ଏବେ ଦଳୀୟ ନେତା ବିଶେଷକରି ବିଧାୟକ ଅନନ୍ତ ଓ ସୁଶାନ୍ତଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି । ବର୍ତ୍ତମାନ କ୍ୟାଣ୍ଡେଲ ଶୋଭାଯାତ୍ରାର ମଙ୍ଗ ଧରିଥିବା ରାଜଧାନୀର ଦୁଇ ଆଗଧାଡିର ନେତା ଅନନ୍ତ ଓ ସୁଶାନ୍ତ ରାଜଧାନୀର ବହୁ ଚର୍ଚ୍ଚିତ ଋଷି ହତ୍ୟାକାଣ୍ଡ ସମୟରେ କୁଆଡେ ଥିଲେ ବୋଲି ଅନେକ ପ୍ରଶ୍ନ କରୁଛନ୍ତି । କେବଳ ସେତିକି ନୁହେଁ ରାଜଧାନୀରେ ଏହି ଶୋଭାଯାତ୍ରାରେ ଦଳର ଦୁଇ କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆ ଓ ବିରଞ୍ଚି ମହାସୁପକାର ଓରଫ ଲିଟୁଙ୍କ ଅନୁପସ୍ଥିତ ବି ➢ପୃଷ୍ଠା-୬

### ଜୀବନ ନେଲା ପୁଲିସ୍ ରଫାଦଫା ଫର୍ମୁଲା

**ଭୁବନେଶ୍ୱର,୯।୧ (ସଂଚାର ବ୍ୟୁରୋ):** ରାଜଧାନୀର ବିଚ୍ ରାସ୍ତାରେ ସହଦେବ ନାୟକଙ୍କ ଭଳି ଜଣେ ଯୁବକଙ୍କ ମୁଣ୍ଡଗଣ୍ଡି ଅଲଗା ହେବା ଘଟଣାରେ ଏବେ ପୁଲିସ୍‌ର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ଉଠିବାରେ ଲାଗିଛି। କେଦାରପଲ୍ଲୀ ବସ୍ତିର ସହଦେବ ନାୟକଙ୍କ ସହିତ ହତ୍ୟାକାଣ୍ଡ ଘଟାଇଥିବା ସେହି ବସ୍ତିର ତିନି/ଚାରିଜଣ ନିଶା ବେପାରୀଙ୍କ ସହିତ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା । କଥା ଥାନା ପର୍ଯ୍ୟନ୍ତ ଆସିଥିବାବେଳେ କ୍ୟାପିଟାଲ ଥାନା ପୁଲିସ୍ ବି ସବୁ ଜାଣିଥିଲା । ତେବେ ମାମଲା ରୁଜୁ କରି ନିଶା ବେପାରୀଙ୍କୁ ସାବାଡ କରିବା ବଦଳରେ ପୁଲିସ୍ ରଫାଦଫା ଫର୍ମୁଲା ଆପେଣାଇଥିଲା । ଏଥିରେ କ୍ୟାପିଟାଲ ଥାନା ବାବୁମାନଙ୍କର ଦୁଇପଟୁ ଲାଭ ହେଉଥିଲା। ଗୋଟିଏ ପଟେ ମାମଲା ସଂଖ୍ୟା ବଢୁନଥିଲା ଓ ଅନ୍ୟପଟେ ପକେଟ ଗରମ ହେଉଥିଲା। କ୍ୟାପିଟାଲ ଥାନାର ପୂର୍ବ ଥାନାବାବୁଙ୍କ ସହିତ ବର୍ତ୍ତମାନର ଥାନା ବାବୁମାନେ ଯଦି ଠିକଣା ସମୟରେ ନିଶା ବେପାର ଉପରେ ପାହାର ଦେଇଥାନ୍ତେ ତେବେ ଆଜି ମହିଳା ନିଶାବେପାରୀର ନେତୃତ୍ୱରେ ବିଚ୍ ରାସ୍ତାରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିନଥାନ୍ତା । ହତ୍ୟାକାଣ୍ଡ ଘଟଣାରେ ଯେଭଳି ପୁଲିସ୍‌ର ବଡ ଅଧିକାରୀ ତତ୍ପର ହୋଇ ➢ପୃଷ୍ଠା-୬





ନୋଡାଲ ହାଇସ୍କୁଲ, କୋରୋ (କେନ୍ଦ୍ରାପଡ଼ା)ର ଛାତ୍ରଛାତ୍ରୀ ମାନେ ବିଧାନସଭା ପରିଭ୍ରମଣ ରେ ଆସିଥିବାବେଳେ ବିଧାନସଭାର ସଚିବ ଦାଶରଥି ଶତପଥୀ ଓ ବିଧାନସଭାର ଅନ୍ୟାନ ବରିଷ୍ଠ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି

# କାମ ନାଁରେ ରାସ୍ତା ଅବରୋଧ କରିଛନ୍ତି ଠିକାଦାର

## ଥାନା ସମ୍ମୁଖରେ ସରୁନି ଡ୍ରେନ୍ କାର୍ଯ୍ୟ



କେନ୍ଦ୍ରାପଡା,୯।୧ (ସଂଚାର ବ୍ୟୁରୋ): ଠିକାଦାର ଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ହଜାର ହଜାର ଲୋଲେ ନିୟମିତ ହନ୍ତସନ୍ତ ହେଉଛନ୍ତି। ଗାତ ଖୋଳି କଂକ୍ରିଟ ୱାଲ୍ କରିବାର ମାସେ ରୁ ଉର୍ଦ୍ଧ ସମୟ ବିତିଗଲାଣି ହେଲେ କାର୍ଯ୍ୟ ସରୁନି । ଯାହା ଫଳରେ ମୁଖ୍ୟ ପଥ ସମ୍ପୂର୍ଣ ବନ୍ଦ୍ ହୋଇ ରହିଛି । ଠିକାଦାର ଙ୍କ ମନମାନି ପାଇଁ ଅଞ୍ଚଳବାସି ଏଭଳି ସମସ୍ୟା ଭୋଗୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖାଲିଯେ ପଥଚାରୀ ହଇରାଣ ହେଉଛନ୍ତି ତାହା ନୁହେଁ ଏହା ସହ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର,ଥାନା,ବଜାର, ସାପ୍ତାହିକ ପରିବା ହାଟ ମଧ୍ୟ ଏଥିଲାଗି ସମସ୍ୟା ଭୋଗୁଛନ୍ତି। ଏଭଳି ସମସ୍ୟା ଗରଦପୁର ବ୍ଲକ୍ ପାଟକୁରା ରେ ଦେଖାଦେଇଛି। ପାଟକୁରା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏହି ସ୍ଥାନରେ ସରକାରୀ ମେଡିକାଲ୍,ବିଭିନ୍ନ କାର୍ଯ୍ୟାଳୟ,ଥାନା,ବ୍ୟାଙ୍କ୍ ଆଦି ଥିବା ହେତୁ ବଜାର ଉପରେ ନିର୍ଭର କରିଥାନ୍ତି । କିନ୍ତୁ ପାଟକୁରା ବଜାରରେ ବର୍ଷା ହେଲେ ଜଳ ନିଷ୍କାସନ ରେ ସମସ୍ୟା ଦେଖା ଦେବା ହେତୁ ନୂତନ କରି ଡ୍ରେନେଜ୍ କାର୍ଯ୍ୟ କରାଯାଉଛି । ଏହି କାର୍ଯ୍ୟ ପାଇଁ ପାଟକୁରା ଥାନା ସମ୍ମୁଖରେ ମୁଖ୍ୟ ରାସ୍ତାକୁ ଜେସିବି ଦ୍ୱାରା ଖୋଳି ଗଭୀର ଗାତ କରି ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଦେଇଛନ୍ତି । ଏକ ମାସ ବିତି ଯାଇଥିଲେ ସୁଦ୍ଧା ମୁଖ୍ୟ ଗୁରୁତ୍ପୂର୍ଣ୍ଣ ସ୍ଥାନକୁ ଠିକାଦାର ଏପର୍ଯ୍ୟନ୍ତ ଶେଷ କରୁନି କିମ୍ବା ଖାଲକୁ ମାଟି ପକାଇ ଖାଲ ଭର୍ତ୍ତି କରୁନି ଯାହା ଫଳରେ ଦୈନିକ ଯାତାୟାତ କରୁଥିବା ଲୋକେ ହଇରାଣ ହେଉଛନ୍ତି । ଏନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀ ଏବଂ ଠିକାଦାର ଙ୍କୁ କହିଥିଲେ ସୁଦ୍ଧା ଏଥିରେ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି ।

# ମନ୍ଦିରକୁ ବିପଦ ହେଲାଣି ବିଦ୍ୟୁତ ତାର



ପଟ୍ଟାମୁଣ୍ଡାଇ,୯।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନ ନଗର ପଞ୍ଚାୟତ ଚନ୍ଦନ ନଗର ଗ୍ରାମରେ ଥିବା ଶ୍ରୀଶ୍ରୀ ଚନ୍ଦ୍ରମଉଳି ମହାଦେବ ମନ୍ଦିର ରୋଷେଇ ଘର ଉପରେ ବିଦ୍ୟୁତ ତାର ସ୍ପର୍ଶ କଲାଣି। ବିଦ୍ୟୁତ ବିଭାଗର ଏଥିପାଇଁ ନଜର ପଡୁନି। ଗ୍ରାମବାସୀ ଏନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅଭିଯୋଗ ପରେ ମଧ୍ୟ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି ଲୋକେ। ବିପଦପୂର୍ଣ୍ଣ ଅବସ୍ଥାରେ ମନ୍ଦିର ପରିସରରେ ଝୁଲୁଛି ବିଦ୍ୟୁତ ତାର। ରୋଷେଇ ଘର ଛାତକୁ ଲାଗିଥିବା ତାର ବର୍ଷା ହେଲେ ଚାର୍ଜ ହୋଇ ଯାଉଛି। ରୋଷେଇ ଘର ଉପର ପରିସରରୁ ଅନ୍ୟତ୍ର ବିଦ୍ୟୁତ ତାର କୁ ସ୍ଥାନାନ୍ତରିତ କରିବାକୁ ବିଦ୍ୟୁତ ବିଭାଗ ଓ ରାଜ୍ୟ ସରକାରଙ୍କୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଗ୍ନିବିପନ୍ନ ପରିବାରକୁ ବିଧାୟକଙ୍କ ସହାୟତା



ମହାକାଳପଡ଼ା,୯।୧ (ସଂଚାର ବ୍ୟୁରୋ): ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଦୁଇ ପରିବାର ନିକଟରେ ସହାୟତା ଯୋଗାଇ ଦିଆଯାଇଛି। ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମର ବିଧବା ସତ୍ୟଭାମା ଓ ତାଙ୍କ ଭିନ୍ନକ୍ଷମ ଝିଅ ଲକ୍ଷ୍ମିପ୍ରିୟା ରାଉତ ଏକ ଭଙ୍ଗା ଦଦରା କୁଡ଼ିଆରେ ବଞ୍ଚୁଛନ୍ତି। ଝିଅ ଶତପ୍ରତିଶତ ଭିନ୍ନକ୍ଷମ, ଆଧାର କାର୍ଡ ନଥିବାରୁ ରାସନ୍ କାର୍ଡ ରୁ ଚାଉଳ ମିଳୁନି।ଏ ଘଟଣା ସଂଚାର ରେ ପ୍ରକାଶିତ ହେବା ପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସହାୟତା ମିଳୁଛି। ଏହି ଖବର ଜାଣିବା ପରେ ମହାକାଳପଡ଼ା ବିଧାୟକ ଙ୍କ ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ସରକାରୀ ସୁବିଧା ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କରଞ୍ଜ ପଞ୍ଚାୟତ କରଞ୍ଜ ଗ୍ରାମର କବିନ୍ଦ୍ର ସେଠୀଙ୍କ ଗୁହାଳ ଘର ଗତକାଲି ସମ୍ପୂର୍ଣ୍ଣ ଜଳି ଯାଇଛି। ଏହି ଘଟଣାରେ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦିଆଯାଇଛି।

## ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୯।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଯମପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ରବିବାର ଦିନ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। କିମ୍ସ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି ମେଗା ସ୍ୱାସ୍ଥ୍ୟ ସେବା ଶିବିର ଚଳିତ ମାସ ୧୨ ତାରିଖ ରବିବାର ସକାଳ ୯ ଟାରେ ଆରମ୍ଭ ହେବ। ଏହି ଶିବିର କଳିଙ୍ଗ ଇନଷ୍ଟ୍ୟୁଟ ଅଫ ମେଡିକାଲ ସାଇନ୍ସର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆୟୋଜିତ ହେବ। ଏହି ଶିବିରରେ ମେଡିସିନ, ଶିଶୁରୋଗ, ହୃଦରୋଗ, ଚର୍ମ ଇତ୍ୟାଦି ବିଭାଗର ଡାକ୍ତର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରିକ୍ଷା କରାଯାଇ ରୋଗି ମାନଙ୍କୁ ମାଗଣାରେ ଓଷଧ ଯୋଗାଇ ଦିଆଯିବ। ଏହି ଶୀବୀରରେ କିମ୍ସ ମେଡିକାଲ ର ଡ଼ଃ ହରିଣ ଚୌଧୁରୀ, ସମାଜ ସେବୀ ଦିଲ୍ଲୀପ ନାୟକ, ସରପଞ୍ଚ ମନୋଜ ପରିଡା, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ନାୟକ, ପହଁଚି ଲୋକମାନେ ସ୍ୱାସ୍ଥ୍ୟ ଶେବାର ସୁଯୋଗ ଉଠାଇ ବାକୁ ଆୟୋଜକ ମାନଙ୍କ ପକ୍ଷରୁ ଅନୁରୋଧ କରିଛନ୍ତି। ସାମ୍ବାଦିକ ସରୋଜ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଉପରେ ଭାଷାର ପ୍ରଭାବ କର୍ମଶାଳା




ଗରଦପୁର,୯।୧ (ସଂଚାର ବ୍ୟୁରୋ): ମଣିଷ ବଞ୍ଚିବା ପାଇ ଯେପରି ଅମ୍ଳଜାନ ଆବଶ୍ୟକ ସେପରି ଭାଷା ମଧ୍ୟ ଜରୁରୀ ଅଟେ । ସାରା ବିଶ୍ୱ ଭାତୃତ୍ୱ ଡୋରରେ ବନ୍ଧା ହୋଇଥିଲେ ବି କୋଣ ଅନୁକୋଣ ହେଉ ଅବା ଦେଶ ଅବା ମହାଦେଶ ମଧ୍ୟରେ ଭାଷା ହି ପରିଚୟ ସୃଷ୍ଟି କରି ବିଶ୍ୱ ଉପରେ ପ୍ରଭାବ ପକାଇ ସମ୍ପର୍କର ସେତୁ ବାନ୍ଧି ପାରିଛି ବୋଲି ବିଶିଷ୍ଟ କଥାକାର ତଥା କୁଜଙ୍ଗ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡ଼ ସୃଷ୍ଟି ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟରେ କହିଛନ୍ତି । ଗତ ବୁଧବାର ଗରଦପୁର ବ୍ଲକ ଲୋକନାଥ ମହାବିଦ୍ୟାଳୟ ପରିସରରେ ଇଂରାଜୀ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ବିଶ୍ୱ ଉପରେ ଭାଷାର ପ୍ରଭାବ ଶ୍ରୀର୍ଷକ ଆଲୋଚନା ରେ ଇଂରାଜୀ ବିଭାଗ ର ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ଦିଲ୍ଲିପ କୁମାର ସାହୁଙ୍କ ସଂଯୋଜନା କରିବା ସହ ସ୍ୱାଗତ ଅବିଭାଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଓଡିଆ ୱିଭାଗର ବିଭାଗୀୟ ମୁଖ୍ୟ ପ୍ରଧ୍ୟାପିକା ଡ଼ ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଅଧ୍ୟାପିକା ଏଲିନା ପରିଡା, ସେହ୍ନାଞ୍ଜଳି ମହାପାତ୍ର, ଚିନ୍ମୟୀ ଜେନା, ଯୋଗ ଦେଇ ଭାଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ରୋହିତ ଏକ୍କା, ସତ୍ୟବ୍ରତ ଜେନା, ଅଧ୍ୟାପିକା ପୁଷ୍ପଲତା ଶତପଥୀ, ସସ୍ମିତା ଆଚାର୍ଯ୍ୟ , ଲୋପାମୁଦ୍ରା ମହାପାତ୍ର ଙ୍କ ସମେତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିବା ବେଳେ ଅଧ୍ୟାପିକା ଐଶ୍ୱର୍ଯ୍ୟା ମିଶ୍ର ଅତିଥି ପରିଚୟ କରିଥିବା ବେଳେ ରିଲୁଶ୍ରୀ ସାମନ୍ତରାୟ ଧନ୍ୟୱାଦ ଅର୍ପଣ କରିଥିଲେ ।

● ପ୍ରିମିୟର ଲିଗ ଉଦ୍‌ଯାପିତ

# କୋଲରକୁ ହରାଇ ତିକନପୁର ଚାମ୍ପିଅନ୍



ଗରଦପୁର,୯।୧ (ସଂଚାର ବ୍ୟୁରୋ): ବେଲ ବରୁଣେଇ କ୍ରିକେଟ ଆସୁଏସେସନ ତିକନପୁର ପକ୍ଷରୁ ତିକନପୁର ପ୍ରିମିୟର ଲିଗ ସିଜିନ ୨ କ୍ରିକେଟ ଟୁର୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଗରଦପୁର ବ୍ଲକ ତିକନପୁର ଖେଳପଡିଆରେ ଆୟୋଜିତ ଏହି ଟୁର୍ଣାମେଣ୍ଟ ରେ ମହାବୀର କ୍ରିକେଟ ଟିମ କୋଲର କୁ ହରାଇ ବେଲ ବରୁଣେଇ କ୍ରିକେଟ ଟିମ ତିକନପୁର ଚମ୍ପାୟନ ହୋଇଛି । ଗୁରୁବାର ଫାଇନାଲ ଖେଳରେ ଟସ ଜିତି ପ୍ରଥମେ କୋଲର ଟିମ ନିର୍ଦ୍ଧାରିତ ୧୮ ଓଭର ବ୍ୟାଟିଙ୍ଗ କରି ସମସ୍ତ ଓ୍ୱକେଟ ହରାଇ ୧୭୧ ରନ କରିଥିଲା । ଏହାର ଜବାବରେ ତିକନପୁର ମାତ୍ର ୧୩ ଓଭର ୪ ଟି ବଲରେ ୪ ଓ୍ୱକେଟ ହରାଇ ଅଧିନାୟକ ଙ୍କ ଶେଷ ୬ ରନ ବଲରେ ୨୭୬ ରନ କରି ଚମ୍ପାୟନ ହୋଇଛି। ଏହି ଖେଳରେ ସାଇ ସତ୍ୟଜିତ ଦାସ ମ୍ୟାନ ଅଫ ସିରିଜ ହୋଇଥିବା ବେଳେ ସୂର୍ଯକାନ୍ତ ସାହୁ ଓ ସୁନିଲି କୁମାର ସ୍ୱାଇ ଯଥାକ୍ରମେ ମ୍ୟାନ ଅଫ ମ୍ୟାଚ ହୋଇଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେପି ନେତା ତଥା ମୁଖପାତ୍ର ତେଜେଶ୍ୱର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପାୟନ ଟିମଟୁ ଟ୍ରଫି ସହ ନଗଦ ଆର୍ଥିକ ରାଶି ପ୍ରଦାନ କରିଥିଲେ ।

# ବାଲି ଖାଦାନକୁ ନେଇ ଅଶାନ୍ତ ଗରଦପୁର

## ରାତିରେ ମାଫିଆ ଓ ଗ୍ରାମବାସୀ ମୁହାଁମୁହିଁ

● ଭାଙ୍ଗିଲେ ଜେସିବି ଓ ଦୁଇ ବାଇକ୍

● ଭୟରେ ଦୌଡି ପଳାଇଲେ ବାଲି ମାଫିଆ



କେନ୍ଦ୍ରାପଡା,୯।୧ (ସଂଚାର ବ୍ୟୁରୋ): ବାଲି ଖାଦାନ କୁ ନେଇ ଉତ୍ତେଜନା ଦେଖାଦେଇଛି। ଦୁଇ ଗୋଷ୍ଠିଙ୍କ ମୁହାଁ ମୁହିଁ ଯୋଗୁ ଗୁରୁବାର ଗରଦପୁର ଅଞ୍ଚଳ ଅଶାନ୍ତ ହୋଇଛି । ସ୍ଥାନୀୟ ପାଟକୁରା ପୋଲିସ ର ନିରବତା ଅବଲମ୍ବନ ବା ବାଲି ମାଫିଆଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ଯୋଗୁଁ ଏଭଳି ସମସ୍ୟା ଉପୁଜୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଚିତ୍ରୋତ୍ପଳା ନଦୀରୁ ବେଆଇନ ବାଲି ଉଠାଣକୁ ଗ୍ରାମବାସୀ ବିରୋଧ କରିବାରୁ ବୁଧବାର ରାତିରେ ଉଭୟ ଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ବାଲି ମାଫିଆ ଓ ଗ୍ରାମବାସୀଙ୍କ ମଧ୍ୟରେ ଏହି ମାରପିଟ ଗତ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ବାଲି ମାଫିଆଙ୍କ ୨୦ରୁ ଉର୍ଦ୍ଧ୍ୱ ସହଯୋଗୀଙ୍କ ସହିତ ଗରଦପୁର ବ୍ଲକର ପହଣାପନ୍ଦିଆ ଗ୍ରାମବାସୀଙ୍କ ମଧ୍ୟରେ ଯୁଧ୍ୟ ହୋଇଛି । ଜଣେ ମହିଳାଙ୍କୁ ବାଲି ମାଫିଆ ଆକ୍ରମଣ କରିବାରୁ ଗ୍ରାମବାସୀ ଉତେଜିତ ହୋଇଥିଲେ । ଆକ୍ରମଣ ଓ ପ୍ରତି ଆକ୍ରମଣରେ ୫ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି। ଏନେଇ ପାଟକୁରା ଥାନା ପୋଲିସକୁ ଗ୍ରାମବାସୀ ଫୋନ କରି ଡକାଇଥିଲେ ମଧ୍ୟ ଘଟଣାସ୍ଥଳକୁ କେହି ଆସିନଥିବା ଅଭିଯୋଗ ହୋଇଛି । ଫଳରେ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ମାରଣାସ୍ତ୍ର ଧରି ମାଫିଆଙ୍କୁ ଗୋଡ଼ାଇବାରୁ ଘଟଣାସ୍ଥଳରେ ବାଇକ ଓ ଜେସିବି ଛାଡ଼ି ମାଫିଆ ଓ ତାଙ୍କ ସହଯୋଗୀ ଦୌଡି ପଳାଇଥିଲେ। ମାଫିଆ ଛାଡ଼ି ଚାଲି ଯାଇଥିବା ଦୁଇଟା ବାଇକ ଓ ଜେସିବିକୁ ଅନ୍ୟ ଏକ ଗୋଷ୍ଠୀ ଭାଙ୍ଗି ଚୁରମାର କରିଦେଇଛନ୍ତି। ଏହାପରେ ମାଫିଆ ହାତରେ ବନ୍ଧୁକ ଏବଂ ମାରଣାସ୍ତ୍ର ଧରି ସ୍ଥାନୀୟ ଅଞ୍ଚଳରେ ଭୟଭୀତ କରାଇଥିଲେ । ଗ୍ରାମବାସୀ ଏଥିରେ ଭୟଭୀତ ଅବସ୍ଥାରେ ଥିବା ସହିତ ଘଟଣା ସ୍ଥଳକୁ ଯିବାକୁ ଭୟ କରୁଥିବା ନେଇ କହିଛନ୍ତି। ଏନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବା ସହିତ ତୁରନ୍ତ ଏହି ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ

ଡେରାବିଶ,୯।୧ (ସଂଚାର ବ୍ୟୁରୋ): ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦ୍ୱାରା ଗୁରୁବାର ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ସୁଦର୍ଶନ ନୋଡାଲ ଉଚ୍ଚବିଦ୍ୟାଳୟ, ଲକ୍ଷ୍ମୀନାରାୟଣପୁର ପ୍ରାଥମିକ ବିଦ୍ୟାଳୟ, ଜାଗୁଳେଇପଡ଼ା ଦେଶପୁର ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଅନୁଆପଡ଼ା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ମହାପାତ୍ର ବ୍ଲକ ଅଧୀନସ୍ଥ ଗୁଆଳସିଂ ପଂଚାୟତ ଠାକୁରହାଟ ସ୍ଥିତ ସୁଦର୍ଶନ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ନିର୍ମିତ ହେବାକୁ ଥିବା ଶ୍ରେଣୀଗୃହର ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସରପଂଚ ମଧୁସ୍ମିତା ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନକଲତା ରାଉତ, ସିଆରସିସି କନକଲତା ପୃଷ୍ଟି ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ପରେ ବିଧାୟକ ଶ୍ରୀ ମହାପାତ୍ର ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ନିର୍ମିତ ହେବାକୁଥିବା ଶ୍ରେଣୀଗୃହର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ସରପଂଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନିନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ମଙ୍ଗୁଳି ମାଝିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।



## ସମାଜସେବୀ ମହିଳା ପରିଷଦର କାର୍ଯ୍ୟକାରିଣୀ ସମାବେଶ



କେନ୍ଦ୍ରାପଡ଼ା,୯।୧ (ସଂଚାର ବ୍ୟୁରୋ): ରାଷ୍ଟ୍ରୀୟ ସମାଜସେବୀ ମହିଳା ପରିଷଦ ର କାର୍ଯ୍ୟକାରିଣୀ ସମାବେଶ କେନ୍ଦ୍ରାପଡ଼ା ପୌରପାଳିକା ଟାଉନ ହଲ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରୀୟ ସମାଜସେବୀ ମହିଳା ପରିଷଦ ର ପ୍ରମୁଖ ମହାସଚିବ ଡକ୍ଟର ବିଜୟ କିଶୋର ଚକ୍ରବର୍ତ୍ତୀ ଓ ପ୍ରୀତି ଚକ୍ରବର୍ତ୍ତୀ ଯୋଗ ଦେଇଥିବା ଥିବ ବେଳେ ଅନ୍ୟ ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସମାଜସେବୀ ମହିଳା ପରିଷଦ ଅଧ୍ୟକ୍ଷା ପଦ୍ମାବତୀ ଦେହୁରୀ,ମଣ୍ଡଳ ସମ୍ପାଦକ ବିଶ୍ୱଜିତ ଦାସ,କଟକ ଜିଲ୍ଲା ଅଧ୍ୟକ୍ଷ ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମାବେଶ ଅବସରରେ ସମାଜ ପାଁଇ ଅବଦାନ ରହିଥିବା କିଛି ସମାଜସେବୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା । ରାଷ୍ଟ୍ରୀୟ ସମାଜସେୱୀ ମହିଳା ପରିଷଦ ରେ କାର୍ଯ୍ୟରତ ଓଡ଼ିଶାର ଅନେକ ଜିଲ୍ଲାର ମୁଖ୍ୟ ଏବଂ କର୍ମକର୍ତ୍ତା ଏହି ସମାବେଶ ରେ ଯୋଗ ଦେଇଥିବା ବେଳେ ଉଲେଖନୀୟ ଅବଦାନ ଏବଂ ଦାଇତ୍ୱ ସମ୍ପାଦନ ପାଁଇ ସମାଜସେବୀ ମହିଳା ମାନଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବୋଧିତ କରାଯାଇଥିଲା। ପ୍ରମୁଖ ରାଷ୍ଟ୍ରୀୟ ମହାସଚିବ ଡକ୍ଟର ବିଜୟ କିଶୋର ଚକ୍ରବର୍ତ୍ତୀ ଏବଂ ପ୍ରୀତି ଚକ୍ରବର୍ତ୍ତୀ ରାଷ୍ଟ୍ରୀୟ ସମାଜସେବୀ ପରିଷଦ ବିଷୟରେ ଅନେକ ତଥ୍ୟ ରଖିବା ସହିତ ସମାଜରେ ସମସ୍ତଙ୍କର ସାମାଜ ପାଁଇ ଅନେକ ଅବଦାନ ରହିଛି ବୋଲି ମଧ୍ୟ କହିଥିଲେ।

## ଅର୍ବାନ ବ୍ୟାଙ୍କର ୨୯ତମ ପ୍ରତିଷ୍ଠା ଦିବସ



ପଟ୍ଟାମୁଣ୍ଡାଇ,୯।୧ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କ ଶାଖା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ମୁଖ୍ୟଅତିଥି, ଜେନେରାଲ ମ୍ୟାନେଜର (ଅପରେସନ) ସୁରେଶ ଚନ୍ଦ୍ର ପରିଡା ମୁଖ୍ୟବକ୍ତା, ଆଳି ଶାଖା ନିର୍ଦ୍ଦେଶକ କଳ୍ପତରୁ ମହାପାତ୍ର ସମ୍ମାନିତଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଶାଖା ଉତ୍ତମ ଗ୍ରାହକ ସେବା ଯୋଗାଇ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ସମକକ୍ଷ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ଗ୍ରାହକ ମାନଙ୍କୁ ସୂଚନା ଦେଇଥିଲେ। ଶାଖା ନିର୍ଦ୍ଦେଶକ ଶ୍ରୀପ୍ରଧାନ ଅର୍ବାନ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କର ଅବଦାନ, ଓ ବର୍ତ୍ତମାନର ସଭାପତି ଗୁରୁ ପ୍ରସନ୍ନ ମହାନ୍ତି ବ୍ୟାଙ୍କକୁ ଆଗେଇ ନେବାର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ନେଇଗଲେ ଦୁର୍ବୃତ୍ତ



କେନ୍ଦ୍ରାପଡା,୯।୧ (ସଂଚାର ବ୍ୟୁରୋ): ରାତି ହେଲେ ଦୁର୍ବୃତ୍ତ ମାନେ ଆତଙ୍କ ଖେଳାଉଛନ୍ତି । ତାର କାଟି ବିଭିନ୍ନ ଗାଁ ମାନଙ୍କରେ ଅନ୍ଧାର ସୃଷ୍ଟି କରିଦେଇଛନ୍ତି । ଏହା ପରେ ବିଦ୍ୟୁତ ଟ୍ରାନ୍ସଫୋରମର କାଟି ନେଉଛନ୍ତି । କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ ଅଧିନରେ ଥିବା ବିଭିନ୍ନ ସବ ଡିଭିଜନ ଅଧିନରେ ବିଦ୍ୟୁତ୍ ଟ୍ରାନ୍ସଫୋରମର ଚୋରୀ ହେଉଥିବାର ଜଣାପଡିଛି । ଉଚ୍ଚ କ୍ଷମତା ସଂପନ୍ନ ବିଦ୍ୟୁତ୍ ଟ୍ରାନ୍ସଫୋରମର ଗୁଡିକୁ ଚୋରୀ କରିବାରେ ସକ୍ଷମ ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ ଅଧିନରେ ଥିବା ଛତା ପାଣ୍ଡୁଆ ଅଂଚଳରୁ ଗୋଟିଏ ବିଦ୍ୟୁତ୍ ଟ୍ରାନ୍ସଫୋରମର ଚୋରୀ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ସବ ଡିଭିଜନ ଅଧିନରେ ଥିବା କୈଳାସୀ ଗ୍ରାମର ଓ ଚଉଦକୁଲାଟ ରୁ ଏହିଭଳି ଭାବରେ ଟ୍ରାନ୍ସଫୋରମର ଚୋରୀ କରିବାରେ ଚୋରମାନେ ସକ୍ଷମ ହୋଇଛନ୍ତି । ଏହି ୩ଗୋଟି ବିଦ୍ୟୁତ୍ ଟ୍ରାନ୍ସଫୋରମର ଆନୁମାନିକ ମୁଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଚୋରମାନେ ବିଦ୍ୟୁତ୍ ସଂପର୍କରେ ଅବଗତ ଥିବା ଟ୍ରାନ୍ସଫୋରମର ରେ ବିଦ୍ୟୁତ୍ ତାର କୁ ଆଗେ ବିଚ୍ଛିନ୍ନ କରି ପରେ ଏହି ଟ୍ରାନ୍ସଫୋରମର କୁ ଗାଡି ସାହାଯ୍ୟରେ ଚୋରୀ କରି ନେଉଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି ବୋଲି ଏସଡିଓ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି ।

# ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଝୁଲିଲା ତାଲା



ବାଲିଆପାଳ,୯।୧ (ସଂଚାର ବ୍ୟୁରୋ): ୧୯୮୧ ମସିହାରେ ବାଲିଆପାଳ ଏବଂ ଏହାର ଆଖପାଖ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ସାଧୁ ଉଦ୍ୟମ ବଳରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତ ଅଫିସ ଆନିକଟରେ ଗଢିଉଠିଥିଲା ଏକ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ। ଦୀର୍ଘ ଚାରି ଦଶନ୍ଧି ଧରି ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ଛାତ୍ରଛାତ୍ରୀ ଏଠାରୁ ପାଠପଢି ସଫଳତାର ସହିତ ଉତିର୍ଣ୍ଣ ହୋଇ ଦେଶର ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଖେଳ ଶିକ୍ଷକ ଭାବରେ ନିଯୁକ୍ତି ପାଇ ଖେଳାଳୀ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ଶିକ୍ଷା ମହାବିଦ୍ୟାଳୟ ପ୍ରତିଷ୍ଠା ଠାରୁ ୨୦୦୫ ମସିହା ପର୍ଯ୍ୟନ୍ତ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ପରିଚାଳନା କମିଟି ମୁଖ୍ୟ ଭାବରେ ଦାୟିତ୍ୱ ତୁଲାଇଥିଲେ। ୨୦୦୫ମସିହାରେ ମହାବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଅତିରିକ୍ତ ଜିଲ୍ଲାପାଳଙ୍କ ହାତକୁ ଯାଇଥିଲା।ପରେ ୨୦୦୭ମସିହାରେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। କୃଷି ବୈଜ୍ଞାନିକ ଡ. ଅଦ୍ୱୈତ କୁମାର ପାତ୍ର ପରିଚାଳନା କମିଟିର ସଭାପତି ଭାବରେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ମହାବିଦ୍ୟାଳୟ ପ୍ରତିଷ୍ଠା ସମୟରେ ମହାବିଦ୍ୟାଳୟକୁ ଜମି ବିକ୍ରି କରି ତାର ପ୍ରାପ୍ୟ ନେଇଥିଲେ। ମାତ୍ର ତତ୍କାଳୀନ ପରିଚାଳନା କମିଟି କୌଣସି କାରଣ ପାଇଁ କବଲାର ନାମ ଜାରି ନକରିବା ଯୋଗୁଁ ଜମିର ମାଲିକାନା ସ୍ୱତ୍ୱ ପୁଣିଥରେ ଜମି ବିକ୍ରି କରି ଥିବା ଲୋକଙ୍କ ନାମିତ ହୋଇଯିବା ଏବଂ ତାଙ୍କର ପରପିଢି ଜମିର ମାଲିକାନା ପାଇଁ ଦୀର୍ଘ ଦିନ ଧରି ଆନ୍ଦୋଳନ କରି ଆସୁଥିଲେ।ଏହି ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ସୁଶାନ୍ତ କୁମାର ଦେଙ୍କୁ ପରିଚାଳନା କମିଟି ଅଧ୍ୟକ୍ଷ ପଦରୁ ହଟାଇ ଉପାଧ୍ୟକ୍ଷ ତଥା ମେମ୍ବର ସଚିବ ଡ଼. ଶ୍ରୀକାନ୍ତ ମିଶ୍ରଙ୍କୁ ଅଧ୍ୟକ୍ଷ ପଦରେ ବସାଇବା ଫଳରେ ପୂର୍ବତନ ଅଧ୍ୟକ୍ଷ ଡ଼ଃ. ସୁଶାନ୍ତ କୁମାର ଦେ ୨୦୨୪ମସିହାରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

## ନାହିଁ ଶୀତଳ ଭଣ୍ଡାର, କ୍ଷତି ସହୁଛନ୍ତି ରବି ଚାଷୀ

ବାଲିଆପାଳ,୯।୧ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅଞ୍ଚଳରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ରବି ଚାଷରେ ବର୍ଷ ବର୍ଷ ଧରି ଚାଷୀ କ୍ଷତି ସହୁଛନ୍ତି।ସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ନେଇ କୌଣସି ଯୋଜନାନାହିଁ। ଘରୋଇ ଉଦ୍ୟମରେ ଯେଉଁ ଶୀତଳ ଭଣ୍ଡାର ହେବା କଥା ତାହା ମଧ୍ୟହେଉ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେଦାବି କରିଛନ୍ତି।ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଅବବାହିକା ଓବଙ୍ଗୋପ ସାଗର ଉପକୂଳରେ ଶୀତ ଦିନରେ ଚିନା ବାଦାମ, ଡାଲି ଜାତୀୟଫସଲ, କୋବି, ବିଲାତି ବାଇଗଣ, କଲରା, କଖାରୁ, ପୋଟଳ, ଶିମ୍ବ, ଆଳୁ, ପିଆଜ, ରସୁଣ ଆଦି ପ୍ରଚୁର ପରିମାଣରେ ଚାଷ ହୁଏ। ଅମଳ ସମୟରେଉତ୍ପାଦିତ ଫସଲ ଗୁଡିକର ମୂଲ୍ୟ ଅତି କମ ରହୁଛି।

# ରକ୍ତଦାନ ପାଇଁ ବଦଳାଇଥିଲେ ଜୀବନ ଚର୍ଯ୍ୟା



ମହାକାଳପଡ଼ା,୯।୧ (ସଂଚାର ବ୍ୟୁରୋ): ବହୁତ ଥର ରକ୍ତଦାନ କରିବା ପାଇଁ ବିଭିନ୍ନ ରକ୍ତଦାନ ଶିବିର ଓ ମେଡିକାଲ୍ କୁ ଯାଇ ବିଫଳ ହୋଇଛନ୍ତି। ରକ୍ତରେ ହିମୋଗ୍ଲୋବିନ ର ମାତ୍ରା କମ୍ ରହୁଥିବାରୁ ଡାକ୍ତର ତାଙ୍କୁ ରକ୍ତଦାନ ପାଇଁ ମନା କରୁଥିଲେ। ରକ୍ତଦାନ ପାଇଁ ନିଜର ଇଛା ଥିବା ସତ୍ତ୍ୱେ ଡ଼ାକ୍ତରଙ୍କ ବାରଣ ତାଙ୍କୁ ନିରାଶ କରୁଥିଲା ଦେହର ହିମୋଗ୍ଲୋବିନ ର ମାତ୍ରା ବୃଦ୍ଧି କରିବା ପାଇଁ ସେ ସେବେଠାରୁ ବିଭିନ୍ନ ପ୍ରୟାସ ଆରମ୍ଭ କରି ଆଜି ସଫଳ ହୋଇଛନ୍ତି। ସେଥିପାଇଁ ତାଙ୍କୁ ଖାଦ୍ୟରେ ନିୟନ୍ତ୍ରଣ, ନିୟମିତ ବ୍ୟାୟାମ ଆଦି କରିବାକୁ ପଡୁଥିଲା। ତାଙ୍କର ଏହି ନିୟମିତ ଅଭ୍ୟାସ ପ୍ରଥମଥର ପାଇଁ ତାଙ୍କୁ ଜଣେ ରକ୍ତଦାତା ଭାବରେ ପରିଣତ କରିଛି। ଯେଉଁ ଆଶା ଓ ଉଦ୍ଦେଶ୍ୟ ନେଇ ସେ ଏମିତି ପ୍ରୟାସ ଜାରି ରଖିଥିଲେ ତାହା ଆଜି ସଫଳ ରୂପାୟନ ହୋଇଛି। ଜୀବନର ପ୍ରଥମ ରକ୍ତଦାନ କରିଥିବା ରୁ ସେ ବହୁତ ଖୁସି ଥିବା କହିଛନ୍ତି। ରକ୍ତଦାନ କରିବା ପାଇଁ ଜଣେ ଯେ ଏମିତି ଅଭ୍ୟାସ ବଦଳାଇ ପାରିବ ତାହା ବୋଧହୁଏ ଆପଣ ପ୍ରଥମ ଥର ଶୁଣୁଥିବେ। ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ମଙ୍ଗୁଳି ଚରଣ ବେହେରାଙ୍କ ଝିଅ ଡଲି ବେହେରାଙ୍କ ପାଖରେ ଦେଖା ଦେଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଧାୟକ ତଥା ଉଦ୍ୟୋଗୀ ଦିଲ୍ଲିପ ରାୟଙ୍କ ଜନ୍ମଦିବସ ଅବସରରେ ମଞ୍ଚେଶ୍ୱର ଲା ଫିଏଷ୍ଟା ମଣ୍ଡପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯାହାକୁ ୟୁଥ୍ ଭଏସ୍ ତରଫରୁ ଆୟୋଜନ କରିଥିଲା। ଏହି ଶିବିରରେ ଡ଼ଲି ବେହେରା ପହଞ୍ଚି ରକ୍ତଦାନ ପାଇଁ ନିଜର ନାମ ପଞ୍ଜିକୃତ କରିଥିଲେ। ପୂର୍ବଭଳି ଘଟଣା ତାଙ୍କ ସହିତ ନଘଟୁ ବୋଲି ସେ ମନରେ ଭାବୁଥିଲେ। ହେଲେ ଡ଼ାକ୍ତରଙ୍କ ପରୀକ୍ଷା ପରେ ସେ ରକ୍ତଦାନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଡାକ୍ତର କହିଥିଲେ। ଏହା ଶୁଣି ସେ ଖୁସିର ଲୁହ ଗଡ଼ାଇ ଦେଇଥିଲେ। ବହୁତ ଦିନ ଅପେକ୍ଷାର ଅନ୍ତ ଘଟିଛି ବୋଲି ସେ କହିଛନ୍ତି। କଥାରେ ଅଛି ରକ୍ତଦାନ ମହତ ଦାନ।ବିଭିନ୍ନ ସମୟରେ ରକ୍ତ ଅଭାବରୁ କୋଉଠି ନା କୋଉଠି କାହାରି ଜୀବନ ଯାଉଛି। ରକ୍ତଭଣ୍ଡାରରେ ରକ୍ତର ଅଭାବ ଯୋଗୁଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି।

# କଟକରେ ପାଳନ ହେବ 'ପରାକ୍ରମ ଦିବସ'

**କଟକ,୯।୧(ସଂଚାର ବ୍ୟୁରୋ):** ଚଳିତବର୍ଷ ଜନ୍ମସ୍ଥାନରେ ପାଳିତ ହେବ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବା 'ପରାକ୍ରମ ଦିବସ' । ଜାନୁଆରୀ ୨୩ ତାରିଖରେ କଟକରେ ଥିବା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ସତ୍ୟବ୍ରତ ଷ୍ଟାଡିୟମରେ ଏହି ୩ ଦିନିଆ ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଯୁଗ୍ମ ସଚିବ ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ବରିଷ୍ଠ ଅଧିକାରୀମାନେ ଆଜି ଉଭୟ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ କଟକରେ ହୋଇଥିଲା । ତେଣୁ କଟକ ଓଡ଼ିଆ ବଜାର ସ୍ଥିତ ତାଙ୍କ ପୈତୃକ ବାସଭବନରେ ତିନି ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ଏବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ଆଜି ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି । ବର୍ଷ ୨୦୨୧ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନେତାଜୀ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ଘୋଷଣା କରାଯାଇଥିଲା । ସେବେଠାରୁ ପ୍ରତ୍ୟକ ବର୍ଷ ନେତାଜୀ ଜୟନ୍ତୀରେ ଏହାକୁ ଜାତୀୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହାର ପ୍ରଥମ ବର୍ଷ କାର୍ଯ୍ୟକ୍ରମ କୋଲକାତାରେ ଆୟୋଜନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ଚଳିତଥର ଏହି କାର୍ଯ୍ୟକ୍ରମ କଟକରେ




ଆୟୋଜିତ ହେବାକୁ ଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ମାତ୍ର ଏନେଇ ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇନି । ଚଳିତବର୍ଷ ଏହି ଦିବସର ଆୟୋଜନ କଟକରେ କରିବା ପାଇଁ ସଂସ୍ଥାକୁ ଦାୟିତ୍ୱ ମିଳିଥିବା 'ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ'ର ଅତିରିକ୍ତ ମହାନିର୍ଦ୍ଦେଶକ ଆନନ୍ଦ ମଧୁକର ସ୍ପଷ୍ଟ କରିଛନ୍ତି । ସେହିପରି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗୁରମିତ ସିଂ ଚାୱଲା କହିଛନ୍ତି,'' ଏହି ଦିବସରେ ୩ ଦିନ ବ୍ୟାପୀ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନେତାଜୀଙ୍କ ସଂଗ୍ରାମମୟ ଜୀବନ ସହ ଜଡିତ ଘଟଣାବଳୀକୁ ପ୍ରଦର୍ଶିତ କରାଯିବ। ଯେଉଁଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ମଧ୍ୟ ଦର୍ଶକ ଆସିବେ ଓ ନେତାଜୀଙ୍କ ପରାକ୍ରମ ସମ୍ପର୍କରେ ଜାଣିବାକୁ ପାଇବେ । ଏହି ଦିବସରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଆସିବା ନେଇ ଯେଉଁ ସୂଚନା ରହିଥିଲା, ତାହା ଆଉ ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ।''

ପ୍ରବାସୀ ଭାରତୀୟ ସମ୍ମିଳନୀ

# ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରେଳ, ସୂଚନା ଓ ପ୍ରସାରଣ ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟ ଦିବସ ଆୟୋଜନରେ ଯୋଗଦେଇ କହିଛନ୍ତି ଯେ ଓଡ଼ିଶାରେ ଏହି ବୃହତ ସମ୍ମିଳନୀ ବହୁସଂଖ୍ୟକ ପ୍ରବାସୀ ଭାରତୀୟଙ୍କୁ ଭାରତର ସ୍ପନ୍ଦନଶୀଳ ଐତିହ୍ୟ ଓ ସଂସ୍କୃତିକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାର ସୁଯୋଗ ପ୍ରଦାନ କରିବ। ଏହି ଅବସରରେ ସେ କହିଛନ୍ତି ଯେ ପର୍ଯ୍ୟଟନ ପାଇଁ ସଂଯୋଗୀକରଣ ଉନ୍ନତି ମଧ୍ୟ ଏକ ପ୍ରମୁଖ ପ୍ରାଥମିକତା। ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଥିବାବେଳେ ମହାକୁମ୍ଭ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସମେତ ଉନ୍ନତ ଟ୍ରେନ୍ ସେବା ପ୍ରଚଳନ କରିବାର ଯୋଜନା ମଧ୍ୟ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଏକ ସ୍ଥାୟୀ ଓ ସ୍ୱାବଲମ୍ବୀ ଶକ୍ତି ଭବିଷ୍ୟତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହ ଶ୍ରୀ ବୈଷ୍ଣବ ଭାରତୀୟ ରେଳପଥକୁ ନବୀକରଣୀୟ



ଶକ୍ତି ଉତ୍ସକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶକ୍ତି ସଂରକ୍ଷଣ ଓ ପରିବହନରେ ଦକ୍ଷତାକୁ ପ୍ରୋତ୍ସାହିତ କରିବାରେ ରେଳପଥର ଭୂମିକା ଉପରେ ଆଲୋକପାତ କରିବା ସହ କେନ୍ଦ୍ର ମନ୍ତ୍ରୀ ନବୀକରଣୀୟ ଶକ୍ତି କ୍ଷେତ୍ର ମଧ୍ୟରେ ନବସୃଜନ ପାଇଁ ରେଳପଥର ଯୋଜନା ବିଷୟରେ ଆଲୋଚନା କରିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ରେଳବାଇ ଶକ୍ତି ସଂରକ୍ଷଣ ପଦକ୍ଷେପ କାର୍ଯ୍ୟକାରୀ କରିବା ସହ ନବୀକରଣୀୟ ଶକ୍ତି ସମାଧାନରେ ନିବେଶ କରି ଭାରତର ଶକ୍ତି ଆତ୍ମନିର୍ଭରଶୀଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସକାଶେ ପ୍ରତିବଦ୍ଧ। ଭାରତ ନବୀକରଣୀୟ ଶକ୍ତିକୁ ପରିବର୍ତ୍ତନ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ ଦିଗରେ ଆଗୁଆ ରହିଛି। ଶକ୍ତି ସଂରକ୍ଷଣ ଓ ସ୍ଥାୟିତ୍ୱ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଦିଗରେ ଇରେଡା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ହେଉଛି। ସୌର ଶକ୍ତି, ଜୈବ ଇନ୍ଧନ ଓ ସବୁଜ ହାଇଡ୍ରୋଜେନ ସମେତ ନବୀକରଣୀୟ ଶକ୍ତିରୁ ୯୦ ପ୍ରିଶତ ଶକ୍ତି ଉତ୍ସ କରି ଭାରତ ଶକ୍ତି ବ୍ୟବହାରକୁ ଅପ୍ଟିମାଇଜ୍ କରିବା ପାଇଁ ସ୍ମାର୍ଟ ମିଟରିଂ, ସ୍ମାର୍ଟ ଗ୍ରୀଡ୍ ଏବଂ ନେଟ୍ ମିଟରିଂକୁ ଆଗକୁ ବଢ଼ାଉଛି। ସବୁଜ ହାଇଡ୍ରୋଜେନ, ସୌର ଉପାଦାନ ଉତ୍ପାଦନ ଓ ଇ-ମୋବିଲିଟିରେ ଏହାର ସମ୍ଭାବନା ସହ ଓଡ଼ିଶା ନବସୃଜନ ଓ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପ୍ରତି ଭାରତର ପ୍ରତିବଦ୍ଧତାକୁ ଉଦାହରଣ ଦେଉଛି। ଏଥିସହ ଦେଶ କୃଷିର ପରିବେଶଗତ ପ୍ରଭାବ ବିଶେଷକରି ଧାନ ଚାଷରୁ ମିଥେନ ନିର୍ଗମନ ଓ କାର୍ବନ ସିକ୍ୱେଷ୍ଟ୍ରେସନ୍ ଏବଂ ଶୈବାଳ-ଆଧାରିତ ଜୈବ ଇନ୍ଧନକୁ ପ୍ରୋତ୍ସାହିତ କରୁଛି। ନବୀକରଣୀୟ ଶକ୍ତିର ଉତ୍ସ ଭାବରେ ଭାରତର ଭୂମିକା ଦକ୍ଷିଣ-ପୂର୍ବ ଏସିଆ ଓ ଆଫ୍ରିକାରେ ବ୍ୟାପିଛି ଯେଉଁଥିରେ ସୌରଶକ୍ତି, ମାଇକ୍ରୋ ଗ୍ରୀଡ୍ ଓ ସ୍ମାର୍ଟ ଗ୍ରୀଡ୍ କ୍ଷେତ୍ରରେ ସ୍କେଲେବଲ୍ ସମାଧାନ କରାଯାଇପାରିବ। ଦେଶର ପ୍ରତିଭାବାନ କାର୍ଯ୍ୟଶକ୍ତି, ରଣନୈତିକ ବିଶ୍ୱ ସହଯୋଗ ଓ ନିବେଶ ସହିତ ମିଳିତ ଭାବେ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତର ନେତୃତ୍ୱକୁ ସୁନିଶ୍ଚିତ କରି ସ୍ଥାୟୀ ବିକାଶ ଲକ୍ଷ୍ୟକୁ ସମର୍ଥନ କରୁଛି ଏବଂ ବିଶ୍ୱ ଜଳବାୟୁ ଆହ୍ୱାନର ସମାଧାନ କ୍ଷେତ୍ରରେ ପ୍ରୟାସ ଜାରି ରଖିଛି ।

## ସାମ୍ବାଦିକଙ୍କୁ ହତ୍ୟା ଷଡ଼ଯନ୍ତ୍ର ପଣ୍ଡ
## ଆନ୍ତଃଜିଲ୍ଲା ଡକାୟତ ଗିରଫ



**ନିଆଳି,୯।୧(ସଂଚାର ବ୍ୟୁରୋ):** ଆନ୍ତଃଜିଲ୍ଲା ଡକାୟତକୁ କାବୁ କରିଛି ନିଆଳି ପୁଲିସ। ଭଡ଼ାରେ କାର ଆଣି ଚୋରି କରିବା ପରେ କାର ଚଢ଼ାଇ ବାଲିପାଟଣାର ଜଣେ ସାମ୍ବାଦିକଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା ଅଭିଯୁକ୍ତ। କିନ୍ତୁ ଏହା ପୂର୍ବରୁ ଉକ୍ତ ହତ୍ୟା ଉଦ୍ୟମକୁ ପଣ୍ଡ କରିଛି ନିଆଳି ପୁଲିସ। କାର ଚୋରି ଅଭିଯୋଗରେ ଅଭିଯୁକ୍ତ ରାଜୀବ ଲୋଚନ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ବର୍ଷ ବର୍ଷ ଧରି କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଥିଲା ନେଟୱାର୍କ। ଦାଦା ବଟି, ଗାଡ଼ି ଚୋରି, ଧମକ, ମାରପିଟ ଓ ରାହାଜାନୀ ଭଳି ୩୮ ମାମଲା ବିଭିନ୍ନ ଥାନା ରହିଥିବା ସାମ୍ବାଦିକ ସମ୍ମିଳନୀରେ ଖୁଲାସା କରିଛନ୍ତି ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ। ଅନ୍ୟପକ୍ଷରେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ତିହିଡ଼ି ପୁଲିସ ଗିରଫ କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ନିଆଳି ଥାନା ଆଇଆଇସି କହିଛନ୍ତି ଯେ ନିଆଳି ଥାନାରେ ୬/୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ସମ୍ବଲପୁର ଜିଲ୍ଲାର ମୁକେଶ ସାହୁଙ୍କ ହୋଣ୍ଡା ସିଟି କାର ନିଆଳିରେ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ କରିବା ପରେ ବନମାଳୀପୁରର ରାଜୀବ ଲୋଚନ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଭଡ଼ାରେ ଗାଡି ଆଣି ନିଆଳିରୁ ବେଶ୍ ଚତୁରତାର ସହ କାରକୁ ନେଇ ଫେରାର ମାରିଥିଲା ଅଭିଯୁକ୍ତ। କଟକ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ କରାଯାଇ ଗତକାଲି ବନମାଳୀପୁର ଅଞ୍ଚଳର ବାଘୁଆଠାରେ ପୁଲିସ ଅଭିଯୁକ୍ତକୁ ଠାବ କରିଥିଲା। କାରରୁ ଏକ ଖଣ୍ଡା ଓ ମୋବାଇଲ ଫୋନ ମିଳିଛି। ତାଙ୍କୁ ପଚରାଯିବା ପରେ ସେ ପରିଚୟ ଦେଇଥିଲେ। ତାଙ୍କ ନାମରେ ପୁରୀ, ଭୁବନେଶ୍ୱର, ବାଲିପାଟଣା, ବାଲିଅନ୍ତା, ପିପିଲି, ନିମାପଡ଼ା ଓ ନିଆଳି ଥାନାରେ ମୋଟ ୩୮ ମାମଲା ରହିଛି। ବାଲିପାଟଣା ଅଞ୍ଚଳର ଜଣେ ସାମ୍ବାଦିକଙ୍କୁ ଲୁଟ କାରରେ ହତ୍ୟା ପାଇଁ ସେ ଷଡ଼ଯନ୍ତ୍ର ରଚିଥିବା ସ୍ୱୀକାର କରିଛି।

## ପଲ୍ସରରେ ଆସି ୫ ଲକ୍ଷ ଝାମ୍ପିନେଲେ

**ରାଉରକେଲା, ୯।୧(ସଂଚାର ବ୍ୟୁରୋ):** ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ଫେରୁଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ କଳା ପଲସରରେ ଆସି ତାଙ୍କଠାରୁ ଝାମ୍ପି ନେଇଛନ୍ତି ଟଙ୍କା ଭର୍ତ୍ତି ବ୍ୟାଗ। ଆଜି ଅପରାହ୍ନ ପ୍ରାୟ ଗୋଟାଏ ବେଳେ ରାଉରକେଲାର ସେକ୍ଟର ୧୯ସ୍ଥିତ ଏସ୍‌ବିଆଇ ସମ୍ମୁଖରେ ଘଟିଛି ଏହି ଘଟଣା ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ନାଁ ସୁଶୀଲ ମାଝୀ। ତାଙ୍କ ଘର ରାଜଗାଙ୍ଗପୁରର କୁକୁଡ଼ା ଗାଁରେ। ସେ କହିଛନ୍ତି, ମୋ ଝିଅର ଟଙ୍କା ଦରକାର ଥିଲା। ତେଣୁ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ଆସିଥିଲି। ବ୍ୟାଙ୍କରୁ ମୁଁ ୫ ଲକ୍ଷ ଟଙ୍କା ଉଠାଇଥିଲି। ମୁଁ ଏକ ଜରି ବ୍ୟାଗରେ ଟଙ୍କା ଧରି ମୋ ଗାଡ଼ି ପାଖକୁ ଯାଉଥିବା ବେଳେ ହଠାତ୍ ଦୁଇ ଜଣ କଳା ପଲସରରେ ପଛଆଡ଼ୁ ଆସି ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ ଟାଣି ନେଇଥିଲେ। ଚୋର ଚୋର ବୋଲି ମୁଁ ପାଟି କରିଥିଲି। ହେଲେ କେହି ସେମାନଙ୍କୁ ଗୋଡ଼ାଇଲେ ନାହିଁ। ଘଟଣା ସଂପର୍କରେ ମୁଁ ଥାନାରେ ଅଭିଯୋଗ କରିଛି। ସେ ଆହୁରି କହିଛନ୍ତି, ବ୍ୟାଙ୍କକୁ ଆସିବା ବେଳେ ମୋ ଉପରେ କେହି ନଜର ରଖିଥିବା ମୁଁ ଜାଣିନାହିଁ। ବାଟରେ ମୁଁ କାହା ସହ କଥା ବି ହୋଇନାହିଁ। ଘରୁ ବାହାରି ସିଧା ବ୍ୟାଙ୍କରେ ପହଞ୍ଚିଥିଲି ବୋଲି ସେ କହିଛନ୍ତି। ରାଉରକେଲା ଡିଏସ୍‌ପି ପୁଷ୍ପାଞ୍ଜଳି ନିଙ୍ଗୀ କହିଛନ୍ତି ଯେ ସୁଶୀଲ ମାଝୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

## ବାଲିଯାତ୍ରା ପଡ଼ିଆରେ ବଣଭୋଜି ମନା

**କଟକ,୯।୧(ସଂଚାର ବ୍ୟୁରୋ):** ଆଉ ହେବନି ଭୋଜି ଭାତ । କଟକ ମହାନଦୀ ନଦୀକୂଳ "ସିଲଭର ସିଟି ବୋଟ କ୍ଲବ ଠାରୁ କଟକ-ଇନ-କଟକ", ସମେତ ତଳ ବାଲିଯାତ୍ରା ପଡ଼ିଆରେ ବଣଭୋଜି, ପିକନିକ ବ୍ୟାନ। ନିଷେଧାଦେଶ ଜାରି କଲା ମହାନଗର ନିଗମ । ଅତ୍ୟଧିକ ଆବର୍ଜନା ଜମା ହେବା ଓ ଏହାକୁ ସଫା କରିବା କଷ୍ଟସାଧ୍ୟ ହେବାରୁ ନିଷେଧାଦେଶ ଜାରି କଲା ସିଏମସି। ବର୍ଜ୍ୟବସ୍ତୁ ଯୋଗୁଁ ମହାନଦୀ ଜଳ ଓ ପରିବେଶ ସନ୍ତୁଳନ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ୁଛି । ଖିଲାପ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଲେ ସିଏମସି କମିଶନର ଅନାମ ଚରଣ ପାତ୍ର ।

## ଅବୁଝମାଡ଼ରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣ
## ୩ ଦିନ ପରେ ନିଖୋଜ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

**ମାଲକାନଗିରି,୯।୧(ସଂଚାର ବ୍ୟୁରୋ):** ଛତିଶଗଡ଼ ଅବୁଝମାଡ଼ରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣର



୩ ଦିନ ପରେ ନିଖୋଜ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର। ଅମ୍ବେଲି ନାଳ ନିକଟରୁ ଡ୍ରାଇଭରଙ୍କ ମୃତଦେହ ମିଳିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ କରାଯାଇଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଅବୁଝମାଡ଼ ଜଙ୍ଗଲରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଗତ ସୋମବାର ଦିନ ୮ ଡିଆରଜି ଯବାନଙ୍କ ସମେତ ଜଣେ ଡ୍ରାଇଭର ତୁଲେଶ୍ୱର ରାଣା ସହିଦ ହୋଇଥିଲେ। ବିଜାପୁରରେ ଡିଆରଜି ଯବାନ କମ୍ବିଂ କରି ଫେରୁଥିବା ବେଳେ କଟରୁ ଥାନା ଅମ୍ବେଲି ଗାଁ ନିକଟରେ ବିସ୍ଫୋରଣ ହୋଇଥିଲା। ଗାଡ଼ିରେ ୨୦ରୁ ଅଧିକ ଯବାନ ଥିଲେ । ବିସ୍ଫୋରଣ ପରେ ଡିଆରଜି ଯବାନମାନେ ଯାଉଥିବା ଗାଡ଼ିର ଡ୍ରାଇଭରଙ୍କ କୌଣସି ପତ୍ତା ମିଳିପାରିନଥିଲା ।

୩ ପ୍ରେମିକ ଭଲ ପାଉଥିଲେ

## ବାହା ହେବା ପାଇଁ ମନା କରିବାରୁ ମାରି ଝୁଲାଇ ଦେଲେ!

**ରାୟଗଡ଼ା,୯।୧(ସଂଚାର ବ୍ୟୁରୋ):** ୩ ପ୍ରେମିକ ଭଲ ପାଉଥିଲେ। ହେଲେ ବାହା ହେବା ପାଇଁ ମନା କରିଦେଲେ ନାବାଳିକା। ଯେଉଁଥିପାଇଁ ପ୍ରତିଶୋଧ ପରାୟଣା ହୋଇ ନାବାଳିକାଙ୍କୁ ମାରି ଗଛରେ ଝୁଲାଇ ଦେଲେ! ଏପରି ଅଭିଯୋଗ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅଞ୍ଚଳରୁ ଆସିଛି। କଲ୍ୟାଣସିଂହପୁର ଥାନା ଡୁଙ୍ଗୁରିପାଲି ଗାଁର ଜେମା(ଛଦ୍ମନାମ)ଙ୍କୁ ପ୍ରାୟ ୧୪ ବର୍ଷ ହୋଇଥିଲା। ବାପାଙ୍କ ସହିତ କାମ ଦାମ କରୁଥିଲେ। ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର। ଜେମା କିନ୍ତୁ ଦେଖିବାକୁ ଭାରି ସୁନ୍ଦର। ସେଥିପାଇଁ ତାଙ୍କୁ ୩ ଜଣ ଯୁବକ ଏକ ତରଫା ପ୍ରେମ କରୁଥିଲେ। ହେଲେ କାହାର ଭଲ ପାଇବାକୁ ସ୍ୱୀକୃତି ଦେଉନଥିଲେ ଜେମା। ବିବାହ କରିବେ ନାହିଁ ବୋଲି ରୋକ୍‌ଠୋକ୍ ଭାବେ କରିଥିଲେ।

## ୩୧ ସୁଦ୍ଧା ଇ-କେୱାଇସି ନକଲେ ଅକାମୀ ହୋଇଯିବ ରାସନକାର୍ଡ

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଚଳିତ ମାସ ୩୧ତାରିଖ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇନଥିଲେ ହିତାଧିକାରୀଙ୍କ ରାସନ କାର୍ଡ ଅକାମୀ ହୋଇଯିବ। ରାସନକାର୍ଡର



ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ କରିନଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ଜାନୁୟାରୀ ୩୧ତାରିଖ ପର୍ଯ୍ୟନ୍ତ ମହଲତ ଦେଇଛନ୍ତି । ଏହି ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ ହେବାପରେ ହିତାଧିକାରୀଙ୍କୁ ରାଜ୍ୟ ସରକାର ନୂଆ ରାସନକାର୍ଡ ଯୋଗାଇ ଦେବେ । ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏବେ ସୁଦ୍ଧା ୪୯ ଲକ୍ଷ ରାସନକାର୍ଡ ହିତାଧିକାରୀ ନିଜର ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ କରିନାହାନ୍ତି । ସେମାନଙ୍କୁ ଜାନୁୟାରୀ ୩୧ତାରିଖ ସୁଦ୍ଧା ଏହି ଇ-କେୱାଇସି ଯାଂଚ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ସମୟ ଦେଇଛନ୍ତି । ଯେଉଁମାନେ ଏହି ନିର୍ଦ୍ଧାରିତ ଅବଧି ମଧ୍ୟରେ ଇ-କେୱାଇସି ଯାଂଚ ଶେଷ କରିନଥିବେ ସେମାନଙ୍କର କାର୍ଡକୁ ରାଜ୍ୟ ସରକାର ଅକାମୀ କରିଦେବେ । ହିତାଧିକାରୀମାନେ ନିଜର ରାସନ୍ ସାମଗ୍ରୀ ପାଉଥିବା କେନ୍ଦ୍ର(ରାସନ ଡିଲର) ଅବା ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଇ ଏହି ଇ-କେୱାଇସି ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି । ବାହାର ରାଜ୍ୟରେ ରହୁଥିବା ରାସନକାର୍ଡଧାରୀଙ୍କ ଇ-କେୱାଇସି ଯାଂଚ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

# ଜଗତପୁରରେ ନକଲି ଟାୟାର ଗୋଦାମ ଠାବ

**କଟକ,୯।୧ (ସଂଚାର ବ୍ୟୁରୋ):** ନକଲି ଜିନିଷର ହବ ପାଲଟିଛି କି କଟକ। ଜଗତପୁରରୁ ଠାବ ହେଲା ଅସଲି ବ୍ରାଣ୍ଡ ନାଁରେ ନକଲି ଟାୟାର ଗୋଦାମ। ନାମୀଦାମୀ କମ୍ପାନୀ ନାମରେ ନକଲି ସାଇକେଲ ଓ ବାଇକ୍ ଟାୟାର ଦୀର୍ଘଦିନ ହେବ ବିକ୍ରି ହେଉଥିଲା। ଏନେଇ



ସୂଚନା ପାଇବା ପରେ ଜଗତପୁର ଥାନା ଅନ୍ତର୍ଗତ ଖଇରା ପୋଲ ନିକଟରେ ଥିବା ଉତ୍କଳ ଡିଷ୍ଟ୍ରିବ୍ୟୁଟର ନାମକ ଟାୟାର ଗୋଦାମରେ ପୋଲିସର ରେଡ୍ କରିଥିଲା। ଗୋଦାମର ମାଲିକକୁ ଅଟକ ରଖି ପଚରାଉଚରା କରିଛି ପୋଲିସ ।ଦାମୀ ବ୍ରାଣ୍ଡ ନାମରେ ଗୋଦାମରୁ ଅନ୍ୟ ସ୍ଥାନକୁ ବିକ୍ରି ହେଉଥିଲା ନକଲି ଟାୟାର । ବିଭିନ୍ନ ଦୋକାନ ମାନଙ୍କୁ ଏହାକୁ ପଠାଯାଉଥିଲା। ବିଶେଷ କରି ଗ୍ରାମାଞ୍ଚଳ ମାନଙ୍କରେ ଥିବା ଟାୟାର ଗୁଡ଼ିକୁ ପଠାଯିବା ସହ ନାମୀ କମ୍ପାନୀର ଟାୟାର ଦାମର ଅଧା ଦାମରେ ବିକ୍ରି କରାଯାଉଥିଲା। ଯେତେବେଳେ ଦାମୀ କମ୍ପାନୀର କର୍ତ୍ତୃପକ୍ଷ ଏହି ନକଲି ଟାୟାର ଗୋଦାମ ସମ୍ପର୍କରେ ସୂଚନା ପାଇଥିଲେ ଏନେଇ ଜଗତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ପୁରା ଫିଲ୍ମ ଷ୍ଟାଇଲରେ ଗୋଦାମରେ ଚଢ଼ାଉ କରିଥିଲା । ଏହାପରେ ସଂପୂର୍ଣ୍ଣ ଗୋଦାମକୁ ଯାଞ୍ଚ କରିବା ସହ ଟାୟାର, କାଗଜପତ୍ରକୁ ଜବତ୍ କରାଯାଇଛି । ଗୋଦାମର କର୍ମଚାରୀଙ୍କୁ ମଧ୍ୟ ଅଟକ ରଖିଛି ପୋଲିସ ।ଏସିପି ଅରୁଣ ସ୍ୱାଇଁ କହିଛନ୍ତି, "ଏହି ଗୋଦାମ ବିଗତ ବର୍ଷେ ଧରି ଟାୟାର ହୋଲସେଲିଂ ବ୍ୟବସାୟ କରି ଆସୁଥିଲା । ଖବର ପାଇବା ପରେ ଥାନାରେ ଏକ ମାମଲା ରୁଜୁ ହୋଇ ଗୋଦାମରେ ଚଢ଼ାଉ କରାଯାଇଥିଲା । ୪ ହଜାରରୁ ଉର୍ଦ୍ଧ୍ୱ ଟାୟାର ଜବତ କରାଯାଇଛି । ସମସ୍ତ ଟାୟାର ଯାଞ୍ଚ କରାଯାଇ ନକଲି ବୋଲି ଜଣାପଡିଛି। ତାହା ଦାମୀ ନୁହେଁ ବରଂ ଅନ୍ୟ ବ୍ରାଣ୍ଡର ବୋଲି ପୋଲିସ ଜାଣିବା ପରେ ଏହି ଗୋଦାମ ମାଲିକକୁ ଅଟକ ରଖି ପଚରାଉଚରା କରିଛି ପୋଲିସ ।" ହିନ୍ଦୁସ୍ଥାନ ଟାୟାର କମ୍ପାନୀର ଆଞ୍ଚଳିକ ପରିଚାଳକ ଅଦ୍‌ୱୈୟେତ ଦାସ କହିଛନ୍ତି, "ଗତବର୍ଷ ନଭେମ୍ବରରେ ମୋତେ ଖବର ମିଳିଥିଲା ଯେ ଆମ କମ୍ପାନୀ ନାମରେ ଏଠାରେ ନକଲି ଟାୟାର ବିକ୍ରି ହେଉଛି । ବର୍ଷେ ହେବ ଏଠାରେ ବ୍ୟବସାୟ ହେଉଥିଲା। ଗ୍ରାହକ ମଧ୍ୟ ଠକାମିର ଶିକାର ହେଉଛନ୍ତି।"ଜଗତପୁର ଅଞ୍ଚଳରେ ନକଲି କମ୍ପାନୀ ଓ ଗୋଦାମ ଠାବ ଘଟଣା ନୂଆ ନୁହେଁ । ପୂର୍ବରୁ ମଧ୍ୟ ନକଲି ସସ, ଘିଅ ଗୋଦାମ ଉପରେ ଚଢ଼ାଉ ହୋଇଛି। ପୂଜା ପୂଜା ନକଲି ସାମଗ୍ରୀ ବିକ୍ରି ଏବେ କଟକ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

## ପୋଲିସ ସୁରକ୍ଷା ମାଗିଲେ ବିଶାଳ



**ସମ୍ବଲପୁର,୯।୧(ସଂଚାର ବ୍ୟୁରୋ):** ଉତ୍ତରାଞ୍ଚଳ ଆଇଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସ୍ୱର୍ଗତ ନବ ଦାସଙ୍କ ପୁଅ ବିଶାଳ ଦାସ। ଆଜି ସକାଳେ ଭାଲୁପାଲି ଠାରେ ଥିବା ବିଶାଳଙ୍କ ଏକ ହୋଟେଲକୁ ହଟାତ ଝାରସୁଗୁଡା ପୋଲିସ ପହଂଚିଥିଲେ। କାହାରିକୁ ଭିତରକୁ ଛାଡ଼ିନଥିଲେ । ଏହି ଘଟଣାକୁ ନେଇ ବିଶାଳଙ୍କୁ ମଧ୍ୟ ଜଣାଇନଥିଲେ ବୋଲି ଅଭିଯୋଗ କରିଛନ୍ତି ବିଶାଳ ଦାସ ।ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ତା ଭିତରେ ରହିଥିଲା । ସେପଟେ ଏହି ଘଟଣାକୁ ନେଇ ଆଜି ରେଙ୍ଗାଲି ବିଧାୟକ ସମେତ, ୱିଶାଲ ଦାସ, ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି, ଓ ବିଜେଡି ନେତା ସଞ୍ଜିତ ମହାନ୍ତି ଆଇଜିଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଆଇଜିଙ୍କୁ କାହିଁକି ହୋଟେଲରେ ପୋଲିସ ପଶିଲେ ବୋଲି ପ୍ରଶ୍ନ କରିଥିଲେ । ତେବେ ଏହି ଘଟଣା ପରେ ୱିଶାଲ ଦାସ କହିଛନ୍ତି ପୋଲିସକୁ ଦେଖିଲେ ଡର ଲାଗୁଛି । ପୋଲିସ ସହ କିଛି ସାଦା ପୋଷାକ ଓ ହାଫ ପେଣ୍ଟରେ ମଧ୍ୟ କିଛି ଲୋକ ପ୍ରବେଶ କରିଥିଲେ । ଯାହାକୁ ନେଇ ଡର ଲାଗୁଛି କହିଥିଲେ ବିଶାଳ । ମତେ ଓ ମୋ ପରିବାରକୁ ପୋଲିସ ସୁରକ୍ଷା ଦିଆଯାଉ ବୋଲି କହିଛନ୍ତି ବିଶାଳ । ସେପଟେ ଆଇଜି କହିଛନ୍ତି ଝାରସୁଗୁଡାରେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି ତାରି ସର୍ଚ୍ଚ ପାଇଁ ପୋଲିସ ସେଠାକୁ ଯାଇଥିଲା ।

# ସାମ୍ବାଦିକଙ୍କୁ ଆକ୍ରମଣକରି ଜେଲ୍‌ଗଲେ ଏସ୍‌ଡିଓ ଓ ଯନ୍ତ୍ରୀ



**ଟିଟିଲାଗଡ଼,୯।୧(ସଂଚାର ବ୍ୟୁରୋ):** ଡ୍ୟୁଟି ସମୟରେ ଅଫିସରେ କାର୍ଯ୍ୟ ନ କରି ଭୋଜିଭାତରେ ମାତିଥିବା ଜନୈକ ଏସ୍‌ଡିଓ ଓ ଯନ୍ତ୍ରୀ ସାମ୍ବାଦିକଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ଏହି ମାମଲାରେ ବଲାଙ୍ଗିର ପୁଲିସ୍ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେମାନଙ୍କୁ ଜେଲ୍‌କୁ ପଠାଇଦିଆଯାଇଛି।। ଅନ୍ୟପକ୍ଷରେ ଉଭୟଙ୍କୁ ବିଦ୍ୟୁତ ବିଭାଗ ସସ୍‌ପେଣ୍ଡ କରିଥିବା ବେଳେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଟାଟା ପାୱାର ଗାଇଡ୍‌ଲାଇନ୍ ଜାରି କରିଥିବା ଜଣାପଡ଼ିଛି।

ଗତ ବୁଧବାର ଟିଟିଲାଗଡ ଥାନା ଟିମନଭାଡି ଗାଁରେ ତଳେ ଝୁଲୁଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୨୨ ବର୍ଷୀୟ ଉଦ୍ଧବ ପୋଢଙ୍କ ମୃତ୍ୟୁ ଘଟିଥିଲା। ଆଉ ଜଣେ ଗୁରୁତର ହୋଇଥିଲେ। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଦ୍ୟୁତ ବିଭାଗକୁ ଫୋନ କରିଥିଲେ। ହେଲେ ଅଫିସ୍‌ରେ କେହି ଫୋନ୍ ଉଠାଇ ନଥିଲେ। ଅଭିଯୋଗ ହେଉଛି ସେତେବେଳେ ଅଫିସ୍‌ରେ କୁଆଡେ କେହିନଥିଲେ। ଡ୍ୟୁଟି ସମୟରେ ଅଫିସ୍‌ର ସମସ୍ତ କର୍ମଚାରୀ ରାସ୍ତା ପାର୍ଶ୍ୱରେ ଭୋଜିଭାତରେ ମାତିଥିଲେ। ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ନେଇ ପ୍ରତିକ୍ରିୟା ଆଣିବା ପାଇଁ ଓଟିଭିର ଟିଟିଲାଗଡ ପ୍ରତିନିଧି ଅବିନାଶ ନନ୍ଦଙ୍କ ସମେତ ୩ ଜଣ ସାମ୍ବାଦିକ ବିଦ୍ୟୁତ୍ ବିଭାଗ ଅଫିସ୍ ଯାଇଥିଲେ। ମାତ୍ର ସେତେବେଳେ ଅଫିସ୍‌ରେ କେହି ନଥିଲେ। ତେଣୁ ଏମାନେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଭୋଜି କରୁଥିବା ସ୍ଥାନକୁ ଯାଇଥିଲା। ସେତେବେଳକୁ ମଦ ନିଶାରେ ଟଳଟଳ ହେଉଥିଲେ କଣ୍ଟାବାଞ୍ଜି ଇଲେକ୍ଟ୍ରିକାଲ ଏସ୍‌ଡିଓ ଜଗନ୍ନାଥ ପତି ଓ ମୁରିବାହାଲ ବିଦ୍ୟୁତ ଯନ୍ତ୍ରୀ ଚିନ୍ମୟ ସାହୁ।

ସାମ୍ବାଦିକଙ୍କୁ ଦେଖୁ ଦେଖୁ ମାତାଲ ଅବସ୍ଥାରେ ଥିବା ଏସ୍‌ଡିଓ ଜଗନ୍ନାତ ପତି ତାତି ଯାଇଥିଲେ। ଅତି ଅଭଦ୍ର ଭାଷାରେ ଗାଳି ଦେଇଥିଲେ। ତା'ପରେ ସେ ଓଟିଭି ପ୍ରତିନିଧି ଅବିନାଶ ନନ୍ଦଙ୍କୁ ଆକ୍ରମଣ କରିଥିଲେ। ପରେ ଆଉ ଜଣେ ସାମ୍ବାଦିକ ସଂଜୟ ବେହେରାଙ୍କ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଖାଲି ସେତିକି ନୁହେଁ, ଫୋନ କରି ଅନ୍ୟମାନଙ୍କୁ ଡାକିବାକୁ ନିର୍ଦ୍ଦେଶ ମଧ୍ୟ ଦେଉଥିଲେ। ଗାଡି ମଡାଇ ସାମ୍ବାଦିକଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ ମାତାଲ ଯନ୍ତ୍ରୀଙ୍କ ଅନ୍ୟ ସାଥୀମାନେ। ଜୀବନ ବିକଳରେ ସେମାନଙ୍କ କବଳରୁ ମୁକୁଳିଥିଲେ ସାମ୍ବାଦିକ। ଆଜି ଏହି ଘଟଣା ପ୍ରଘଟ ହେବା ପରେ ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆକ୍ରମଣ ଘଟଣାକୁ ନିନ୍ଦା କରି ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ ସ୍ଥାନୀୟ ସାମ୍ବାଦିକ ଓ ଜିଲ୍ଲା ସାମ୍ବାଦିକ ସଂଘ। ଜିଲ୍ଲାର ବିଭିନ୍ନ ଜାଗାରେ ମାତାଲ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ବିଭିନ୍ନ ସାମ୍ବାଦିକ ସଂଘ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଏସ୍‌ଡିଓ ଜଗନ୍ନାତ ପତି ଓ ମୁରିବାହାଲ ବିଦ୍ୟୁତ ଯନ୍ତ୍ରୀ ଚିନ୍ମୟ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ବିଦ୍ୟୁତ ବିଭାଗ ମଧ୍ୟ ଉଭୟଙ୍କ ନିଲମ୍ବିତ କରାଯାଇଛି।



## ମୁକ୍ତେଶ୍ୱର ନୃତ୍ୟ ଉତ୍ସବ : ଦର୍ଶକଙ୍କ ମନ ମୋହିଲା ମୋହିନୀୟାଟ୍ଟମ୍

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):**ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ। ଘୁଙ୍ଗୁରର ତାଳେତାଳେ ପ୍ରକମ୍ପିତ ହୋଇ ଉଠୁଛି ମୁକ୍ତେଶ୍ୱର ମୁକ୍ତାକାଶ ରଙ୍ଗମଞ୍ଚ। ଆଜି ତୃତୀୟ ସନ୍ଧ୍ୟାରେ ସମସ୍ତ ଦର୍ଶକଙ୍କ ମନ ମୋହିଛି ଦିବ୍ୟା ୱାରୀର ଏବଂ ବିଦ୍ୟା ପ୍ରଦୀପଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ମୋହିନୀୟାଟ୍ଟମ୍ ଶାସ୍ତ୍ରୀୟ ନୃତ୍ୟ। ଆଜିର ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ସ୍ୱୟଂପ୍ରଜ୍ଞା ସାହୁ ଏବଂ ଗ୍ରୁପଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ଭୁଶୁଡ଼ିଲା ଚିମ୍‌ନି: ୪ ଶ୍ରମିକ ମୃତ

**ରାୟପୁର,୯।୧(ସଂଚାର ବ୍ୟୁରୋ):** ଛତିଶଗଡ଼ର ମୁଙ୍ଗେଲି ଜିଲ୍ଲାରେ ଥିବା ଗୋଟିଏ ଷ୍ଟିଲ ପ୍ଲାଣ୍ଟର ସିଲୋ ଭୁଶୁଡ଼ି ପଡ଼ିଛି। କାମ ସମୟରେ ଏହା ଭୁଶୁଡ଼ି ପଡ଼ିଥିବାରୁ ୪ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ୨ ଜଣଙ୍କୁ ଜୀବିତ ଅବସ୍ଥାରେ ଧ୍ୱଂସାବଶେଷ ତଳୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ଏବେ ବି ଅନେକ ଶ୍ରମିକ ଭୁଶୁଡ଼ି ପଡ଼ିଥିବା ସିଲୋ ତଳେ ରହିଥିବା ଆଶଙ୍କା କରାଯାଉଛି। ସିଲୋ ହେଉଛି ଲୁହାରେ ତିଆରି



ହୋଇଥିବା ବିରାଟକାୟ ସିଲଣ୍ଡର ଆକୃତିର ଷ୍ଟ୍ରକଚର। ଇଟା ଭାଟିରେ ଲାଗୁଥିବା ଚିମିନି ଭଳି ଏହା ଦେଖିବାକୁ। ଷ୍ଟିଲ ପ୍ଲାଟର ଜିନିଷ ରଖିବାକୁ ସିଲୋର ବ୍ୟବହାର ହୋଇଥାଏ। ମୁଙ୍ଗେଲି ଏସ୍‌ପି ଭୋଜରାମ ପଟେଲ କହିଛନ୍ତି, ସାରଗାଓଁ ଅଞ୍ଚଳରେ ଥିବା କୁସୁମ ଷ୍ଟିଲ ପ୍ଲାଣ୍ଟରେ କାମ ଚାଲୁଥିବା ବେଳେ ମଧ୍ୟାହ୍ନ ସମୟରେ ପୂରା ଘଟଣା ଘଟିଛି। ଘଟଣା ବେଳେ ସିଲୋ ନିକଟରେ ୮ରୁ ୧୦ ଜଣ ଶ୍ରମିକ କାମ କରୁଥିଲେ। ସିଲୋ ଭୁଶୁଡ଼ି ପଡ଼ିବାରୁ ଏହା ତଳେ ସମସ୍ତେ ଚାପି ହୋଇ ରହିଯାଇଥିଲେ। ପୁଲିସ୍ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧ୍ୱଂସାବଶେଷ ତଳୁ ୨ ଜଣଙ୍କୁ ଉଦ୍ଧାର କରାଯାଇ ବିଳାସପୁରକୁ ପଠାଯାଇଛି।

ପୁଲିସ୍ ମିତ୍ର ହତ୍ୟା ମାମଲା

# ପରିବାରକୁ କୋଟିଏ ସହାୟତା ଦାବିକଲା ବିଜେଡି

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଗତକାଲି ରସୁଲଗଡ଼ ଓଭରବ୍ରିଜ୍ ଉପରେ ଘଟିଥିବା ପୁଲିସ୍ ମିତ୍ର ତଥା ସଫେଇ ସଂଘ ସଭାପତି ସହଦେବ ନାୟକଙ୍କ ହତ୍ୟା ଘଟଣାରେ ବିଜେଡି ପକ୍ଷରୁ ପ୍ରଭାବିତ ପରିବାରକୁ କୋଟିଏ ଟଙ୍କାର ସହାୟତା ଯୋଗଦେବା ସକାଶେ ଦାବି ହୋଇଛି। ଏଥିସହ ଦଳ ପକ୍ଷରୁ ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା



ଦାସ ଓ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏହି ବୀଭତ୍ସ ହତ୍ୟା ଘଟଣାରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ପୁଲିସ ଖୋଜି ବାହାର କରିବାକୁ ଦାବି କରିଛନ୍ତି। ତା'ଛଡ଼ା ସହଦେବଙ୍କ ପତ୍ନୀଙ୍କୁ ଚାକିରି ଦେବା ସକାଶେ ଦାବି ହୋଇଛି। ଶ୍ରୀ ଜେନା କହିଛନ୍ତି ଯେ ଜଣେ ପୁଲିସ ମିତ୍ରଙ୍କୁ ସୁରକ୍ଷା ପ୍ରଦାନରେ ପୁଲିସ ବିଫଳ ହୋଇଥିବାରୁ ରାଜଧାନୀରେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରୀମତୀ ଦାସ ଏଭଳି ଏକ ବିଭତ୍ସ ଘଟଣା ରାଜଧାନୀରେ ଘଟିଥିବାରୁ ଭୁବନେଶ୍ୱର ମେୟର ଭାବେ ସେ ବେଶ୍ ଲଜ୍ଜିତ ଓ ମର୍ମାହତ ବୋଲି କହିଥିବା ବେଳେ ଶ୍ରୀ ରାଉତ ସହରରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଆସିବାକୁ ଥିବା ବେଳେ ନିରାପତ୍ତା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ସତ୍ତ୍ୱେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଆମ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣଭକ୍ତି-ନିଜକୁ ଶୂନ୍ୟ କରିଦେଇ ମୋତେ ଏପରି ଭକ୍ତି କର ଯେ ଦେଖିବ ଦିନେ ମୁଁ ମୋର ସର୍ବସ୍ୱ ତୁମକୁ ସମର୍ପି ଦେଇ ମୁଁ ନିଜକୁ ଶୂନ୍ୟ ହୋଇ ତୁମର ଦାସ ବନି ଭିକ୍ଷାପାତ୍ର ଧରି ଠିଆ ହୋଇଛି ତୁମ ଦାଣ୍ଡଦୁଆରେ, ତୁମ ଦରଶନ କରି ନିଜକୁ ଧନ୍ୟ ମଣି ପୁଣ୍ୟ ସଂଚିବା ପାଇଁ।

SANCHAR
ସଂଚାର



# କଂଗ୍ରେସମୁକ୍ତ ଇଣ୍ଡିଆ

ଆସନ୍ତା ମାସ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ, ବିଜେପି ଏବଂ ଆପ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେବାକୁ ଯାଉଛି। ୨୦୧୪ରୁ ଦିଲ୍ଲୀରେ ଏହି ପରମ୍ପରା ଚାଲିଆସୁଛି। ଗତ ଲୋକସଭା ନିର୍ବାଚନରେ ଦିଲ୍ଲୀରେ କଂଗ୍ରେସ ଏବଂ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ (ଆପ) ପରସ୍ପର ସହ ଆସନ ବୁଝାମଣା କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନ ବିଜେପି ସପକ୍ଷରେ ଯାଇଥିଲା। ଏଥର ବିଧାନସଭା ନିର୍ବାଚନରେ ଆପ ଏକାକି ଲଢ଼ିବ ବୋଲି ନିଷ୍ପତ୍ତି ହୋଇଛି। ସମ୍ଭବତଃ ସରକାର ବିରୋଧୀ ଭୋଟକୁ ବିଭାଜିତ କରିବା ନିମନ୍ତେ ଆପ ଏବଂ କଂଗ୍ରେସ ମଧ୍ୟରେ ଗୁପ୍ତ ବୁଝାମଣା ହୋଇଥାଇପାରେ। ତେଣୁ କଂଗ୍ରେସ ଏବେ ଆପ ବିରୋଧ;ରେ ବର୍ଷୁଛି। ଆପ ମଧ୍ୟ ଦିଲ୍ଲୀରେ କଂଗ୍ରେସକୁ ବିଜେପିର ବି ଟିମ ବୋଲି କହୁଛି। ଯାହା ବି ହେଉ ଦିଲ୍ଲୀରେ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ ହେଉଛି ମୁଖ୍ୟ ରାଜନୈତିକ ଶକ୍ତି। ଏହାକୁ ସମସ୍ତ ଅଣକଂଗ୍ରେସ ବିରୋଧୀ ଦଳ ସମର୍ଥନ କରୁଛନ୍ତି। ଦେଶରେ ଏକ ତୃତୀୟ ମେଣ୍ଟ ବା କଂଗ୍ରେସ ମୁକ୍ତ ଇଣ୍ଡିଆ ବ୍ଲକ ଗଠନ ଉଦ୍ୟମର ଏହା ଆଉ ଏକ ପରୀକ୍ଷଣ ହେବ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପକୁ ମମତା ସମର୍ଥନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବେ ଦିଲ୍ଲୀ ଦରବାର ଦଖଲ ଲାଗି ସାନି ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିଲାଗି ସେ ଏକା ପାରିବେ ନାହିଁ। ଦିଲ୍ଲୀ ଦଖଲ ଲାଗି ସେ ଶକ୍ତିଶାଳି ମିତ୍ର ସଂଗ୍ରହ କରୁଛନ୍ତି। ଏଥିରେ ମୁଖ୍ୟ ପ୍ରତିବନ୍ଧକ ସାଜି ସାଜିଥିବା କଂଗ୍ରେସକୁ ରାସ୍ତାରୁ ହଟାଇବା ଲାଗି ସେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି। କଂଗ୍ରେସ ବିରୋଧର ତାଙ୍କର ଅଭିଯୋଗ ମଧ୍ୟ ଯଥାର୍ଥ। ଲୋକସଭା ନିର୍ବାଚନ ଏବଂ ଏହା ପରବର୍ତ୍ତୀ ସମୟରେ ଯେତେ ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ହୋଇଛି ସେଥିରୁ ଅଧିକାଂଶ ମୁକାବିଲାରେ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି। ଜାମ୍ମୁ-କାଶ୍ମୀର ଏବଂ ଝାଡ଼ଖଣ୍ଡରେ ଇଣ୍ଡିଆ ବ୍ଲକ ବିଜୟୀ ହୋଇଛି। କିନ୍ତୁ ସେଠାରେ କଂଗ୍ରେସ ନୁହେଁ, ନ୍ୟାସନାଲ କନଫରେନ୍ସ ଏବଂ ଜେଏମଏମ ଭଳି ଆଞ୍ଚଳିକ ଦଳ ବିଜୟୀ ହୋଇଛି। ଉଭୟ ରାଜ୍ୟରେ କଂଗ୍ରେସ ମୁଖ୍ୟ ଦଳ ନଥିଲା। କେବଳ ସହଯୋଗୀ ଥିଲା। ଜାମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲା ଏବଂ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ଲଢ଼ିଥିଲା। ଅନ୍ୟ ପକ୍ଷରେ ହରିୟାନା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ଥିଲା ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ସେଠାରେ ବିଜେପିକୁ ଏହା ରୋକିବାରେ ବିଫଳ ହେଲା। ଏହାର ଏକ ମୁଖ୍ୟ କାରଣ ହେଲା କଂଗ୍ରେସ ନିଜ ସହଯୋଗୀମାନଙ୍କୁ ଏକାଠି କରିବାରେ ବିଫଳ ହୋଇଛି। ହରିୟାନାରେ ଏହା ଆପ ସହ ଆସନ ବୁଝାମଣା କରିଥିଲେ ବିଜେପିକୁ ପରାଜିତ କରାଯାଇପାରିଥାଆନ୍ତା। ମହାରାଷ୍ଟ୍ରରେ ଯଦିଓ ଇଣ୍ଡି ମେଣ୍ଟ ମିଳିତ ଭାବେ ଲଢ଼ୁଥିଲା, କିନ୍ତୁ ଉପଯୁକ୍ତ ରଣନୀତି ଅଭାବରୁ ଏହା ପରାଜିତ ହେଲା। କଂଗ୍ରେସ ବିଫଳ ହେବାର ଏକ ମୁଖ୍ୟ କାରଣ ହେଲା ଦଳରେ ମିଳିତ ନେତୃତ୍ୱର ଅଭାବ। ରାହୁଲଙ୍କ ବ୍ୟତିତ ଦଳରେ ଆଉ କେହି ସେଭଳି ପ୍ରଭାବୀ ନେତା ନାହାଁନ୍ତି। ସମସ୍ତେ ଗାନ୍ଧି ପରିବାରର ଜୟ ଜୟକାର କରିବାରେ ବ୍ୟସ୍ତ। ନିଜକୁ ଜଣେ ଟାଣୁଆ ନେତା ଭାବେ ପ୍ରତିଷ୍ଠା କରିବାର ସତସାହସ କାହାର ନାହିଁ। କିନ୍ତୁବିଜେପିରେ ପୀଢ଼ୀ ପରେ ପୀଢ଼ୀ ନୂଆ ନେତା ଆଗକୁ ଆସୁଛନ୍ତି। ବିଜେପିରେ ଏକ ନେତୃମଣ୍ଡଳୀ ରହିଛି, ଯାହା କଂଗ୍ରେସରେ ନାହିଁ। କଂଗ୍ରେସ ନେତୃତ୍ୱରେ ବିରୋଧୀ ମହାମେଣ୍ଟ ବାରମ୍ବାର ବିଫଳ ହେବା ପରେ ଏବେ ପୁନର୍ବାର ଏକ ନୂଆ ବିକଳ୍ପ ବା ତୃତୀୟ ମେଣ୍ଟ ଗଠନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହାର ପରିକଳ୍ପନା କରିଛନ୍ତି ମମତା ବାନାର୍ଜୀ। ପୂର୍ବରୁ ମଧ୍ୟ ସେ ବାରମ୍ବାର ଏହି ପ୍ରୟାସ କରିଛନ୍ତି। ଏହାର ଫଳସ୍ୱରୂପ ଆଜି ଇଣ୍ଡିଆ ବ୍ଲକ ଗଠିତ ହୋଇଛି। ଏବେ ମମତା ଏକ ନୂଆ ବିକଳ୍ପ ମେଣ୍ଟ ଗଠନ ପ୍ରସ୍ତାବ ରଖିଛନ୍ତି। କଂଗ୍ରେସକୁ ବାଦ ଦେଇ ଅନ୍ୟ ପ୍ରମୁଖ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ଶକ୍ତିଶାଳି ରାଷ୍ଟ୍ରୀୟ ମେଣ୍ଟ ଗଠନ ପାଇଁ ସେ ଆଗ୍ରହୀ ଅଛନ୍ତି। ତାଙ୍କ ଚିନ୍ତାଧାରାକୁ ସମାଜବାଦୀ ପାର୍ଟୀ, ଆରଜେଡି, ଏନସିପି ଭଳି ଇଣ୍ଡିମେଣ୍ଟର ବଡ଼ ବଡ଼ ଅଂଶୀଦାର ଦଳମାନେ ସମର୍ଥନ କରିଛନ୍ତି। ଏପରିକି ଇଣ୍ଡିଆ ବ୍ଲକରେ ସାମିଲ ନଥିବା ଜଗନ ମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ମଧ୍ୟ ମମତାଙ୍କ ବିଚାରଧାରାକୁ ସମର୍ଥନ କରୁଛି। ଅର୍ଥାତ ମମତା ଯଦି ଏଭଳି ଏକ ମେଣ୍ଟ ଗଠନ କରିବେ ତେବେ ଦେଶର ବିଭିନ୍ନ ରାଜ୍ୟର ଅନେକ ଆଞ୍ଚଳିକ ଦଳ ଏଥିରେ ସାମିଲ ହେବେ। ଏନଡିଏରେ ସାମିଲ ହୋଇଥିବା କିଛି ଦଳ ମଧ୍ୟ ଏହି ମେଣ୍ଟରେ ସାମିଲ ହୋଇପାରନ୍ତି। କାରଣ ସେମାନେ ବାଧ୍ୟବାଧକତାରେ ଏନଡିଏରେ ରହିଛନ୍ତି। ବିଜେପି ସହ ସେମାନଙ୍କର ସମ୍ପର୍କ ସେତେଟା ଭଲ ନାହିଁ। ଉଦାହରଣ ସ୍ୱରୂପ କର୍ଣ୍ଣାଟକରେ ଜେଡିଏସ, ବିହାରରେ ନୀତିଶଙ୍କ ଜେଡିୟୁ ମମତାଙ୍କ ପ୍ରସ୍ତାବିତ ମେଣ୍ଟରେ ସାମିଲ ହୋଇପାରନ୍ତି। ସେହିପରି ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଥିବା ବିଜେଡି, ବିଆରଏସ, ୱାଇଏସଆର କଂଗ୍ରେସ ମଧ୍ୟ ଏଥିରେ ସାମିଲ ହୋଇପାରନ୍ତି। କଂଗ୍ରେସ ସାମିଲ ନହେଲେ ମଧ୍ୟ ଏମାନେ ଲୋକସଭରେ ୨୫୦ ଆସନ ପାଇବାକୁ ସକ୍ଷମ। ଏବେ କଂଗ୍ରେସ ଓ ବିଜେପିକୁ ବାଦ ଦେଲେ ବାକି ସବୁ ଦଳର ଲୋକସଭା ସଭ୍ୟଙ୍କ ସଂଖ୍ୟା ହେଉଛି ୨୦୪। ଏହା ସହଜରେ ୩୦୦ ପର୍ଯ୍ୟନ୍ତ ଯାଇପାରିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯାହା ପ୍ରସ୍ତାବ ଦେଇଛନ୍ତି ସେଥିରେ କିଛି ନୂଆନତ୍ୱ ନାହିଁ। କିନ୍ତୁ ଏବେ ଏକ ନୂଆ କଥା ଆଗକୁ ଆସିଛି। ତାହା ହେଲା ନିଜେ ମମତା ବାନାର୍ଜୀ ମେଣ୍ଟର ନେତୃତ୍ୱ ନେବାକୁ ଆଗେଇ ଆସିଛନ୍ତି। କିନ୍ତୁ ମମତା କଂଗ୍ରେସକୁ ବାଦ ଦେବା।କୁ ବା ଏହାକୁ ଅଣଦେଖା କରିବାକୁ କହି ନାହାଁନ୍ତି ସେ କେବଳ ନେତୃତ୍ୱ ପରିବର୍ତ୍ତନ କଥା କହିଛନ୍ତି। ଆଞ୍ଚଳିକ ଦଳମାନଙ୍କର ପ୍ରସ୍ତାବିତ ମେଣ୍ଟ କିଛି ରାଜ୍ୟରେ କଂଗ୍ରେସ ସହିତ ଆସନ ବୁଝାମଣା କରିପାରେ। ଯଦି ନୂଆ ମେଣ୍ଟ ନିର୍ବାଚନରେ ସଫଳତା ହାସଲ କରିବ ତେବେ କଂଗ୍ରେସ ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବ। ମମତାଙ୍କ ଏଭଳି ଚିନ୍ତାଧାରା କାର୍ଯ୍ୟକାରୀ ହେବା ସହଜ ନୁହେଁ। ଏଥିପାଇଁ ଆହୁରି ବହୁ ପରିଶ୍ରମ କରିବାକୁ ପଡ଼ିବ। ଯଦି ଏବେଠାରୁଏଥିଲାଗି ପ୍ରସ୍ତୁତି ଆରମ୍ଭ ହୁଏ ତେବେ ୨୦୨୯ରେ ଏହା ବାସ୍ତବତାରେ ପରିଣତ ହୋଇପାରେ। କଂଗ୍ରେସ ଓ ବାମପନ୍ଥୀ ମେଣ୍ଟ ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବେ। ମମତାଙ୍କ ଏହି ଲକ୍ଷ୍ୟ ହାସଲ ଲାଗି ୨୦୨୯ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହାର ପ୍ରଥମ ପରୀକ୍ଷଣ ହେବ। ଯଦି ଏହା ସଫଳ ହେବ ତେବେ ଜାତୀୟ ରାଜନୀତିକୁ ଏହା ବ୍ୟାପକଭାବେ ପ୍ରଭାବିତ କରିବ। ୨୦୧୪ ପୂର୍ବରୁ ଦିଲ୍ଲୀରେ ସବୁ ବେଳେ ବିଜେପି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଆସୁଥିଲା। ୨୦୧୪ରେ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଆପ ନାମରେ ଏକ ନୂତନ ରାଜନୈତିକ ଦଳର ଜନ୍ମ ନେବା ପରେ ଚିତ୍ର ପୁରା ବଦଳିଗଲା। କଂଗ୍ରେସକୁ କ୍ଷମତାଚ୍ୟୁତ କରି ଆପ ଦିଲ୍ଲୀରେ କ୍ଷମତା ଦଖଲ କଲା। ସେବେଠାରୁ ଏହା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅପରାଜେୟ ରହିଆସିଛି। ଯଦିଓ ୨୦୧୪ରୁ ଆଜି ପର୍ଯ୍ୟନ୍ତ ଲୋକସଭା ନିର୍ବାଚନରେ ବିଜେପି ଦିଲ୍ଲୀର ସମସ୍ତ ୭ଟି ଯାକ ଆସନକୁ ଦଖଲ କରିଆସୁଥିଲେ ମଧ୍ୟ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟୀ ବିଜୟୀ ହୋଇଆସୁଛି। ଏଭଳି ବିଚତ୍ରତା ଭାରତର ଅନ୍ୟ ରାଜ୍ର ବା କେନ୍ଦ୍ର ଶାସିତ ଅଞ୍ଚଳରେ କ୍ୱଚିତ ଦେଖିବାକୁ ମିଳିଥାଏ। ଦିଲ୍ଲୀବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କୁ ଏବଂ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଅରବିନ୍ଦ କେଜରିୱାଲଙ୍କୁ ଦେଖିବାକୁ ଚାହାଁନ୍ତି। ଗତ ଲୋକସଭା ନିର୍ବାଚନରେ ମଧ୍ୟ ବିଜେପି ଦିଲ୍ଲୀର ସମସ୍ତ ଲୋକସଭା ଆସନରେ ବିଜୟୀ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ବିଧାନସଭା ନିର୍ବାଚନରେ ସଫଳତା ନେଇ ଏହା ଶତ ପ୍ରତିଶତ ନିଶ୍ଚିତ ନୁହେଁ। କାରଣ ଦିଲ୍ଲୀବାସୀ ସବୁ ବେଳେ ବିଧାନସଭା ନିର୍ବାଚନରେ ଭିନ୍ନ ମତ ପ୍ରଦାନ କରି ଆସିଛନ୍ତି। ଯାହାକୁ ବିଜେପି ଦିଲ୍ଲୀର ଭାବି ମୁଖ୍ୟମନ୍ତ୍ରୀ ଭାବେ ଉପସ୍ଥାପନ କରିପାରିବ ବା ଯାହାଙ୍କ ନେତୃତ୍ୱ ସପକ୍ଷରେ ଜନାଦେଶ ଯିବ। ଦିଲ୍ଲୀବାସୀ ଏଥର କାହାକୁ ବାଛିବେ ତାହା ସେମାନଙ୍କ ବିଜ୍ଞତା ଉପରେ ନିର୍ଭରକରେ। ଭାରତରେ ସାଧାରଣ ଜନତା ବା ଭୋଟରମାନେ ସବୁ ବେଳେ ବ୍ୟକ୍ତିଗତ ଫାଇଦା ଏବଂ ତତ୍କାଳ ଲାଭକୁ ଗୁରୁତ୍ୱ ଦିଅନ୍ତି। ଦେଶ ବା ରାଜ୍ୟର ସ୍ୱାର୍ଥରକ୍ଷାକୁ ସେମାନେ ସେଭଳି ଗୁରୁତ୍ୱ ଦିଅନ୍ତି ନାହିଁ। ତେଣୁ ବିଭିନ୍ନ ନିର୍ବାଚନରେ ରାଜନୈତିକ ଦଳମାନଙ୍କର ବିଭିନ୍ନ ପ୍ରଲୋଭନ ଉଦ୍ୟମ ସଫଳ ହୋଇଆସୁଛି। ଦିଲ୍ଲୀରେ ଏଥର ଆମ ଆଦମୀ ପାର୍ଟୀକୁ ହରାଇବା ନିମନ୍ତେ ବିଜେପି ସବୁ କିଛି ବାଜି ଲଗାଇ ଦେଇଛି। କେଜରିୱାଲ, ମନିଷ ସିସୋଦିଆଙ୍କ ଭଳି ଦଳର ଅନେକ ନେତାଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି। ସେମାନେ ଗିରଫ ହୋଇ ଜେଲରେ ବେଶ କିଛି ଦିନ କାଟିବା ପରେ ଜାମିନରେ ଆସିଛନ୍ତି। ଏହାକୁ ଦିଲ୍ଲୀବାସୀ ଏଥର ନିର୍ବାଚନରେ କେତେଦୂର ଗୁରୁତ୍ୱ ଦେଉଛନ୍ତି, କେଜରିୱାଲଙ୍କ ଉପରେ ପୁନଃବିଶ୍ୱାସ ସ୍ଥାପନ କରୁଛନ୍ତି କି ନାହିଁ ତାହା ଦେଖିବାର କଥା।

# ପରିବର୍ତ୍ତନର ବାର୍ତ୍ତାବହଙ୍କ ସ୍ୱପ୍ନର ସମାଧି



ପୁଷ୍ପମିତ୍ର ମହାପାତ୍ର

ଜୀବନର ଅର୍ଥ କ'ଣ? କହିବାକୁଗଲେ ଜୀବନ କ'ଣ ଅର୍ଥପୂର୍ଣ୍ଣ ନା ଅର୍ଥହୀନ। ଏହିପରି ଅନେକ ପ୍ରଶ୍ନ ସ୍ୱାଭାବିକ ଭାବରେ ଆମ୍ଭ ମାନଙ୍କର ଜୀବନରେ ଅନୁଚରିତ ଭାବେ ଆସିଥାଏ। ବିଶାଳ ଭାରତ ବର୍ଷରେ ବଡ଼ ସଂଖ୍ୟା ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ବର୍ଗ ଯେଉଁମାନେ ନିଜର ଉପାର୍ଜନକୁ ଯେତେ ଚାହିଁଲେ ବି ପ୍ରାୟତଃ ସେପରି ନା ସଞ୍ଚୟ କରିପାରନ୍ତି ନା ଜୀବନରେ ସେମାନଙ୍କର ସ୍ୱପ୍ନ କିଛି ସାକାର ହୋଇଥାଏ। ପ୍ରାୟତଃ ନିମ୍ନ ମଧ୍ୟବିତ୍ତଙ୍କ ସଂଖ୍ୟା ଜନସଂଖ୍ୟାର ଏକ ବଡ଼ ସଂଖ୍ୟାରେ ଥିବା ଭିତରେ ସେମାନଙ୍କ ସ୍ୱପ୍ନ ଅନେକ ସମୟରେ ସମାଧି ପାଇଯାଏ। ପ୍ରାୟତଃ ଦୁଇଟି ପିଲାଙ୍କୁ ନେଇ ଛୋଟିଆ ପରିବାର କଥା ଉଠିଲେ ସେମାନଙ୍କୁ ଯୋଗ୍ୟ କରିବା ନିମିତ୍ତ ଆଉ ଅଭିଳାଷ ପୂରଣ ପାଇଁ କେତେ ଖର୍ଚ୍ଚ କରିବାକୁ ପଡ଼ିଥାଏ ତାହା ଅନେକ ଜାଣିଥିଲେ ମଧ୍ୟ ହିସାବ ରଖି ନଥାନ୍ତି। ସରକାରୀ ଶିକ୍ଷାନୁଷ୍ଠାନଠାରୁ ପିଲାମାନଙ୍କୁ ଉଚ୍ଚଶିକ୍ଷା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିମିତ୍ତ ବ୍ୟୟବହୁଳ ପବ୍ଲିକ ସ୍କୁଲରେ ପଢ଼ାଇବା ପାଇଁ ପ୍ରାୟତଃ ଭାରତୀୟ ପିତାମାତାମାନେ ବାଧ୍ୟ ହୋଇଥାନ୍ତି। ଏପଟେ ମେଧାବୀ ପିଲା ପାଇଁ ଉଚ୍ଚଶିକ୍ଷାର ସୁଯୋଗ ପ୍ରଦାନ କେବଳ ଯେ ଷ୍ଟଡିଲୋନ ଉପରେ ନିର୍ଭରଶୀଳ ଏହାକୁ ଚିନ୍ତା କରି ଅଭିଭାବକମାନେ ହାତ ବାନ୍ଧି ବସି ପାରିନଥାନ୍ତି। କହିବାକୁଗଲେ ମୁଣ୍ଡ ଉପରେ ଗୋଟିଏ ଛାତର ସ୍ୱପ୍ନ, ସମ୍ଭାବନା, ଆକାଂକ୍ଷା ପୂରଣ କରିବା ମଧ୍ୟ ଢ଼େର କଷ୍ଟ ସାଧ୍ୟ ହୋଇପଡ଼ିଥାଏ। ଏପରି ଦୋଛକି ସମୟରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ସ୍ୱପ୍ନ ଭଙ୍ଗ ମଣିଷଟି ରାଷ୍ଟ୍ର ଗଠନ ଭଳି ଦାୟିତ୍ୱରେ କିପରି ସାମିଲ ହୋଇପାରିବ? ତା ସାମ୍ନାରେ ସେ ଭଲ ଭାବେ ଦେଖୁଛି ତାର ତଳ ପାହାଚରେ ଥିବା ସଂଖ୍ୟା ବା ବର୍ଗ ତା ଠାରୁ ଢ଼େର ସକ୍ଷମ, ଢ଼େର ସ୍ୱଚ୍ଛଳ ଆଉ କହିବାକୁଗଲେ ସାମାଜିକ ଭାବେ ଢ଼େର ଆଗୁଆ। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ, ପ୍ରୋତ୍ସାହନ ସବୁ କିଛି ମୁଣ୍ଡ ଉପରେ ଅଜାଡ଼ି ହେଉଥିବାବେଳେ ପରିବାରର ଅଗ୍ରାଧିକାର ବ୍ୟୟ ଭାର ନିକଟରେ ସ୍ୱାସ୍ଥ୍ୟ ବୀମା ହାସଲ କରିବା ମଧ୍ୟ ଏତେଟା ସହଜ ନୁହେଁ। ସରକାରୀ ହସ୍ପିଟାଲ ଉପରେ ସ୍ୱାସ୍ଥ୍ୟ ସୁବିଧା ହାସଲ ପାଇଁ ନିର୍ଭର କରିବାକୁ ପଡୁଥିବାବେଳେ ଗରିବ ପରିବାର ହାତରେ ରହିଛି ସରକାରଙ୍କ ଠାରୁ ପାଇଥିବା ସ୍ୱାସ୍ଥ୍ୟବୀମା କାର୍ଡ଼ ଯାହା ତାଙ୍କୁ କର୍ପୋରେଟ ହସ୍ପିଟାଲ ହେଉ କି ଘରୋଇ ନର୍ସିଂହୋମ।

ନିକଟରେ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରାଳୟ ଓ ଏସବିଆଇ ରିସର୍ଚ୍ଚ ଟିମର ବିଶ୍ଳେଷଣ ଓ ତଥ୍ୟ ଅନୁଶୀଳନ ସାପେକ୍ଷ। ଦେଶରେ ଦାରିଦ୍ର୍ୟ ହାର ସାଢ଼େ ୪ରୁ ୫ ପ୍ରତିଶତ ମଧ୍ୟରେ ସୀମିତ। ଏପରିକି ଉତ୍କଟ ଦାରିଦ୍ର୍ୟ ନଗଣ୍ୟ ସ୍ଥିତିରେ ରହିଛି। ସହର ଓ ଗ୍ରାମାଞ୍ଚଳରେ କ୍ରମାଗତ ଦାରିଦ୍ର୍ୟ ହ୍ରାସ ପାଉଛି। ଏହାକୁ ସରକାରଙ୍କ ଉପଯୋଗିତା ବ୍ୟୟ ସର୍ବେକ୍ଷଣ ତଥା ସମର୍ଥନ ଦେଇଛି। ସରକାରୀ ପରିସଂଖ୍ୟାନ ଦାବି କରେ ଯେ ୨୦୧୧-୧୨ରେ ଗ୍ରାମାଞ୍ଚଳରେ ଦରିଦ୍ର୍ୟ ହାର ୨୫.୭ ପ୍ରତିଶତ ଥିବାବେଳେ ତାହା ଏବେ ୪.୮୬ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ହାର ୧୩.୭ରୁ ୪.୦୯ ପ୍ରତିଶତକୁ କମିଛି। ଏଥିରୁ ମନେ ହେଉଛି ଗତ ୧୨ ବର୍ଷ ମଧ୍ୟରେ ଦେଶରୁ ଦାରିଦ୍ର୍ୟ ଏକ ପ୍ରକାର ନିଶୁନ ହେବାକୁ ବସିଲାଣି। ଏହି ସମୟ ଅବଧିର ଆଉ ଏକ ପରିସଂଖ୍ୟାନ କୁହେ ଯେ ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ହାର ୧୪୩୦ ଟଙ୍କାରୁ ବୃଦ୍ଧି ପାଇ ୪୧୨୨ ଟଙ୍କା ଏବଂ ସହରାଞ୍ଚଳରେ ଏହି ହାର ୨୬୩୦ ଟଙ୍କାରୁ ୬୯୯୬ ଟଙ୍କାକୁ ବଢ଼ିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତି



ଓ ଖର୍ଚ୍ଚ ପରିସର ଏହି ସମୟ ମଧ୍ୟରେ ଯେଉଁ ଅନୁପାତରେ ବଢ଼ିଛି, ତାହାର ତୁଳନାତ୍ମକ ବିଚାର କଲେ ଯେଉଁ ଖର୍ଚ୍ଚ ହାର ବୃଦ୍ଧି ଦର୍ଶାଯାଇଛି ତାହା କ'ଣ ସତରେ ପର୍ଯ୍ୟାପ୍ତ ଏବଂ ସରକାର ଆତ୍ମସନ୍ତୋଷ ଲାଭ କରିବା ସକାଶେ ଯଥେଷ୍ଟ? ଏହି ପ୍ରଶ୍ନର ଉତ୍ତର କେବଳ ବର୍ଦ୍ଧିତ ବ୍ୟୟହାରରେ ଭାରାକ୍ରାନ୍ତ ହୋଇପଡ଼ିଥିବା ନିମ୍ନ ମଧ୍ୟବିତ୍ତ ବର୍ଗ ଦେଇପାରିବ। ଏସବୁ ସତ୍ତ୍ୱେ ସରକାର ଦେଶର ୮୧.୩ କୋଟି ଲୋକଙ୍କୁ ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଚାଲିଛନ୍ତି।

ଆପଣ ଟିକିଏ ଭଲ ଭାବେ ମୋ ଆଲୋଚନାର ଭିତରକୁ ଆସନ୍ତୁ। ଭାରତର ସବୁଠାରୁ ବିଶାଳ ଅଂଶ କୁହାଯାଉଥିବା ନିମ୍ନ ମଧ୍ୟବିତ୍ତ ବର୍ଗଟି କେବେ ଚାହିଁନଥାଏ ସେ କୋଟିପତି ହୋଇଯିବ। ଆଉ ଯେଉଁମାନେ ବି ଉପରୋକ୍ତ ଘାତ ପ୍ରତିଘାତକୁ ଡେ଼ଇଁ ଟିକିଏ ଉପରକୁ ଉଠିଛନ୍ତି ସେମାନଙ୍କର ଅର୍ଥରାଶି ଘର ହେଉ ବା ଗାଡ଼ି ନିର୍ଦ୍ଦିଷ୍ଟ ଇଏମଆଇ ପରିଶୋଧରେ ଦେଲାବେଳକୁ ଘରେ ପୁରାପୁରି ଟଣାଟଣି ଅବସ୍ଥା। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଅପରିବର୍ତ୍ତିତ ସୁଧ ହାରର କଷଣରେ ଦିନକୁ ଦିନ ପରିବାରର ଖର୍ଚ୍ଚ ଭାର ଆହୁରି ବଢ଼ିଯାଉଛି। ଗୋଟିଏ ଛୋଟିଆ ଆର୍ଥିକ ସ୍ଥିତିର ବିଶ୍ଳେଷଣଟି ରଖୁଛି। ୨୦୦୮-୦୯ ବେଳକୁ ଯେଉଁ ବ୍ୟକ୍ତି ଜଣଙ୍କ ମାସିକ ବେତନ ୧ଲକ୍ଷ ଟଙ୍କା ପାଉଥିଲେ ବର୍ତ୍ତମାନର ମୂଲ୍ୟସୂଚୀରେ ତାହା ୪୦ ହଜାର ଭିତରରେ ରହିଯାଇଛି। ବାସ୍ତବରେ ତା ବେତନର ହାର କ'ଣ ସେଇ ଅନୁପାତରେ କ'ଣ ବଢ଼ି ପାରିଛି ନା ପରିସ୍ଥିତିକୁ ସାମ୍ନା କରିବା ପାଇଁ ବ୍ୟୟ ସଙ୍କୋଚନ କରିବାକୁ ସେ ବାଧ୍ୟ ହୋଇପାରିଥାନ୍ତି।

ଭାରତର ବିଶାଳ ଜନସଂଖ୍ୟାର ତଥାକଥିତ ସଂଖ୍ୟା ଗଣିତରେ ଏହି ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ସଂଖ୍ୟା ଢ଼େର ଥିଲେ ମଧ୍ୟ ବାସ୍ତବରେ ନିଜ ଅଭାବ, ପରିବାରର ଟଣାଟଣି ପରିସ୍ଥିତିର ଦୁଃଖକୁ ହଜମ କରିବାର କଳା ସେମାନେ ଜାଣିଛନ୍ତି। ନିଜ ଅକୁହା ଦୁଃଖଟିକୁ ନିଜ ଜ୍ଞାତି ପରିଜନ, ବନ୍ଧୁବର୍ଗ ଏପରିକି ପଡ଼ୋଶୀ ଜଣଙ୍କୁ ମଧ୍ୟ କହିପାରି ନଥାନ୍ତି। କହିଦେଲେ ଯେ ସମସ୍ତେ ସାହାଯ୍ୟର ହାତ ବଢ଼ାଇ ଦେବେ ତାହା ବଡ଼କଥା ନୁହେଁ ତେବେ ସେମାନଙ୍କର ବି ପୁଣି ଅଭାବ, ଦାୟିତ୍ୱ ଓ ପରିବାରର ଚିନ୍ତା ରହିଛି। ଏହି ଭାବନା କୋହବ୍ୟକ୍ତ କଥାଟିକୁ ପଛେଇ ନେଇଯାଏ। ଏହିପରି କ୍ଷେତ୍ରରେ ଅନେକ ସମୟରେ ଦେଖାଯାଏ ପରିବାରର ରୋଜଗାରକ୍ଷମ ମୁରବୀଟି ଯିଏ ଦିନେ ଚଳଚଞ୍ଚଳ ହୋଇ ପରିବାରକୁ ଚଳାଉଥିଲା ସେ ବାଧ୍ୟ ହୋଇଥାଏ ଏ ଦୁନିଆ ଛାଡ଼ି ଚାଲିଯିବା ପାଇଁ। ଆତ୍ମହତ୍ୟା ପ୍ରବଣତା ତା ସାମ୍ନାରେ ଏକ ନିରୁତ୍ତା ଉତ୍ତର ହିଁ ପାଲଟିଥାଏ। ସେହିପରି ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାଟି ନିଜ ବିଫଳତାକୁ ହଜମ କରିନପାରି ଆତ୍ମହତ୍ୟା କରିବା ପଛରେ ଥାଏ ପରିବାରର ଆର୍ଥିକ ଅନଟନ ଓ ଟଣାଟଣି ପରିସ୍ଥିତି। ପରିସଂଖ୍ୟନର ଚିତ୍ର ଯାହା ଜଣାଯାଏ ଅଧିକାଂଶ ନିମ୍ନ ମଧ୍ୟବିତ୍ତ ପରିବାରର ସଦସ୍ୟ ସେହି ରାସ୍ତା ହିଁ ଆପଣାଇ ଥାନ୍ତି। ମନେପକାନ୍ତୁ ଭାରତର ଏହି ବର୍ଗଙ୍କୁ ବେଶ ଆଡ଼ମ୍ବର ଓ ବଡ଼କଥାର ଭାଷାରେ 'ଓପିନିୟନ ମେକର' ବା ପରିବର୍ତ୍ତନର ବାର୍ତ୍ତାବହ କୁହାଯାଏ। ଭାବନ୍ତୁ ଏହି ପରିବର୍ତ୍ତନର ବାର୍ତ୍ତାବହ ମାନଙ୍କୁ ସ୍ୱତନ୍ତ୍ର ସାମାଜିକ ମର୍ଯ୍ୟାଦା ନିଶ୍ଚିନ୍ତ ଦରକାର ପଡୁଥିଲେ ବି ସେମାନଙ୍କ କୋହ ଓ କଥା ସବୁବେଳେ ଅବହେଳିତ। ସମାଜରେ କର୍ପୋରେଟ ଲବି ଓ ବଡ଼ ବାବୁ ମାନଙ୍କ ପ୍ରାଧାନ୍ୟ ଭିତରେ ଏବେ ବି ଅଶିକ୍ଷାର ଅମା ଅନ୍ଧାର ଭିତରେ ଅନେକ ଭାରତୀୟ ରହିଛନ୍ତି। ନିର୍ବାଚନ ସମୟରେ ଏହି ବର୍ଗଙ୍କୁ ହିଁ ଖୋଜା ପଡ଼ିଥାଏ। ନିମ୍ନ ମଧ୍ୟବିତ୍ତ ବର୍ଗ କେବଳ ସମାଜରେ ସାମାନ୍ୟ ଭାବେ ମୁଣ୍ଡ ଟେକି ଚାଲିବା ପାଇଁ ଅହର୍ନିଶ ସଂଗ୍ରାମ କରୁଛନ୍ତି, ଲଢୁଛନ୍ତି ଜୀବନ ସହ ଆଉ ସେମାନଙ୍କ ହାତରେ ଏହି ରାଜନୀତି ପାଇଁ ସମୟ ହିଁ ନଥାଏ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୬୮୯**

# 'ଧର୍ମ ଏକ ସିନା ମହତ ପଣିଆ, ଆଉ ସବୁ କଥା ଅଢ଼େଇ ଦିନିଆ'

ମାନସ ପୃଷ୍ଟି

ସତରେ ମୁଁ କ'ଣ ଏ ଦୁନିଆକୁ କିଛି ନେଇକରି ଆସିଛି ନା ନେଇକରି ଯିବି। ଯେତିକି ଯାହା ଓ ଯେଉଁପରି ଆୟ କରିବି ସେହିପରି ବ୍ୟୟ ତ କରିବି ସେ କର୍ମ ସତକର୍ମ ହୋଇଥିଲେ ଭଗବାନ ମୋତେ ନିଶ୍ଚିନ୍ତ ସାହାଯ୍ୟ କରିବେ ଆଉ ଅସତ୍ କାର୍ଯ୍ୟ ହୋଇଥିଲେ ଭଗବାନ ମୋ ଠାରୁ ହାତଛଡ଼ା ହୋଇଯିବେ ଆଉ ମୋ ମୁଣ୍ଡ ଉପରୁ ଭଗବାନଙ୍କ କୃପା ମଧ୍ୟ ରହିବ ନାହିଁ। ସତ୍ ଓ କଠିନ ପରିଶ୍ରମ କରି ଯେତିକି ଅର୍ଜନ କରୁଛି ମୋ ସହ କିଛି ସହାୟକଙ୍କ ପରିବାର ବର୍ଗ ପ୍ରତିପୋଷଣ ହେଉଛନ୍ତି ତେବେ ବାସ୍ତବ କଥା ହେଉଛି ଜୀବନଟା ଅତ୍ୟନ୍ତ କଷ୍ଟକର, ସଂଘର୍ଷପୂର୍ଣ୍ଣ ଆଉ ପେଟପଟଣା ପାଇଁ ବେଶ ଜଟିଳ ମଧ୍ୟ। ଦୁନିଆରେ ଚାଲିବାକୁ ହେଲେ ଅନେକ ପ୍ରକାର ଲୋକଙ୍କୁ ନେଇ ଚାଲିବାକୁ ପଡ଼ିବ। ସେମାନଙ୍କ ମତ ଆପଣଙ୍କ ମତ ସହ ସମାନ ନହୋଇପାରେ କିନ୍ତୁ ପରିସ୍ଥିତି ଆପଣଙ୍କୁ ଅନେକ ବାଧ୍ୟବାଧକତା ଭିତରକୁ ଠେଲି ଦେଇଥାଏ। ବେଳେ ବେଳେ ଦୁନିଆରେ ଏପରି କଠିନ ତମ ଓ ଅପମାନଜନକ ହୋଇଥିଲେ ମଧ୍ୟ ପରିସ୍ଥିତି ଚକ୍ରରେ କିଏ ଅନ୍ୟ ପାଇଁ ନିଶାଦ୍ରବ୍ୟ କିଣିଦେଇଥାଏ ତ କିଏ ମିଛ କଥାଟି କହି ବିଷ ସମ୍ପର୍କ ତିଆରି କରିଥାଏ। ମୁଁ ସେପରି ଜଣେ ବଡ଼ଲୋକ, ପାଠପଢୁଆ ଲୋକଟି ନୁହଁ। ଛୋଟିଆ ପେଟପାଟଣାର କର୍ମ ସଂସ୍ଥାନର ଅବଲମ୍ବନ ଦ୍ୱାରା ଜୀବନ ଜୀଇଁବା କଥା। ମୋ ଜୀବନରେ ବିଶେଷକରି ବ୍ୟବସାୟ ପରି ଆର୍ଥିକ ଗୁରୁତ୍ୱପୂର୍ଣ୍ଣ ବୃତ୍ତିଟିକୁ ଗ୍ରହଣ କରିଥିଲେ ମଧ୍ୟ ମୁଁ ସେପରି ହିସାବ ପତ୍ର ରଖେନା। ନ ରଖିବା ଯେ ଠିକ ମୁଁ ତାହା କହୁନି। ମୋ ଭାବନା ଯାହା ମୁଁ ହିସାବ ରଖିଲେ ଅଭାବବୋଧ ବା ଅର୍ଥରାଶିର କମ ପରିମାଣ ମୋତେ ଭାରାକ୍ରାନ୍ତ କରିବ, ଦୁନିଆ ଚିନ୍ତାକୁ ମୁଣ୍ଡ ଭିତରେ ପୁରାଇବ। ଏପରିକି ଶାନ୍ତିଟିତ ଯିବ କିନ୍ତୁ ଆପଣଙ୍କ ସହ କାମ କରୁଥିବା ଅନ୍ୟ ମାନଙ୍କୁ ଆପଣ ବିରକ୍ତିର ସହ ଆଚରଣ ଦେଖାଇବେ। ସେମାନଙ୍କୁ ସେପରି ଆଚରଣ ଦେଖାଇ ଆପଣ କ'ଣ ନିଜେ ଭଲ ଭାବେ ବ୍ୟବସାୟ ଚଳାଇ ରଖିପାରିବେ ନା ନିଜେ ଶାନ୍ତି ପାଇପାରିବେ। ମୋ ଜୀବନରେ ମୁଁ କ'ଣ ମୋ ପରିବାରର କେହି ନିଶାଦ୍ରବ୍ୟ ଖାଆନ୍ତି ନାହିଁ। ସର୍ବନିମ୍ନ ଜୀବନ ବିତାଇବା ପାଇଁ ଭଗବାନ ଯେଉଁ ରାସ୍ତା ବି ଦେଖାଇଛି ସେହି ରାସ୍ତାରେ ଚାଲିବା କଥା। ଯେତିକି ପାରିଛି ଅନ୍ୟକୁ ସାହାଯ୍ୟ କରିଛି କିନ୍ତୁ କେବେ କାହାକୁ ଠକିବା, କାହାକୁ କଷ୍ଟ ଦେବାକୁ ଚିନ୍ତା କରିନାହିଁ। ଏହା ଭଗବାନଙ୍କ ଓ ପିତାମାତାଙ୍କ ଆଶୀର୍ବାଦ ବୋଲି ଭାବିଥାଏ।

ଜୀବନଚକ୍ର ଭିତରେ ଅନେକ ଘାତପ୍ରତିଘାତ ଅନେକ ଚିତ୍ର ବିଚିତ୍ର ଲୋକ ଚରିତ୍ର ସବୁ ଦେଖିବାକୁ ମିଳେ। ଏ ଯେମିତି ବେଶ ଭଦ୍ରଲୋକ ସାଜିଥିବା ଉପରକୁ ସମାଜର ବଡ଼ ବାବୁ ଭାବେ ଥାଟବାଟ ଥିବା ଲୋକମାନଙ୍କର ଅନେକ କ୍ଷେତ୍ରରେ ଆଚରଣ ଓ ଉଚ୍ଚାରଣ ଦୁଇ ପ୍ରକାର ହୋଇଥାଏ। କେତେଟା ଟଙ୍କା ପାଇଁ କିଏ କାହାର ତଣ୍ଟି କାଟିଲାଣି ତ କେଉଁଠି ସ୍ୱାମୀଟି ଦିଗହରା ହୋଇ ନୂଆ ଜୀବନ ସନ୍ଧାନରେ ଚାଲିଲାଣି। ଏପରି ଜୀବନଚକ୍ର ଭିତରେ ମୋ ବ୍ୟବସାୟ ଭାବନାର କଥାକୁ ଆଲୋଚନା ରଖିଲେ ଅନେକ ଅର୍ଥ ରାଶି ମୁଁ ଅକାଳରେ ହରାଇଦେଇଛି। କହିବାକୁଗଲେ ବଜାରରେ ଅନେକ ଟଙ୍କା ପାଣିରେ ପଡ଼ିଥିବାବେଳେ ସେପରି କିଛି ଉଦାର ଭାବନାର ଲୋକମାନଙ୍କୁ ପାଇଛି ଯେଉଁ ମାନଙ୍କ ସାହାଯ୍ୟ, ସହଯୋଗ, ପରାମର୍ଶ ଓ ଭଲପାଇବା ଆଗକୁ ଯିବାକୁ ବାଟ ଦେଖାଇଛି। କିଛି ସମୟର ଦୁଃଖ, ବୁଡ଼ି ଯାଇଥିବା ଅର୍ଥ, କାହା କାହାଙ୍କର ଟାଣ ଓ ଅପମାନଜନକ କଥା ଭିତରେ ପରିବାରଟି କିନ୍ତୁ ପଛରେ ପଡ଼ିଯାଏ। ସେମାନଙ୍କୁ ଦେଖିବା ପାଇଁ, ସେମାନଙ୍କ ସାଙ୍ଗରେ ସମୟ ବିତାଇବା ପାଇଁ ମୁହୂର୍ତ୍ତ ମିଳିନଥାଏ। ଜୀବନରେ କର୍ମ ବ୍ୟସ୍ତତା ଭିତରେ କିଛି ମୁହୂର୍ତ୍ତ କାଢ଼ି ନିଜ, ଆପଣାର, ନିଜ ସହିତ ଥିବା ଲୋକମାନଙ୍କୁ ନେଇ ପରିଭ୍ରମଣ ଯୋଜନା ପ୍ରତିବର୍ଷ ହୋଇଥାଏ। ସନ୍ତୋଷ ପୃଷ୍ଟି, ଦେବବ୍ରତ ପୃଷ୍ଟି, ଗଉରା ସାହୁ, କୁନି ସାହୁ, ଶଙ୍କର୍ଷଣ, ମୋହନ ଦାସ, କୈଳାସ ନାୟକ, ସମୀର ପ୍ରଧାନ, ନିର ନାୟକ, ରଞ୍ଜନ ନାୟକ, ସନ୍ତୋଷ ନାୟକ, ସୁରେଶ ନାୟକ, ବଜେନ୍ଦ୍ର, ରଘୁ ଓ ମଣ୍ଟୁ ପ୍ରମୁଖ ସାମିଲ ହୋଇଥାନ୍ତି ପ୍ରତି ବର୍ଷ। ଓଡ଼ିଶାର ପ୍ରାକୃତିକ ବିଭବ ପରିଦର୍ଶନ ସହ ସ୍ଥାନୀୟ ଅଞ୍ଚଳର ଜନଜାତି ଲୋକମାନଙ୍କ ସହ ଭାବ ବିନିମୟ କରିବା ଓ ସେମାନଙ୍କ ଉନ୍ନତି କଳ୍ପେ କିଛି ସେବା ପାଇଁ ଇଛା ରଖିବା ଏହିପରି ଥାଏ ମନ ଭିତରର ଇଛା। କୋରାପୁଟର ଗୁପ୍ତେଶ୍ୱର ହେଉ ବା ଗଞ୍ଜାମର ତାରାତାରିଣୀ, ନାରାୟଣୀ ବା କନ୍ଧମାଳର ଦାରିଙ୍ଗବାଡ଼ି। କଟକ ସିଡିଏ ସେକ୍ଟର ନଅସ୍ଥିତ ଓମ୍ ସୁଇଟସ୍ ଆଣ୍ଡ ସ୍ନାକ୍ସ, ମହିମା ଭେରାଇଟି ଷ୍ଟୋରର ମିଳିତ ଆୟୋଜନରେ ପରିଭ୍ରମଣର ସୁଯୋଗଟି ମିଳିଥାଏ। ଜୀବନ ଜଞ୍ଜାଳପୂର୍ଣ୍ଣ ଓ ଆହ୍ୱାନଭରା ଭିତରେ ବାହାର ପରିଭ୍ରମଣ ସମୟରେ ପାଖଆଖର ଲୋକମାନଙ୍କର ସହ କିଛି ସମୟ ବିତାଇବା ଭିତରେ ଅନେକ ପରାମର୍ଶ, ଉପଦେଶ ଓ ଉପାଦେୟ କଥା ଗୁଡ଼ିକ ବୁଝିବାକୁ ମିଳିଥାଏ।

ସମୟ, ଆହ୍ୱାନ ଜୀବନର ପ୍ରତିଟି କ୍ଷେତ୍ରକୁ ଆଗକୁ ନେବାକୁ ବାଟ ଦେଖାଏ। ଜୀବନର ଚକ୍ର ଆଗକୁ ବଢ଼ିଲା ବେଳେ ଆମ୍ଭେମାନେ ନିଜ ବୟସ ବଢ଼ିବା ଭିତରେ ସମାଜ ଓ ସମୟର ବଢ଼ିବାକୁ ମଧ୍ୟ ଦେଖିବା କଥା। ଆଜିର ଶିଶୁ ଆସନ୍ତା କାଲି ବୟସ୍କ ହେବେ। ଆଜିର ଜୀବନ କାଲି କ'ଣ ପରମୁହୂର୍ତ୍ତକୁ ବି ସମ୍ଭାବନା ନଥିବ। ତେବେ ଘାତପ୍ରତିଘାତ ଓ ଆହ୍ୱାନଭରା ଜୀବନ ଭିତରେ ମଣିଷ ନିତିଦିନ ଶିଖିବା ପାଇଁ ପାଇଥାଏ ଅନେକ ଅବସର ଆଉ ଅନେକ ବ୍ୟକ୍ତିଚରିତ୍ର ମାନଙ୍କୁ। ଆମ ସମୟରେ ଏପରି ମହତ୍ ଭାବନାର ଓ ଭଲ ନୀତିଶିକ୍ଷାର ଜୀବନ ବିତୁଥିବା ଲୋକମାନେ ମଧ୍ୟ ଅଛନ୍ତି। କହିବାକୁଗଲେ ଧର୍ମ ଡ଼ଙ୍ଗା ସେଇ ମାନଙ୍କୁ ନେଇ ହିଁ ଚାଲିଛି। କବିବର ରାଧାନାଥ ରାୟଙ୍କ ପ୍ରାତଃ ସ୍ମରଣୀୟ ଧାଡିଟି ଲେଖୁଛି - 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏହି ସଂସାର ବାରିଧି। ଧର୍ମ ଏକ ସିନା ମହତ ପଣିଆ ଆଉ ସବୁ କଥା ଅଢ଼େଇ ଦିନିଆ।'

**ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୭୭୭୦୫୬୫୨୬**

# ଭାରତରେ ପ୍ରତି ୪ ମିନିଟରେ ଜଣଙ୍କର ଜୀବନ ନେଉଛି ସଡ଼କ ଦୁର୍ଘଟଣା

ନାଟ୍ୟସାରଥି ଅଭୟ କୁମାର ଦାସ



ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧, ୫୦୦ (୭୦%) ଜଣ ଯୁବ ବର୍ଗର। ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ। ରାଜ୍ୟରେ କୋଭିଡ଼ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି। ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି। ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ବର୍ଷକୁ ଚାଲିଯାଉଛି ଦେଢ଼ଲକ୍ଷ ବହୁ ମୂଲ୍ୟ ଜୀବନ। ଗତ ୨୦୨୩ରେ ୫୬୩୯ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ୫୪୬୭। ୨୦୨୧ରେ ତାହା ଥିଲା ୫୦୮୧ଜଣ। ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ସଡ଼କ ସୁରକ୍ଷା ମାସ।

ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ। ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଗଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି। ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି। ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଢ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି। ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ



ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା। ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି। ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ। ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ। ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର। ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ। ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି। ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର। ହେଲେ ଅନୁପାଳନ ହେଉନାହିଁ। ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ। ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି। ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫, ୨୧, ୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩, ୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି। ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି। ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି। ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକ୍ଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ। ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ।

**ଗୋତରା, ମାହାଙ୍ଗା, କଟକ**
**ମୋବାଇଲ୍: ୯୪୩୭୧୪୨୭୧୭**

# ସପ୍ତାହରେ ୯୦ ଘଣ୍ଟା କାମ କରିବାକୁ ଏଲ୍‌ଏଣ୍ଡ୍‌ଟି ମୁଖ୍ୟଙ୍କ ପରାମର୍ଶ

**ନୂଆଦିଲ୍ଲୀ,୯।୧:** ଲାର୍ସନ ଏଣ୍ଡ୍ ଟୁବ୍ରୋ ଅଧ୍ୟକ୍ଷ ଏସ୍. ଏନ୍ ସୁବ୍ରମଣ୍ୟନଙ୍କ ଏକ ବୟାନ ଏବେ ସୋଶାଲ ମିଡିଆର ଶିରୋନାମା ପାଲଟିଛି। ପ୍ରତିଯୋଗିତାମୂଳକ ମନୋଭାବ ରଖିବା ସକାଶେ କର୍ମଚାରୀମାନଙ୍କୁ ସପ୍ତାହରେ ୯୦ ଘଣ୍ଟା କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏପରିକି ରବିବାର ମଧ୍ୟ କାମ କରିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିବାରୁ ଏହାକୁ ଅନେକ ସମାଲୋଚନା କରିଛନ୍ତି। ଶ୍ରୀ ସୁବ୍ରମଣ୍ୟନଙ୍କ ଏକ ଭିଡିଓ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେଉଛି। ଏଥିରେ ଏଲ୍‌ଏଣ୍ଡ୍‌ଟି କମ୍ପାନୀର କର୍ମଚାରୀମାନଙ୍କୁ କାହିଁକି ଶନିବାର ମଧ୍ୟ କାମ କରିବାକୁ ପଡୁଛି ବୋଲି ସୁବ୍ରମଣ୍ୟନଙ୍କୁ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ ଯେ ସତ କହିବାକୁ ଗଲେ ରବିବାର କର୍ମଚାରୀଙ୍କୁ କାମ କରାଇପାରୁନଥିବାରୁ ସେ ବେଶ୍ ଦୁଃଖିତ। ସେ ନିଜେ ରବିବାର କାମ କରନ୍ତି। ତେଣୁ ଯଦି କର୍ମଚାରୀମାନଙ୍କୁ ରବିବାର କାମ କରାଇପାରିବେ, ତା' ତାଙ୍କ ପାଇଁ ସବୁଠାରୁ ଖୁସିର ବିଷୟ ହେବ। ଏତିକି ନୁହେଁ, ଘରେ ବସି କର୍ମଚାରୀମାନେ କ'ଣ ଲାଭ ପାଆନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ତୁମେ ଘରେ ବସି କ'ଣ କର? କେତେ ସମୟ ତୁମ ସ୍ତ୍ରୀ ମୁହଁକୁ ଚାହିଁ ରହିପାରିବ? ତା'ଛଡ଼ା ସ୍ତ୍ରୀମାନେ ତାଙ୍କ ସ୍ୱାମୀଙ୍କୁ କେତେ ସମୟ ଚାହିଁକି ବସି ପାରିବେ? ତେଣୁ ଭଲ ହେବ, ଅଫିସକୁ ଆସି କାମ କର, ଯାହାଦ୍ୱାରା ଉଭୟ କମ୍ପାନୀ ଓ କର୍ମଚାରୀ ଉପକୃତ ହୋଇପାରିବେ ବୋଲି ସୁବ୍ରମଣ୍ୟନ୍ କହିଛନ୍ତି। ଏହି ଅବସରରେ ସେ ଚୀନର ଜନୈକ ବ୍ୟକ୍ତିଙ୍କ ଉଦାହରଣ ଦେଇଥିଲେ। ସେ କହିଥିଲେ ଯେ ଚୀନର ଲୋକଟିଏ କହିଲା ଚୀନ ଏହାର ଦୃଢ଼ କାର୍ଯ୍ୟଶୈଳୀ ପାଇଁ ଖୁବଶୀଘ୍ର ଆମେରିକାକୁ ପଛରେ ପକାଇଦେବ। କାରଣ ଚୀନ୍ ଲୋକେ ସପ୍ତାହରେ ୯୦ ଘଣ୍ଟା କାମ କରନ୍ତି। ଅନ୍ୟପକ୍ଷରେ ଆମେରିକୀୟମାନେ ସପ୍ତାହରେ କେବଳ ୫୦ ଘଣ୍ଟା କାର୍ଯ୍ୟ କରନ୍ତି। ତେଣୁ ଏହା ହିଁ ଆପଣଙ୍କ ପ୍ରଶ୍ନର ଉତ୍ତର ବୋଲି ସୁବ୍ରମଣ୍ୟନ କହିଥିଲେ। ସେ ଆହୁରି କହିଥିଲେଯେ ଯଦି ତୁମକୁ ବିଶ୍ୱରେ ଶୀର୍ଷ ସ୍ଥାନରେ ପହଞ୍ଚିବାର ଅଛି, ତା'ହେଲେ ସପ୍ତାହରେ ୯୦ ଘଣ୍ଟା କାମ କରିବାକୁ ପଡ଼ିବ।



ସୂଚନାଯୋଗ୍ୟ ଯେ ନିକଟରେ ଅନ୍ୟତମ ବିଶ୍ୱସ୍ତରୀୟ ଆଇଟି କମ୍ପାନୀ ଇନଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତୀ ଭାରତୀୟ ଯୁବବର୍ଗଙ୍କୁ ସପ୍ତାହରେ ୭୦ ଘଣ୍ଟା କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏବେ ସୁବ୍ରମଣ୍ୟନ ୯୦ ଘଣ୍ଟା କାମ କରିବା ସକାଶେ ପରାମର୍ଶ ଦେଇ ନାରାୟଣମୂର୍ତ୍ତିଙ୍କୁ ମଧ୍ୟ ଟପିଯାଇଛନ୍ତି। କିନ୍ତୁ କମ୍ପାନୀ ଓ କର୍ମଚାରୀଙ୍କ ମଧ୍ୟରେ ଏବେ ମାନସିକ ସ୍ୱାସ୍ଥ୍ୟ ଏବଂ କର୍ମ-ଜୀବନ ସନ୍ତୁଳନ ଏକ ପ୍ରମୁଖ ଆଲୋଚନାର ବିଷୟ ହୋଇଥିବାବେଳେ ସୁବ୍ରମଣ୍ୟନଙ୍କ ଏଭଳି ବୟାନକୁ ସବୁଆଡୁ ସମାଲୋଚନା କରାଯାଉଛି।

## ୩୨ ଆପ୍ ଓ ୪ ବିଜେପି ବିଧାୟକଙ୍କ ନାମରେ ସଙ୍ଗିନ୍ ମାମଲା

**ନୂଆଦିଲ୍ଲୀ, ୯।୧:** ଫେବ୍ରୁଆରୀ ୫ରେ ଦିଲ୍ଲୀର ୭୦ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ଅବସରରେ ଦିଲ୍ଲୀର ବିଧାୟକଙ୍କ ପୃଷ୍ଠଭୂମି ଉପରେ ରିପୋର୍ଟ କାଢ଼ିଛି ଏଡିଆର ବା ଆସେସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ। ଦିଲ୍ଲୀ ବିଧାନସଭାରେ ବର୍ତ୍ତମାନ ୫ଟି ଆସନ ଖାଲିପଡ଼ିଥିବା ବେଳେ ୬୫ଜଣ ବିଧାୟକଙ୍କ ସତ୍ୟପାଠକୁ ବିଶ୍ଳେଷଣ କରିଛି ଏଡିଆର। ୬୫ଜଣ ବିଧାୟକଙ୍କ ମଧ୍ୟରୁ ୩୬ ଜଣ ବିଧାୟକଙ୍କ ନାଁରେ ଅର୍ଥାତ୍ ୫୫ ପ୍ରତିଶତ ବିଧାୟକଙ୍କ ନାଁରେ ୫ ବର୍ଷରୁ ଅଧିକ ଦଣ୍ଡ ମିଳିବା ଭଳି ଦଫାରେ ମାମଲା ରୁଜୁ ହୋଇଥିବା ଦେଖାଯାଇଛି। ଆମ ଆଦମୀ ପାର୍ଟି ବା ଆପର ୫୮ ଜଣ ବିଧାୟକଙ୍କ ମଧ୍ୟରୁ ୩୨ ଜଣଙ୍କ ନାଁରେ ସଙ୍ଗିନ୍ ମାମଲା ରୁଜୁ ହୋଇଥିବା ବେଳେ ବିଜେପିର ୭ ବିଧାୟକଙ୍କ ମଧ୍ୟରୁ ୪ ଜଣଙ୍କ ନାଁରେ ସଙ୍ଗିନ୍ ମାମଲା ରୁଜୁ ହୋଇଥିବା ଦେଖାଯାଇଛି। ସମସ୍ତ ବିଧାୟକଙ୍କ ନିକଟରେ ମୋଟ ୮୨୯.୨୧ କୋଟି ଟଙ୍କାର ସମ୍ପତ୍ତି ଥିବାବେଳେ ହାରାହାରି ଜଣେ ବିଧାୟକଙ୍କ ପାଖରେ ୧୨.୭୫ କୋଟି ଟଙ୍କା ଥିବା ଦେଖାଯାଇଛି। ଦଳ ଦୃଷ୍ଟିରୁ ଦେଖିଲେ ଆପର ୫୮ ଜଣ ବିଧାୟକଙ୍କ ପାଖରେ ହାରାହାରି ୧୩.୩୯ କୋଟି ଟଙ୍କାର ସମ୍ପତ୍ତି ରହିଥିବାବେଳେ ବିଜେପିର ୭ ଜଣ ବିଧାୟକଙ୍କ ପାଖରେ ହାରାହାରି ୭ କୋଟି ୪୫ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ଆପର ଧର୍ମପାଲ ଲାକ୍ରାଙ୍କ ପାଖରେ ସବୁଠାରୁ ଅଧିକ ୨୯୨ କୋଟି ଟଙ୍କାର ସମ୍ପତ୍ତି ରହିଥିବାବେଳେ ଆପର ରାକ୍ଷୀ ବିର୍ଲାଙ୍କ ପାଖରେ ସବୁଠାରୁ କମ୍ ମାତ୍ର ୭୬ ହଜାର ଟଙ୍କାର ସମ୍ପତ୍ତି ରହିଛି।

## ଦୁର୍ବଳ ହେଉଛି 'ଇଣ୍ଡିଆ' ମେଣ୍ଟ, ଭାଙ୍ଗିଦେବାକୁ ଓମାରଙ୍କ ପରାମର୍ଶ



**ଶ୍ରୀନଗର,୯।୧:** ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ 'ଇଣ୍ଡିଆ' ମେଣ୍ଟ ଫାଟି ଆଁ କଲାଣି। ପ୍ରଥମେ ମେଣ୍ଟର ଦୁଇ ସହଯୋଗୀ କଂଗ୍ରେସ ଓ ଆପ୍ ପରସ୍ପର ବିରୋଧରେ ଲଢ଼ିବାକୁ ଘୋଷଣା କରିଥିଲେ। ଏବେ ବିରୋଧୀ ମେଣ୍ଟର ଅନ୍ୟ ସହଯୋଗୀ ଦଳମାନେ କଂଗ୍ରେସକୁ ଏକପାଖିଆ କରି ଦିଲ୍ଲୀ ନିର୍ବାଚନରେ ଆମ୍ ଆଦମୀ ପାର୍ଟିକୁ ସମର୍ଥନ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ମେଣ୍ଟର ଅନ୍ୟତମ ସହଯୋଗୀ ତଥା ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଅସନ୍ତୋଷ ଝାଡ଼ିଛନ୍ତି। ଅବଦୁଲ୍ଲା କହିଛନ୍ତି ଯେ ଦିଲ୍ଲୀ ନିର୍ବାଚନରେ ଯେହେତୁ ଆମେ ଅଂଶଗ୍ରହଣ କରୁନାହୁଁ, ତେଣୁ ଏ ପ୍ରସଙ୍ଗରେ ମୋର କିଛି କହିବାର ନାହିଁ। ବିଜେପିକୁ କିପରି ହରାଇବାକୁ ହେବ, ସେକଥା ଆମ୍ ଆଦମୀ ପାର୍ଟି, କଂଗ୍ରେସ ଓ ନିର୍ବାଚନ ଲଢୁଥିବା ଅନ୍ୟ ଦଳ ଗୁଡ଼ିକ ଚିନ୍ତା କରିବେ। ହେଲେ ମୋର ଯେତିକି ମନେ ଅଛି, ଇଣ୍ଡିଆ ମେଣ୍ଟର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥିଲା। ହେଲେ ଦୁର୍ଭାଗ୍ୟବଶତଃ ଲୋକସଭା ନିର୍ବାଚନ ପରେ ମେଣ୍ଟର କୌଣସି ବୈଠକ ଅନୁଷ୍ଠିତ ହେଲା ନାହିଁ, ତେଣୁ ମେଣ୍ଟର ନେତୃତ୍ୱ, ଏଜେଣ୍ଡା କିମ୍ବା ଅସ୍ତିତ୍ୱ ବିଷୟରେ କୌଣସି ସ୍ପଷ୍ଟତା ନାହିଁ ବୋଲି କହିଛନ୍ତି ଓମାର ଅବଦୁଲ୍ଲା। ଯଦି ଏହା କେବଳ ଗତବର୍ଷର ଲୋକସଭା ନିର୍ବାଚନ ପାଇଁ ଗଠନ ହୋଇଥିଲା, ତେବେ ସେମାନେ ଏହାକୁ ଏବେ ଭାଙ୍ଗିଦେବା ଉଚିତ ବୋଲି ମେଣ୍ଟର ଅନ୍ୟତମ ସହଯୋଗୀ ନ୍ୟାସନାଲ୍ କନଫରେନ୍ସ ନେତା କହିଛନ୍ତି।

## କୋଟାରେ ପୁଣି ଅଘଟଣ
## ୨୪ ଘଣ୍ଟାରେ ଦୁଇ ଛାତ୍ରଙ୍କ ଆତ୍ମହତ୍ୟା

**କୋଟା,୯।୧:** ପୁଣି ମୃତ୍ୟୁର ରାସ୍ତା ବାଛିନେଲେ ବିଦ୍ୟାର୍ଥୀ। ୨୪ ଘଣ୍ଟା ମଧ୍ୟରେ ଦୁଇ ଜଣ ଜେଇଇ ପରୀକ୍ଷା ପାଇଁ କୋଚିଂ ନେଉଥିବା ଛାତ୍ର ଆତ୍ମହତ୍ୟା କରିଛନ୍ତି। ରାଜସ୍ଥାନର କୋଟାରେ ଏପରି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, କୋଟାର ବିଜ୍ଞାନ ନଗରରେ ରହି ଜେଇଇ ପାଇଁ ପ୍ରସ୍ତୁତ ହେଉଥିବା ୨୦ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଛାତ୍ର ଜଣଙ୍କ ଅଭିଷେକ ବୋଲି ଜଣାପଡ଼ିଛି। ସେ ମଧ୍ୟପ୍ରଦେଶ ଗୁନା ଜିଲ୍ଲାର ବାସିନ୍ଦା ଥିଲେ। ଅଭିଷେକ ଗତବର୍ଷ ମେ'ରୁ କୋଟାର ଏକ କୋଚିଂ ସେଣ୍ଟରରେ ଜେଇଇ ପାଇଁ ପ୍ରସ୍ତୁତ ହେଉଥିଲେ। ସେ ଏଠାରେ ବିଜ୍ଞାନ ନଗର ପୁଲିସ୍ ଷ୍ଟେସନ ପରିସରରେ ଥିବା ଡାକନିଆ ଅଞ୍ଚଳରେ ପିଜି ଭାବେ ରହିଆସୁଥିଲେ। ପୁଲିସ ଦେଇଥିବା ସୂଚନାନୁସାରେ, ଅଭିଷେକ କୋଠରୀରେ ଥିବା ପଙ୍ଖାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତ ଜାରି ରହିଛି।

ସେହିପରି ପୂର୍ବରୁ ଗତକାଲି କୋଟା ଜିଲ୍ଲାର ଜବାହର ନଗର ଥାନା ଅଞ୍ଚଳରେ ମଧ୍ୟ ଆଇଆଇଟି-ଜେଇଇ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ଛାତ୍ର ଜଣଙ୍କ ଥିଲେ ୧୯ ବର୍ଷୀୟ ନୀରଜ। ସେ ହରିୟାଣାର ବାସିନ୍ଦା ଥିଲେ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ନେଇ ପ୍ରସିଦ୍ଧ ରାଜସ୍ଥାନର କୋଟା ସହରରେ ଆତ୍ମହତ୍ୟାର ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ମଧ୍ୟ କୋଟାରେ ଅନେକ ଥର ଛାତ୍ର ଆତ୍ମହତ୍ୟା କରିଥିବା ଖବର ସାମ୍ନାକୁ ଆସିଛି

## ବ୍ୟାପୁଛି ଜଙ୍ଗଲ ନିଆଁ, ୬ ମୃତ

**ଲସ୍ ଏଞ୍ଜେଲିସ୍,୯।୧:** ହୁ ହୁ ହୋଇ ଜଳୁଛି ଜଙ୍ଗଲ ଓ ଏହି ନିଆଁ କ୍ରମଶଃ ବ୍ୟାପିବାରେ ଲାଗିଛି। ନିଆଁ ଆଁରେ ପଶିଗଲାଣି ଘରଦ୍ୱାର। ଜଙ୍ଗଲରେ ଥିବା ହଜାର ହଜାର ଗଛ ପୋଡ଼ି ପାଉଁଶ ହୋଇଗଲାଣି। ଜନବସତି ଆଡକୁ ମାଡି ଆସିଲାଣି ନିଆଁ। ଫଳରେ ଲୋକେ ଭୟଭୀତ ହୋଇ ଘର ଛାଡି ଦୌଡ଼ି ପଳାଇଯାଇ ଜୀବନ ରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ଆମେରିକାର ଲସ୍ ଏଞ୍ଜେଲିସ୍‌ରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। କାଲିଫର୍ଣ୍ଣିଆ ଜଙ୍ଗଲରୁ ନିଆଁ ବ୍ୟାପି ଶତାଧିକ ଘର ଜଳି ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡରେ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ହୋଇଛନ୍ତି। ପ୍ରାୟ ୩୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପଡ଼ିଛି। ଏଥିସହ ନିଆଁ ବ୍ୟାପିବା ଯୋଗୁ ଏକ ହଜାରରୁ ବି ଅଧିକ ଘର ଜଳି ଯାଇଛି। ପ୍ରବଳ ପବନ ବହିବା ହେତୁ ଦ୍ରୁତ ଗତିରେ ନିଆଁ ବ୍ୟାପିବାରେ ଲାଗିଛି। ସାଣ୍ଟା ମୋନିକା ଏବଂ ମାଲିବୁ ମଧ୍ୟରେ ପାସିଫିକ୍ ପାଲିସେଡ୍ସ ଅଞ୍ଚଳରେ ପ୍ରାୟ ୧୨୬୨ ଏକର ଜଙ୍ଗଲ ଅଞ୍ଚଳ ଜଳି ପୋଡ଼ି ଛାରଖାର ହୋଇଯାଇଛି। ୫ ହଜାର ଏକରରୁ ବି ଅଧିକ ଜମିରେ ଏହି ନିଆଁ ବ୍ୟାପିଛି। ଏଥିଯୋଗୁ ନିଆଁ ବ୍ୟାପୁଥିବା ଅଞ୍ଚଳରୁ ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଖାଲି କରାଯାଇଥିଲେ ମଧ୍ୟ ଆହୁରି ଅନେକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ଏକ ହଜାରରୁ ଅଧିକ ଘର ନଷ୍ଟ ହୋଇଯାଇଛି। ନିଆଁ ବ୍ୟାପିବା ଫଳରେ ହଲଉଡ ଷ୍ଟାର୍ ସମେତ ଅନେକ ଲୋକମାନେ ତୋପାଙ୍ଗା କାନ୍ୟନ୍ ପାର୍ବତ୍ୟାଞ୍ଚଳ ଛାଡ଼ି ଦେଇଛନ୍ତି। ରାସ୍ତାରେ ଯିବା ବେଳେ ନିଆଁ କବଳକୁ ଚାଲିଆସିବାରୁ ଲୋକେ ସେମାନଙ୍କ କାର୍ ଛାଡ଼ି ଦୌଡ଼ିଥିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ନିଆଁକୁ ଆୟତ୍ତ କରିବାକୁ ଆକାଶ ମାର୍ଗରୁ ପାଣି ବର୍ଷା କରାଯାଉଛି।

## ପୁଣି ବିଭ୍ରାନ୍ତ କଲା ଗୁଗଲ ନାଗାଲାଣ୍ଡ ପଳାଇଲା ଆସାମ ପୁଲିସ

ଗୌହାଟୀ,୯।୧: ପୁଣି ଧୋକା ଦେଲା ଗୁଗୁଲ ମ୍ୟାପ୍। ବାଟ ଦେଖାଉଥିବା ଗୁଗୁଲ ମ୍ୟାପ୍ କଲା ବାଟବଣା। ଗୁଗଲ ମ୍ୟାପ୍‌କୁ ଭରସା କରି ଏଥର ଫସିଲା ପୁଲିସ। ଚଢ଼ାଉ ପାଇଁ ଆସାମ ଯାଉଥିବା ପୁଲିସକୁ ନାଗାଲାଣ୍ଡରେ ନେଇ ପହଞ୍ଚାଇଲା। ଫଳରେ ସେଠାକାର ଲୋକେ ଏବେ ପୁଲିସକୁ ବାନ୍ଧି ନେଲେ। ବୁଧବାର ଆସାମ ଜୋରହାଟ ପୁଲିସର ଏକ ୧୬ ଜଣିଆ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ କରୁଥିଲା। ଏହି ସମୟରେ ଗୁଗଲ ମ୍ୟାପ୍‌ର ସେମାନେ ସାହାରା ନେଇଥିଲେ। ଗୁଗୁଲ ମ୍ୟାପ୍ ଯେଉଁ ରାସ୍ତା ଦେଖାଇଥିଲା, ପୁଲିସ ଟିମ୍ ସେହି ରାସ୍ତା ଦେଇ ଆଗକୁ ବଢ଼ିଥିଲେ। ଫଳରେ ଠିକଣାସ୍ଥଳରେ ପହଞ୍ଚିବା ବଦଳରେ ଏମାନେ ନାଗାଲାଣ୍ଡ ସୀମାରେ ପହଞ୍ଚି ଯାଇଥିଲେ। ନାଗାଲାଣ୍ଡର ମୋକୋକଚୁଙ୍ଗ ଜିଲ୍ଲାରେ ପୁଲିସ ଟିମ୍ ଅଜାଣତରେ ପହଞ୍ଚି ଯାଇଥିଲେ। ଏହି ସମୟରେ ପୁଲିସମାନେ ସାଧା ପୋଷାକରେ ଥିଲେ। ସେମାନଙ୍କ ପାଖରେ ଅତ୍ୟାଧୁନିକ ବନ୍ଧୁକ ମଧ୍ୟ ଥିଲା। ଏହାଦେଖି ସେଠାକାର ସ୍ଥାନୀୟ ଲୋକମାନେ ତାଙ୍କୁ ଆକ୍ରମଣ କରିଥିଲେ ଓ ରାତିସାରା ବନ୍ଧକ ରଖିଥିଲେ।

ଜନୈକ ଅଧିକାରୀ ଦେଇଥିବା ସୂଚନାନୁସାରେ, ତାହା ଏକ ଚା' ବଗିଚା ଅଞ୍ଚଳ ଥିଲା ଯାହାକୁ ଗୁଗଲ ମ୍ୟାପ୍‌ରେ ଆସାମର ବୋଲି ଦେଖାଇଥିଲା। ତେବେ ପ୍ରକୃତରେ ତାହା ନାଗାଲାଣ୍ଡରେ ସୀମା ଥିଲା। ଜିପିଏସ୍‌ରେ ଦ୍ୱନ୍ଦ୍ୱ ଥିବାରୁ ଦଳ ନାଗାଲାଣ୍ଡ ଭିତରକୁ ଯାଇ ଅପରାଧୀଙ୍କୁ ଖୋଜିଥିଲେ ପୁଲିସ ଟିମ୍। ତେବେ ସେଠାକାର ସ୍ଥାନୀୟ ଲୋକେ ପାଖରେ ହତିଆରା ଥିବା ଦେଖି ଆସାମ ପୁଲିସ ଟିମ୍‌କୁ ଦୁର୍ବୃତ୍ତ ବୋଲି ଭାବିଥିଲେ। ପରେ ସେମାନଙ୍କୁ ବନ୍ଧକ ରଖିଥିଲେ। ଏହି ସୂଚନା ମିଳିବା ପରେ ଜୋରହାଟ ପୁଲିସ ତୁରନ୍ତ ମୋକୋକଚୁଙ୍ଗ ପୁଲିସ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲା। ଆସାମ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରିବା ପାଇଁ ଏକ ଟିମ୍ ପଠାଇଥିଲା। ତା'ପରେ ସ୍ଥାନୀୟ ଲୋକମାନେ ଅନୁଭବ କଲେ ଯେ ଏହା ଆସାମର ପ୍ରକୃତ ପୁଲିସ ଟିମ୍। ଏହାପରେ ସେମାନେ ସମସ୍ତଙ୍କୁ ମୁକ୍ତ କରିଥିଲେ। ରାତିସାରା ସ୍ଥାନୀୟ ଲୋକେ ୧୧ଜଣ ପୁଲିସ କର୍ମୀଙ୍କୁ ବନ୍ଧକ ରଖିଥିଲେ। ସକାଳେ ତାଙ୍କୁ ମୁକ୍ତ କରାଯାଇଥିଲା। ପରେ ସେ ଜୋରହାଟରେ ପହଞ୍ଚିଥିଲେ।

### ପର୍ଣ୍ଣ ଷ୍ଟାର୍‌ଙ୍କୁ ଗୁପ୍ତଧନ ଦେବା ମାମଲା
## ସୁପ୍ରିମକୋର୍ଟ ଗଲେ ଟ୍ରମ୍ପ

**ୱାଶିଂଟନ, ୯।୧:** ଖୁବଶୀଘ୍ର ଶପଥ ନେବେ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ତେବେ ତାଙ୍କ ବିରୋଧରେ ଥିବା ପୁରୁଣା ମାମଲା ପିଛା ଛାଡୁନି। ଶପଥ ପୂର୍ବରୁ ପର୍ଣ୍ଣ ଷ୍ଟାର୍‌ଙ୍କୁ ଗୁପ୍ତ ଧନ ଦେବା ମାମଲାରେ ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ନ୍ୟୁୟର୍କ କୋର୍ଟର ନିଷ୍ପତ୍ତିକୁ ସେ ଚ୍ୟାଲେଞ୍ଜ କରିଛନ୍ତି। ଜଣେ ପର୍ଣ୍ଣଷ୍ଟାରଙ୍କୁ ଚୁପ୍ ରହିବା ପାଇଁ ଟଙ୍କା ଦେବା ମାମଲାରେ ଶୁକ୍ରବାର ତାଙ୍କ ବିରୋଧରେ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ସେ ପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଟ୍ରମ୍ପଙ୍କ ଓକିଲମାନେ ବୁଧବାର ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଏହି ଆବେଦନ କରିଛନ୍ତି। ତେବେ ପୂର୍ବରୁ ନ୍ୟୁୟର୍କ କୋର୍ଟ ଜଜ ଜଷ୍ଟିସ୍ ଜୁଆନ ଏମ ମାର୍ଚେନଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡକୁ ସ୍ଥଗିତ ରଖିବାକୁ ମନା କରିଦେଇଥିଲେ। ଜାନୁଆରୀ ୧୦ରେ ଟ୍ରମ୍ପଙ୍କ ମାମଲାର ଶୁଣାଣି କରିବାକୁ ଜିଦ୍ ଧରିଥିବା ଜଜ୍ ମର୍ଚେନ ଗତ ବର୍ଷ ମେ ମାସରେ ଟ୍ରମ୍ପଙ୍କୁ ୩୪ଟି ନକଲି ବ୍ୟବସାୟ ରେକର୍ଡ ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ ଟ୍ରମ୍ପଙ୍କ ଓକିଲମାନେ ତୁରନ୍ତ ଦଣ୍ଡାଦେଶ ଶୁଣାଇବା ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟରେ ଅନୁରୋଧ କରିଛନ୍ତି।

# ଇସ୍ରୋର ସ୍ପେସ୍ ଡକିଂ ସ୍ଥଗିତ

**ବେଙ୍ଗାଲୁରୁ,୯।୧:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ତା'ର ସ୍ପେସ୍ ଡକିଂକୁ ସ୍ଥଗିତ ରଖିଛି। ସ୍ପେଡେକ୍ସ ମିଶନରେ ଯାଇ ମହାକାଶରେ ଘୂରିବୁଲୁଥିବା ୨ଟି ସ୍ପେସ୍‌କ୍ରାଫ୍ଟ ଚେଜର୍ ଓ ଟାର୍ଗେଟକୁ ଯୋଡ଼ାଯିବା ପାଇଁ ଗତକାଲିକୁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାକୁ ସ୍ଥଗିତ ରଖାଯାଇଥିବା ନେଇ ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୁଇ ସାଟେଲାଇଟ୍ ସୁରକ୍ଷିତ ରହିଛି ବୋଲି ମଧ୍ୟ ଇସ୍ରୋ ସ୍ପଷ୍ଟ କରିଛି। ପୂର୍ବରୁ ଗତ ୭ ତାରିଖରେ ଡକିଂ ପାଇଁ ସମୟ ଧାର୍ଯ୍ୟ ହୋଇଥିଲେ ହେଁ ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଗତବର୍ଷ ଡିସେମ୍ବର ୩୦ରେ ଉତକ୍ଷେପଣ ପରେ ୨ଟି ଯାକ ସ୍ପେସକ୍ରାଫ୍ଟ ପୃଥିବୀ ପୃଷ୍ଠରୁ ୪୭୦ କିମି ଉଚ୍ଚତାରେ ବୃତ୍ତାକାର କକ୍ଷପଥରେ ଘୂରିବୁଲୁଛନ୍ତି। ଉଭୟ ଚେଜର୍ ଓ ଟାର୍ଗେଟର ଓଜନ ୨୨୦ କିଲୋଗ୍ରାମ୍ ଲେଖାଏଁ ହୋଇଥିବା ବେଳେ ସେମାନେ ମହାକାଶରେ ଘଣ୍ଟା ପ୍ରତି ୨୪ ହଜାର କିମି ବେଗରେ ଘୂରିବୁଲୁଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ନିଖୁଣ ଭାବେ ଯୋଡ଼ିବା ଇସ୍ରୋ ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଆହ୍ୱାନ ହୋଇଛି। ଅବଶ୍ୟ ଏହା ଖୁବ୍ ସୂକ୍ଷ୍ମ ପ୍ରକ୍ରିୟା ହୋଇଥିବା ବେଳେ ଏଥିରେ ସଫଳତା ମିଳିଲେ ଡକିଂ ଟେକ୍ନୋଲୋଜି ହାସଲ କ୍ଷେତ୍ରରେ ଆମେରିକା, ରୁଷ ଓ ଚୀନ ପରେ ଭାରତ ଚତୁର୍ଥ ଦେଶ ହେବାର ଗୌରବ ଲାଭ କରିବ। ସୂଚନାଯୋଗ୍ୟ ଯେ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ଏବଂ ଚନ୍ଦ୍ରଯାନ-୪ ମିଶନ ପାଇଁ ଡକିଂ ଟେକନୋଲୋଜି ନିତାନ୍ତ ଜରୁରୀ।



# କିଛି କାମ କରୁନାହାନ୍ତି, କିନ୍ତୁ ବର୍ଷକୁ ଅର୍ଜୁଛନ୍ତି ୬୯ ଲକ୍ଷ

**ଟୋକିଓ,୯।୧:** କାମ କଲେ ଲୋକଙ୍କୁ ଟଙ୍କା ମିଳେ। କାହାକୁ କମ୍ ତ ଆଉ କାହାକୁ ଅଧିକ। ଏହି ଟଙ୍କା ପାଇଁ ଦିନ ରାତି ଖଟେ ମଣିଷ। କିନ୍ତୁ ଏଭଳି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କିଛି କରୁନାହାନ୍ତି। ବସି ବସି ସେ ବର୍ଷକୁ ଅର୍ଜୁଛନ୍ତି ଲକ୍ଷ ଲକ୍ଷ ଟଙ୍କା। ତେବେ କିଛି ନ କରିବା ପାଇଁ ହିଁ ସେ ଟଙ୍କା ନେଉଛନ୍ତି। ତାଙ୍କ ଡିମାଣ୍ଡ ବି କିଛି କମ୍ ନୁହେଁ। ସେ ଏଭଳି କରି ଇତିମଧ୍ୟରେ କୋଟିପତି ପାଲଟିଗଲେଣି। ଶୋଜି ମୋରିମୋଟୋଙ୍କ ବୟସ ୪୧। ସେ ଟୋକିଓର ବାସିନ୍ଦା ହୋଇଥିବା ବେଳେ ଗତ ୨୦୧୮ରେ ଏକ ନିଆରା ବ୍ୟବସାୟ ସେ ଆରମ୍ଭ କରିଥିଲେ। ଅବଶ୍ୟ ତାଙ୍କ ବ୍ୟବସାୟ ସମ୍ପର୍କରେ ଜାଣିଲେ କେହି ବି ଆଶ୍ଚର୍ଯ୍ୟ ହେବେ। କାରଣ ସେ ନିଜକୁ ଭଡ଼ାରେ ଲଗାଇଦେଇଥିଲେ। ରେଣ୍ଟାଲ ପର୍ସନ୍ ବା ଭଡ଼ା ପାଇଁ ଉପଲବ୍ଧ ଥିବା ବ୍ୟକ୍ତି ରୂପେ ମୋରିମୋଟୋ ନିଜକୁ ଉପସ୍ଥାପନ କରିଥିଲେ। ଏହି ପେସାରେ ସେ କୌଣସି କାମ କରିବେ ନାହିଁ। କେବଳ ଲୋକଙ୍କ ଏକାକୀପଣ ଦୂର କରିବେ। ଲୋକଙ୍କ ପାଖରେ ବସିବେ। ସେମାନଙ୍କ ସହ କଥାବାର୍ତ୍ତା ହେବେ। ଜଣେ ବନ୍ଧୁ ଭଳି ତାଙ୍କ କଥା ଶୁଣିବେ ଓ ତାଙ୍କ ଦୁଃଖକଷ୍ଟ ନିଜ ସହ ବାଣ୍ଟିବେ। ଏଭଳି କରିବା ପାଇଁ ଶୋଜି ମୋରିମୋଟୋଙ୍କୁ ବେଶ୍ ମୋଟା ଅଙ୍କର ଟଙ୍କା ମିଳିଥାଏ। ଏହାକୁ ସେ ସର୍ଭିସ ଟ୍ୟାକ୍ସ ବୋଲି କହନ୍ତି। ଏଭଳି କାମ ପାଇଁ ଏବେ ଜାପାନରେ ମୋରିମୋଟୋଙ୍କ ଡିମାଣ୍ଡ କାହିଁରେ କ'ଣ। ଲୋକେ ନିଜର ଏକାକୀପଣ ଦୂର କରିବା ସକାଶେ ତାଙ୍କୁ ଖୋଜୁଛନ୍ତି। ତାଙ୍କ ସହ ସମୟ ବିତାଇବାକୁ ମୋଟା ଅଙ୍କର ଟଙ୍କା ମଧ୍ୟ ଖର୍ଚ୍ଚ କରିବାକୁ ପଛାଉନାହାନ୍ତି। ନିଜେ ମୋରିମୋଟୋ ଏହାର ଖୁଲାସା କରିଛନ୍ତି।



ସେ କହିଛନ୍ତି ଯେ ଏହି ବ୍ୟବସାୟ ଆରମ୍ଭ କରିବା ପରଠାରୁ ଅଦ୍ୟାବଧି ସେ ୪ ହଜାରରୁ ଅଧିକ ଲୋକଙ୍କ ପାଇଁ କାମ କରିସାରିଲେଣି। ପ୍ରତି ବୁକିଂ ପିଛା ତାଙ୍କୁ ୧୦ ହଜାର ୟେନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୫,୬୩୩ ଟଙ୍କା ମିଳେ। ସେ ଘଣ୍ଟା ପିଛା ଟଙ୍କା ଦାବି କରନ୍ତି। ମୋରିମୋଟୋ ମୁଖ୍ୟତଃ ଯେଉଁମାନଙ୍କର ବନ୍ଧୁଟିଏ ଆବଶ୍ୟକ ସେମାନଙ୍କ ନିକଟରେ ନିକଟକୁ ଯା'ନ୍ତି। ବିନା ପାର୍ଟନରରେ ଯେଉଁ କ୍ଲବ୍ ପ୍ରବେଶ ଅନୁମତି ଦେଇନଥାଏ, ସେଠାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ମୋରିମୋଟୋ ପାର୍ଟନର ସାଜିଥାନ୍ତି। ସେହିପରି ପାର୍ଟିକୁ ଏକୁଟିଆ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତିଙ୍କ ସହ ମଧ୍ୟ ସେ ଯାଇଥାନ୍ତି। ତା'ଛଡ଼ା କେହି ଯଦି ନିଜ ଘରେ ନିଜକୁ ଏକୁଟିଆ ଅନୁଭବ କରୁଛନ୍ତି, ତା'ହେଲେ ମୋରିମୋଟୋ ସେଠାରେ ପହଞ୍ଚି ତାଙ୍କ ଏକାକୀପଣକୁ ଦୂର କରନ୍ତି। ଏକ ରିପୋର୍ଟ ଅନୁଯାୟୀ, ମୋରିମୋଟୋ ଗତ ଚାରି ବର୍ଷ ମଧ୍ୟରେ ଏଭଳି ଉପାୟରେ ଅର୍ଥ ଉପାର୍ଜନ କରି ଅଦ୍ୟାବଧି ପାଖାପାଖି ୩ କୋଟି ଟଙ୍କା ରୋଜଗାର କରିସାରିଛନ୍ତି। ତେବେ ନାନାଦି ସେବା ଯୋଗାଇଆସୁଥିଲେ ମଧ୍ୟ ମୋରିମୋଟୋ କାଦପି ଶାରୀରିକ ସମ୍ପର୍କ ରଖିବାକୁ ପ୍ରଶ୍ରୟ ଦେଇନଥାନ୍ତି। ସେ କେଉଁ କାମ କରିବେ ଓ କେଉଁ କାମ କରିବେ ନାହିଁ, ତାହା ତାଙ୍କ ମୁଡ୍ ଉପରେ ନିର୍ଭର କରେ। ମୋରିମୋଟୋ ତାଙ୍କର ଅଧିକାଂଶ ଗ୍ରାହକଙ୍କୁ ମୁଖ୍ୟତଃ ଅନଲାଇନ୍‌ରେ ଭେଟିବାକୁ ପସନ୍ଦ କରିଥାନ୍ତି।

## ବିଷ ପିଇଦେଲେ ଆନ୍ଦୋଳନରତ ଚାଷୀ, ହସ୍ପିଟାଲରେ ଗଲା ଜୀବନ

**ଚଣ୍ଡିଗଡ଼, ୯।୧:** ପଞ୍ଜାବ-ହରିୟାଣା ସୀମାନ୍ତ ଶମ୍ଭୁ ବର୍ଡରରେ ଆନ୍ଦୋଳନ କରୁଥିବା ଜଣେ ୫୫ ବର୍ଷୀୟ ଚାଷୀ ବିଷ ପିଇ ଜୀବନ ହାରିଛନ୍ତି। ସେ ଆନ୍ଦୋଳନସ୍ଥଳରେ ବିଷ ପିଇ ଦେଇଥିଲେ। ଏହାପରେ ତାଙ୍କୁ ପଟିଆଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ୩ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏପରି ଘଟଣା ଘଟିଛି। ଶମ୍ଭୁ ସୀମାନ୍ତରେ ଚାଷୀମାନେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରେ ୫୫ ବର୍ଷୀୟ ରେଶମ ସିଂହ ମଧ୍ୟ ରହିଥିଲେ। ହେଲେ ସେ ହଠାତ୍ ଆଜି ଆନ୍ଦୋଳନସ୍ଥଳରେ ବିଷ ପିଇ ଦେଇଥିଲେ। ତାଙ୍କୁ ତୁରନ୍ତ ପଟିଆଲାରେ ଥିବା ରାଜିନ୍ଦର ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏମଏସ୍‌ପିର ଆଇନଗତ ମାନ୍ୟତା ଦାବିରେ ଚାଷୀମାନେ ଆନ୍ଦୋଳନ କରୁଥିଲେ ହେଁ କେନ୍ଦ୍ର ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି। କେନ୍ଦ୍ର ସରକାରଙ୍କ ଉପରେ କ୍ଷୁବ୍ଧ ହୋଇ ରେଶମ ସିଂହ ଆତ୍ମହତ୍ୟା କରିଥିବା ଅନ୍ୟ ଚାଷୀମାନେ କହିଛନ୍ତି। ଏହାପୂର୍ବରୁ ଡିସେମ୍ବର ୧୮ରେ ରଣଯୋଧ ସିଂହ ନାମକ ଜଣେ ଚାଷୀ ଶମ୍ଭୁ ସୀମାରେ ଆତ୍ମହତ୍ୟା କରିଥିଲେ। ଚାଷୀ ନେତା ଜଗଜିତ ସିଂହ ନଭେମ୍ବର ୨୬ରୁ ଆମରଣ ଅନଶନ କରୁଥିବାରୁ ତାଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଛି। ଏଥିଯୋଗୁ ରଣଯୋଧ ମାନସିକ ଚାପରେ ରହିଥିଲେ। ତେଣୁ ସେ ଜୀବନ ହାରିଥିବା ଅଭିଯୋଗ ହୋଇଛି।

## ଅଧାରେ ରହିଲା ରାହୁଲଙ୍କ ସ୍ୱପ୍ନ

**ନୂଆଦିଲ୍ଲୀ, ୯।୧:** ୧୦ ବର୍ଷରୁ ଅଧିକ ଦିନ ହେଲାଣି କ୍ଷମତାରୁ ଦୂରେଇ ରହିଛି କଂଗ୍ରେସ। ୧୪ ଓ ୧୯ରେ ଦଳର ବିପର୍ଯ୍ୟୟ ହେବା ପରେ ୨୪ରେ ସ୍ଥିତି ଟିକିଏ ପରିବର୍ତ୍ତନ ହୋଇଥିଲା। ହେଲେ ରାହୁଲ ଦେଖିଥିବା ସ୍ୱପ୍ନ କିନ୍ତୁ ପୂରଣ ହେଲା ନାହିଁ। ବାରମ୍ବାର ଅପରିପକ୍ୱ ରାଜନୈତିକ ଭାଷଣକୁ ଦଳର ନେତାମାନେ ଦାୟୀ କରିଥିବା ବେଳେ ଇଣ୍ଡି ମେଣ୍ଟର ଅନେକ ନେତା ବି ରାହୁଲଙ୍କୁ ଘେରିଲେଣି। କୁହାଯାଉଛି କି, ରାହୁଲଙ୍କ ଏମିତି ସ୍ଥିତି ପାଇଁ ସେ ରାଜି। ପ୍ରଥମତଃ ଟିଏମସିର ସଭାପତି ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାହୁଲଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଥିଲେ। ପରେ ପରେ ଇଣ୍ଡି ମେଣ୍ଟର ଅନେକ ନେତା ବି ପ୍ରଶ୍ନ କରିବାକୁ ଲାଗିଲେ। ଆରଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ, ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ, ଏନସିପି ନେତା ଶରଦ ପାୱାର ଓ ଉଦ୍ଧବ ଠାକରେ ବି ରାହୁଲ ଗାନ୍ଧିଙ୍କ ନେତୃତ୍ୱକୁ ନେଇ ଉଠାଇଲେଣି ପ୍ରଶ୍ନ। ମେଣ୍ଟର ଅନେକ ନେତା ମମତାଙ୍କ ନେତୃତ୍ୱକୁ ପ୍ରଶଂସା ବି କରିଛନ୍ତି। ଆଉ ଆପ୍‌ର ସଭାପତି କେଜ୍ରିୱାଲ ଯେଉଁପରି ଢଙ୍ଗରେ କଂଗ୍ରେସ ଉପରେ ବର୍ଷିଛନ୍ତି ତାହା ଦେଖିଲେ ଗୋଟିଏ କଥା ସ୍ପଷ୍ଟ କି, ରାହୁଲଙ୍କ ସ୍ୱପ୍ନ ପୂରଣ କରିବାରେ ଏମାନେ ବାଧା ଦେଉଛନ୍ତି।

### ନିଜ୍ଜର ହତ୍ୟାକାଣ୍ଡ
## ୪ ଅଭିଯୁକ୍ତଙ୍କୁ ଜାମିନ

**ଓଟାୱା, ୯।୧:** ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜର ହତ୍ୟା ମାମଲାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ କାନାଡାର ଏକ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି ଫେବ୍ରୁଆରି ୧୧ରେ ହେବ। ୨୦୨୩ ଜୁନରେ କାନାଡାର ସରେରେ ହରଦୀପ ସିଂ ନିଜ୍ଜରଙ୍କୁ ହତ୍ୟା କରାଯାଇଥିଲା । ଏହି ହତ୍ୟା ମାମଲାରେ ୪ ଜଣ ଅଭିଯୁକ୍ତ କରଣ ବ୍ରାର, କମଲପ୍ରୀତ ସିଂହ, କରନପ୍ରୀତ ସିଂହ ଓ ଅମନଦୀପ ସିଂହଙ୍କୁ ଗିରଫ କରାଯାଇଥିଲା। ଏହି ୪ ଜଣଙ୍କ ବିରୋଧରେ ଫାଷ୍ଟ ଡିଗ୍ରୀ ହତ୍ୟା ଏବଂ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ହୋଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବ୍ରୁଆରି ୧୧ରେ ବ୍ରିଟିଶ କଲମ୍ବିଆ ସୁପ୍ରିମକୋର୍ଟରେ ହେବ। ଏହି ମାମଲା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଏବଂ ରୟାଲ କାନାଡିଆନ ମାଉଣ୍ଟେଡ ପୋଲିସ (ଆରସିଏମପି) ଏହି ହତ୍ୟା କାଣ୍ଡରେ ଭାରତ ସରକାରଙ୍କ ଜଣେ ଏଜେଣ୍ଟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତେବେ କାନାଡାର ଏହି ଅଭିଯୋଗକୁ ଭାରତ ସରକାର ଖଣ୍ଡନ କରିଥିଲେ । ଏହି ହତ୍ୟାକାଣ୍ଡକୁ ନେଇ ଭାରତ ଓ କାନାଡା ମଧ୍ୟରେ ସଂପର୍କ ଖରାପ ହୋଇଥିଲା ।

# ଚମତ୍କାର: ୨୪ ବର୍ଷ ପରେ ପରିବାରକୁ ଫେରିଲେ ପ୍ରମୋଦ

- ପରିବାର ଲୋକେ ମୃତ ବୋଲି ଧରିନେଇଥିଲେ
- ୧୫ ବର୍ଷ ହେଲା ପତ୍ନୀ ପାଉଛନ୍ତି ବିଧବା ଭତ୍ତା

**ଡେରାଡୁନ୍,୯।୧:** ଦୀର୍ଘ ୨୪ ବର୍ଷ ପରେ ଘଟିଛି ଚମତ୍କାର। ପରିବାର ଲୋକେ ମୃତ ବୋଲି ଧରିନେଇଥିଲେ ହେଁ ଜନୈକ ବ୍ୟକ୍ତି ଅନ୍ତର୍ଦ୍ଧାନ ହେବାର ଦୀର୍ଘ ୨୪ ବର୍ଷ ପରେ ଫେରିଛନ୍ତି। ଦୀର୍ଘ ଅଢ଼େଇ ଦଶନ୍ଧି ପରେ ପରିବାର ଲୋକଙ୍କ ସହ ଏକାଠି ହୋଇ ୫୪ ବର୍ଷୀୟ ପ୍ରମୋଦ ସିଂହ ନେଗୀ ସତେ ଯେମିତି ସ୍ୱର୍ଗ ସୁଖ ଅନୁଭବ କରୁଛନ୍ତି। ଉତ୍ତରାଖଣ୍ଡର ପୌରୀ ଗଡ଼ୱାଲରୁ ଏପରି ଘଟଣା ସାମ୍ନାକୁ ଆସିଛି। ୨୪ ବର୍ଷ ତଳେ ପ୍ରମୋଦ ହଠାତ୍ ଘରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଦୀର୍ଘ ବର୍ଷ ବିତିଯିବା ପରେ ସେ ପ୍ରତ୍ୟାବର୍ତ୍ତନ କରିନଥିବାରୁ ପରିବାର ଲୋକେ ତାଙ୍କୁ ମୃତ ବୋଲି ଧରିନେଇଥିଲେ। କିନ୍ତୁ ଏବେ ସେ ପରିବାର ପାଖକୁ ଫେରିଆସିଛନ୍ତି, ଯାହାକି ସ୍ଥାନୀୟ ଅଞ୍ଚଳ ଲୋକଙ୍କ ପାଇଁ ବିଶ୍ୱାସ କରିବା ସମ୍ଭବପର ହୋଇନାହିଁ।

ଅୟାଲ ନିବାସୀ ପ୍ରମୋଦ ଗତ ୨୦୦୦ ଡିସେମ୍ବର ୪ରେ ହଠାତ୍ କେଉଁ ଆଡ଼େ ଚାଲିଯାଇଥିଲେ। ପରିବାର ଲୋକ ତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ପାଇନଥିଲେ। ସମୟକ୍ରମେ ପରିବାର ଲୋକେ ପ୍ରମୋଦ ମରି ଯାଇଥିବା ଭାବି ତାଙ୍କର ଶୁଦ୍ଧିକ୍ରିୟା ମଧ୍ୟ କରିସାରିଥିଲେ। ପତ୍ନୀ ଲକ୍ଷ୍ମୀ ଦେବୀ ୧୫ ବର୍ଷ ହେଲା ସରକାରଙ୍କଠାରୁ ବିଧବା ଭତ୍ତା ମଧ୍ୟ ପାଇଆସୁଛନ୍ତି। ତେବେ ଗତବର୍ଷ ଡିସେମ୍ବର ୩୦ରେ ଅଚାନକ ଅୟାଲ ଗ୍ରାମର ଜନୈକ ବ୍ୟକ୍ତି ସୋଶାଲ ମିଡିଆରେ ପ୍ରମୋଦଙ୍କ ଫଟୋ ଦେଖିବାକୁ ପାଇଥିଲେ। ଗୋଟିଏ ସଂଗଠନ ଫଟୋ ଜାରି କରି ତାଙ୍କ ପରିଚୟ ଖୋଜୁଥିବା ନେଇ ସୋଶାଲ୍ ମିଡିଆରେ ପୋଷ୍ଟ କରିଥିଲେ। ଗ୍ରାମବାସୀ ଜଣଙ୍କ ଫଟୋଟି ପ୍ରମୋଦଙ୍କର ବୋଲି ଜାଣିପାରି ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ଜାଣିବା ପରେ ପ୍ରମୋଦଙ୍କ ୨୬ ବର୍ଷୀୟ ପୁଅ ସୁଦାମା ଓ ଅନ୍ୟ ସମ୍ପର୍କୀୟମାନେ ସୋଶାଲ ମିଡିଆରେ ଉପଲବ୍ଧ ଠିକଣା ଅନୁସାରେ ପିଥୋରଗଡ଼ର ବାଲୁୱାକୋଟରେ ପହଞ୍ଚିଥିଲେ। ସେମାନେ ସେଠାରେ ୨୪ ବର୍ଷ ଧରି ରହୁଆସୁଥିବା ପ୍ରମୋଦଙ୍କୁ ଦେଖି ନିଜ ଆଖିକୁ ବିଶ୍ୱାସ କରିପାରିନଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ପ୍ରମୋଦ ଏଠାରେ ଥିବା ଗୋଟିଏ ମନ୍ଦିରର କ୍ୟାମ୍ପସରେ ରହୁଥିଲେ। ସେହିପରି ଜୀବନ ଧାରଣ ପାଇଁ ଛୋଟମୋଟ କାମ କରୁଥିଲେ। ସେ ସମ୍ଭବତଃ ସ୍ମୃତି ଶକ୍ତି ହରାଇଥିବାରୁ ପରିବାର ଲୋକଙ୍କ ସହ ଯୋଗାଯୋଗ କରିପାରି ନଥିଲେ। ମନ୍ଦିର କ୍ୟାମ୍ପସରେ ରହିବା ବେଳେ ମଧ୍ୟ ସେ କାହା ସହ ବେଶୀ କଥା ମଧ୍ୟ ହେଉ ନଥିଲେ। ନିକଟରେ ଜୀବନ ଠାକୁର ନାମକ ଜଣେ ସାମାଜିକ କର୍ମୀ ପ୍ରମୋଦଙ୍କୁ ଭେଟିଥିଲେ। ତାଙ୍କ ସମ୍ପର୍କରେ ଜାଣିବା ପାଇଁ ସେ ଚେଷ୍ଟା କରିଥିଲେ। ସେ ନିୟମିତ ତାଙ୍କୁ ପ୍ରଶ୍ନ କରିବାରୁ ପ୍ରମୋଦ ବହୁତ କଷ୍ଟରେ ତାଙ୍କ ଗାଁ ଅୟାଲ ବୋଲି କହିଥିଲେ। ଜୀବନ ଠାକୁର କହିଛନ୍ତି, "ମୁଁ ଅୟାଲ ଗାଁକୁ ଅନଲାଇନରେ ସର୍ଚ୍ଚ କରିବା ପରେ ଏହା ପୌରୀ ଗଡ଼ୱାଲରେ ବୋଲି ଜାଣିବାକୁ ପାଇଥିଲି। ଏହାପରେ ପ୍ରମୋଦଙ୍କ ଫଟୋ ଓ ତାଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସୋଶାଲ ମିଡିଆରେ ପୋଷ୍ଟ କରିଥିଲି। ଜଣେ ବ୍ୟକ୍ତି ପ୍ରମୋଦଙ୍କ ସମ୍ପର୍କରେ ସୂଚନା ପାଇ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏବେ ପ୍ରମୋଦଙ୍କ ପରିବାର ଲୋକ ଏଠାରେ ପହଞ୍ଚିଛନ୍ତି। ପ୍ରମୋଦଙ୍କ ହାତରେ ଥିବା ଗୋଟିଏ ଟାଟୁ ତାଙ୍କ ପରିଚୟକୁ ଆହୁରି ସ୍ପଷ୍ଟ କରିଥିଲା।" ସୁଦାମାଙ୍କୁ ମାତ୍ର ଗୋଟିଏ ବର୍ଷ ହୋଇଥିଲା ବେଳେ ତାଙ୍କ ବାପା ପ୍ରମୋଦ ଘରୁ ଚାଲି ଯାଇଥିଲେ। ଏବେ ସେ ବାପାଙ୍କୁ ପାଇ ପୂରା ଖୁସି ହୋଇଯାଇଛନ୍ତି। ପ୍ରମୋଦ ଘରୁ ଚାଲିଯିବା ପରେ ପରିବାର ଲୋକ ଅନେକ କଷ୍ଟର ସାମ୍ନା କରିଥିଲେ। ପ୍ରମୋଦଙ୍କ ବାପା ମା' ଆଉ ଏ ଦୁନିଆରେ ନାହାନ୍ତି। ୨୦୨୪ ନଭେମ୍ବର ମାସରେ ପ୍ରମୋଦଙ୍କ ବଡ଼ ପୁଅ ତେଜପାଲ ଆତ୍ମହତ୍ୟା କରିଥିଲେ। କିନ୍ତୁ ପ୍ରମୋଦଙ୍କୁ ପାଖରେ ପାଇ ପରିବାର ଲୋକଙ୍କ କଷ୍ଟ ସାମାନ୍ୟ ଦୂର ହୋଇଛି। ଏବେ ଡେରାଡୁନ୍‌ରେ ପ୍ରମୋଦଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।



# ଇଂଲଣ୍ଡ ଟେଷ୍ଟ ପୂର୍ବରୁ କାଉଣ୍ଟି କ୍ରିକେଟ ଖେଳିବେ କୋହଲି



**ନୂଆଦିଲ୍ଲୀ, ୯।୧:** ଭାରତୀୟ କ୍ରିକେଟ ଟିମର ଷ୍ଟାର ବ୍ୟାଟର ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବିରାଟ ଶତକ ମାରିଥିଲେ ହେଁ ୫ଟି ଟେଷ୍ଟରେ ମୋଟ ୧୯୦ ରନ କରିପାରିଛନ୍ତି। ଆଉଟ ସାଇଡ ଅଫ ଷ୍ଟମ୍ପ ବଲରେ ବିରାଟ ବାରମ୍ବାର ପ୍ୟାଭିଲିୟନ ଫେରିବା ସମସ୍ତଙ୍କୁ ଚକିତ କରିଛି। ଏଥିପାଇଁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ବି ପଡ଼ିଛି।

ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପରେ ବିରାଟଙ୍କ କ୍ରିକେଟିଂ ଭବିଷ୍ୟତକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କିନ୍ତୁ ବିରାଟ ଅଲଗା ମୁଡରେ ରହିଛନ୍ତି। ଭାରତର ଇଂଲଣ୍ଡ ଟୁର ପୂର୍ବରୁ ବିରାଟ କୋହଲି କାଉଣ୍ଟୀ କ୍ରିକେଟ ଖେଳିବାକୁ ନଜର ରଖିଛନ୍ତି। ଏହାଦ୍ୱାରା ସେ ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ପୂର୍ବରୁ ପରିବେଶ ସହ ନିଜକୁ ଖାପ ଖୁଆଇ ପାରିବେ। ତେବେ କାଉଣ୍ଟୀ ଖେଳିବା ବିରାଟଙ୍କ ପାଇଁ ସହଜ ହୋଇ ନପାରେ। କାରଣ କାଉଣ୍ଟୀ ମ୍ୟାଚ୍ ଯେଉଁ ସମୟରେ ଖେଳାଯିବ ସେତେବେଳେ ଭାରତରେ ଆଇପିଏଲ ଚାଲିଥିବ। ତେଣୁ ବିରାଟ ଆଇପିଏଲ ଛାଡ଼ି କାଉଣ୍ଟୀ କ୍ରିକେଟ ଖେଳିବାକୁ ଇଂଲଣ୍ଡ ଯିବା ସମ୍ଭାବନା କମ ରହିଛି। ତଥାପି ବିରାଟ କାଉଣ୍ଟୀ ମ୍ୟାଚ୍ ପାଇଁ ଆଇପିଏଲରୁ ସମୟ ବାହାର କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଭାରତ ୫ ଟିକିଆ ଟେଷ୍ଟ ସିରିଜ ଖେଳିବାକୁ ଜୁନ-ଜୁଲାଇରେ ଇଂଲଣ୍ଡ ଗସ୍ତ କରିବ। ଏହା ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଅଂଶବିଶେଷ। ତେଣୁ ଭାରତକୁ ଏହି ସିରିଜରେ ନିଜର ଦମ ଦେଖାଇବାକୁ ପଡ଼ିବ।

ବିରାଟ ବର୍ଡର-ଗାଭାସ୍କର ଟ୍ରଫିରେ ୨୩.୭୫ ହାରରେ ମୋଟ ୧୯୦ ରନ କରିଛନ୍ତି। କେବଳ ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ସେ ଶତକ ମାରିଥିଲେ। ସେହି ଗୋଟିଏ ଇନିଂସକୁ ବାଦ ଦେଲେ ବିରାଟ ଆଦୌ ଭଲ ବ୍ୟାଟିଂ କରିନାହାନ୍ତି। ବିରାଟଙ୍କୁ ଅଧିକାଂଶ କ୍ରିକେଟ ପଣ୍ଡିତ ସମାଲୋଚନା କରୁଥିଲେ ହେଁ ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର ଫାଫ ଡୁପ୍ଲେସିସ ତାଙ୍କ ସମର୍ଥନରେ ବାହାରିଛନ୍ତି। ବର୍ତ୍ତମାନ ବ୍ୟାଟିଂରେ ସଂଘର୍ଷ କରୁଥିବା ବିରାଟ ଆହୁରି ଦମଦାର ଢଙ୍ଗରେ କମବ୍ୟାକ କରିବେ। ସେହିପରି ଅବସର ଗୋଟିଏ ବ୍ୟକ୍ତିଗତ ପ୍ରସଙ୍ଗ ବୋଲି ଡୁପ୍ଲେସିସ କହିଛନ୍ତି।

# ଖୋଖୋ ବିଶ୍ୱକପ୍ ପରିଚାଳନାରେ ଓଡ଼ିଶାରୁ ୫

**ଭୁବନେଶ୍ୱର, ୯।୧:** ନୂଆଦିଲ୍ଲୀଠାରେ ଚଳିତ ମାସ ୧୩ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରଥମ ଖୋ ଖୋ ବିଶ୍ୱକପ୍ ଆୟୋଜିତ ହେବ। ୨୪ଟି ଦେଶ ଅଂଶଗ୍ରହଣ କରୁଥିବା ଏହି ବିଶ୍ୱ ଲଢ଼େଇର ପରିଚାଳନା ଦାୟିତ୍ୱରେ ଓଡ଼ିଶାର ୫ଜଣ ଅଧିକାରୀ ଓ ବୈଷୟିକ ଅଧିକାରୀ ରହିବେ। ବୁଧବାର ସର୍ବଭାରତୀୟ ଖୋ ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ ଓ ସମ୍ପାଦକ ଏମ୍‌ଏସ୍ ତ୍ୟାଗୀଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ଏଭଳି ସୂଚନା ଦିଆଯାଇଛି। ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ବିଶ୍ୱକପ୍-୨୦୨୫ର ରେଫରି ବୋର୍ଡ ସଦସ୍ୟ ଭାବେ ମନୋନୀତ କରାଯାଇଥିବା ବେଳେ ଅନ୍ତର୍ଜାତୀୟ ବୈଷୟିକ ଅଧିକାରୀ ଭାବେ ପାର୍ଥସାରଥୀ ମହାପାତ୍ର, ଆକାଶ ରଣା, କ୍ରିଷ୍ଣା କୁମାରୀ ରାୟ ଓ ଶ୍ରଦ୍ଧାମୟୀ ରାଉତଙ୍କୁ ମନୋନୀତ କରାଯାଇଛି। ସମସ୍ତ ମନୋନୀତ ସଦସ୍ୟଙ୍କୁ ଆସନ୍ତା ୧୧ ତାରିଖ ସୁଦ୍ଧା ଦିଲ୍ଲୀରେ ପହଞ୍ଚିବାକୁ କୁହାଯାଇଛି। ପ୍ରଥମ ଖୋ ଖୋ ବିଶ୍ୱକପ୍‌ର ପରିଚାଳନାରେ ଓଡ଼ିଶାର ଏକାଥରକେ ୫ଜଣ ସାମିଲ ହେବାକୁ ଯାଉଥିବାରୁ ସେମାନଙ୍କୁ ରାଜ୍ୟର କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିଭଳି ରାଜ୍ୟ ଖୋ ଖୋ ଦୁନିଆରେ ଖୁସିର ଲହରି ଖେଳି ଯାଇଛି। ଏହି କର୍ମକର୍ତ୍ତାମାନେ ସେମାନଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବେ ବୋଲି ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଦୃଢ଼ ଆଶା ପୋଷଣ କରିଛନ୍ତି।




## ଭାରତୀୟ ଦଳ ଘୋଷଣା

ବିଶ୍ୱକପ୍ ଲାଗି ଗୁରୁବାର ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯିବ। ଏଥିନେଇ ଅପରାହ୍ଣ ୩ଟାରେ ସର୍ବଭାରତୀୟ ଖୋ ଖୋ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇଛି। ଭାରତୀୟ ଦଳରେ ଓଡ଼ିଶାର ଅନ୍ୟୂନ ୩ଜଣ ଖେଳାଳି ସ୍ଥାନ ପାଇବାର ସୂଚନା ହସ୍ତଗତ ହୋଇଛି। ସୂଚନାଯୋଗ୍ୟ ଯେ ହକି, ରଗ୍‌ବି ପରେ ଓଡ଼ିଶା ସରକାର ଭାରତୀୟ ଖୋ ଖୋ ଦଳର ୩ବର୍ଷ ପାଇଁ ପ୍ରାୟୋଜକ ହୋଇଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଓଡ଼ିଆଙ୍କ ପ୍ରତିନିଧିତ୍ୱ ପୂର୍ବାପେକ୍ଷା ବଢ଼ିବାର ଆଶା କ୍ରୀଡ଼ାପ୍ରେମୀ ରଖିଛନ୍ତି। ନୂଆଦିଲ୍ଲୀର ଜବାହରଲାଲ୍ ନେହରୁ ଷ୍ଟାଡିୟମ୍‌ରେ ଆୟୋଜିତ ୨୪୦ ଜଣିଆ ପ୍ରଶିକ୍ଷଣ ଓ ଚୟନ ଶିବିରରୁ ଭାରତୀୟ ଦଳ ବଛାଯିବ। ଆଗାମୀ ସମୟରେ ଖୋ ଖୋକୁ ଅଲିମ୍ପିକ୍ସରେ ସାମିଲ କରିବା ଲକ୍ଷ୍ୟ ନେଇ ବିଶ୍ୱକପ୍‌ର ପରିକଳ୍ପନା କରାଯାଇଛି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ପାକିସ୍ତାନ ବାଦ୍ ପଡ଼ିଲା

ଖୋ ଖୋ ବିଶ୍ୱକପ୍ ଲାଗି ଭିସା ମିଳିବାରେ ବିଳମ୍ବ ହେଉଥିବାରୁ ପାକିସ୍ତାନର ଉଭୟ ପୁରୁଷ ଓ ମହିଳା ଦଳ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଥିନେଇ ପାକିସ୍ତାନ ଖୋ ଖୋ ସଂଘ ଅସହାୟତା ପ୍ରକାଶ କରିଥିଲା ବେଳେ ଭାରତୀୟ ଖୋ ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି, ଆମ ହାତରେ କିଛି ନାହିଁ, ସବୁକିଛି ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭରଶୀଳ। ଏଥିପାଇଁ ଉଦ୍‌ଘାଟନୀ ଦିବସରେ ଭାରତୀୟ ମହିଳା ଓ ପାକିସ୍ତାନ ମହିଳାଙ୍କ ମୁକାବିଲା ପରିବର୍ତ୍ତେ ଭାରତ ଓ ନେପାଳ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସୂଚନା ଦେଇଛନ୍ତି ସେ। ସେହିଭଳି ଉଭୟ ପୁରୁଷ ଓ ମହିଳାଙ୍କୁ ମିଶାଇ ବିଶ୍ୱକପ୍‌ରେ ୪୦ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ଏବେ ଏହା ୩୯କୁ କମିଛି।



# ଚହଲଙ୍କ ଛାଡ଼ପତ୍ର ଚର୍ଚ୍ଚା ମୁହଁ ଖୋଲିଲେ ଧନଶ୍ରୀ

**ନୂଆଦିଲ୍ଲୀ, ୯।୧:** କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ସାମିଙ୍କ ପରେ ଏବେ ଦଳର ଷ୍ଟାର୍ ସ୍ପିନ୍‌ର ଯୁଜବେନ୍ଦ୍ର ଚହଲଙ୍କ ଛାଡପତ୍ରଙ୍କୁ ନେଇ ଜୋରଦାର ଚର୍ଚ୍ଚା ପତ୍ନୀ ଧନଶ୍ରୀଙ୍କ ସହ ତାଙ୍କର କୁଆଡେ ଆଉ ସମ୍ପର୍କ ଭଲ ନାହିଁ। ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଗଲାଣି। ଏପରିକୁ ଦୁହେଁ ଛାଡପତ୍ର ନେବା ନେଇ ମଧ୍ୟ ସୋଶାଲ ମିଡିଆରେ ଖରବ ଭାଇରାଲ ହେଉଛି। ଏସବୁ ଭିତରେ ଏବେ ମୁହଁ ଖୋଲିଛନ୍ତି ଯୁଜିଙ୍କ ପତ୍ନୀ ଧନଶ୍ରୀ।

ନିକଟରେ ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ସୋଶାଲ ମିଡିଆରେ ପରସ୍ପରକୁ ଅନଫଲୋ କରିଥିଲେ। ଏପରିକି ଦୁହେଁ ନିଜ ନିଜ ଆକାଉଣ୍ଟରୁ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି। ଏହାକୁ ନେଇ ଉଭୟଙ୍କ ଛାଡ଼ପତ୍ର ନେବା ଚର୍ଚ୍ଚା ଆହୁରି ଜୋର ଧରିଥିଲା। ଏବେ ଧନଶ୍ରୀ ବର୍ମା ପ୍ରଥମ ଥର ପାଇଁ ଛାଡ଼ପତ୍ର ଖବର ସାମ୍ନାକୁ ଆସିବା ପରେ ନୀରବତା ଭାଙ୍ଗିଛନ୍ତି। ସେ ସୋଶାଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଟ୍ରୋଲର୍ସଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, 'ମୋ ନୀରବତା ହେଉଛି ମୋର ଶକ୍ତି। ଗତ କିଛି ଦିନ ମୋ ପରିବାର ଏବଂ ମୋ ପାଇଁ ବହୁତ କଷ୍ଟଦାୟକ ଥିଲା। ପ୍ରକୃତରେ ଚିନ୍ତାଜନକ ବିଷୟ ହେଉଛି ଭିତ୍ତିହୀନ ଲେଖା ମାଧ୍ୟମରେ ମୋତେ ବଦନାମ କରାଯାଉଛି। ତଥ୍ୟହୀନ ଏବଂ ଘୃଣା ପ୍ରସାର କରାଯାଉଛି। ସତ ନ ଜାଣି ମୋ ଚରିତ୍ର ହରଣ କରାଯାଉଛି। ଯେଉଁଥିପାଇଁ ମତେ ଟ୍ରୋଲ କରାଯାଉଛି।' ସେ ଆହୁରି କହିଛନ୍ତି, 'ମୁଁ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରି ମୋର ନାମ ଏବଂ ସଚ୍ଚୋଟତା ସୃଷ୍ଟି କରିଥିଲି। କିନ୍ତୁ ଏବେ ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମୋ ମୁହଁ ଦେଖିନଥିବା ଲୋକେ ମୋର ଚରିତ୍ର ଉପରେ ଆଙ୍ଗୁଠି ଉଠାଉଛନ୍ତି। ମୋର ନୀରବତାକୁ ମୋର ଦୁର୍ବଳତା ଭାବନ୍ତୁ ନାହିଁ, ଏହା ମୋର ଶକ୍ତି। ମୁଁ ମୋସଚ୍ଚୋଟତା ସହ ଆଗକୁ ବଢ଼ୁଛି। ସତକୁ କାହା ଜଷ୍ଟିଫିକେସନର ଆବଶ୍ୟକତା ନାହିଁ।'

ଉଲ୍ଲେଖଯୋଗ୍ୟ, ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମା ଛାଡ଼ପତ୍ରକୁ ନେଇ ଏପର୍ଯ୍ୟନ୍ତ ଅନୁଷ୍ଠାନିକ ରୂପେ କୌଣସି ଘୋଷଣା କରିନାହାନ୍ତି। କିନ୍ତୁ ଉଭୟ ଅଲଗା ହୋଇଥିବା କଥା ସୋଶାଲ ମିଡିଆରେ ଭାଇରାଲ ହେଉଛି। ଏହି ଚର୍ଚ୍ଚା ୨୦୨୨ରୁ ଆରମ୍ଭ ହେଲାଣି। ଧନଶ୍ରୀ ନିଜ ନାମରୁ ଚହଲ ଉପନାମ ହଟାଇବା ପରେ ଛାଡ଼ପତ୍ର ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏକ ଡ୍ୟାନ୍ସ କ୍ଲାସ୍‌ରେ ଧନଶ୍ରୀଙ୍କୁ ପ୍ରଥମେ ଭେଟିଥିଲେ ଯୁଜବେନ୍ଦ୍ର ଚହଲ। ସେବେଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ୨୦୨୦ କରୋନା ଲକଡାଉନ୍ ବେଳେ ଉଭୟ ବିବାହ କରିଥିଲେ।

# ଚାମ୍ପିଅନ୍ସ ଟ୍ରଫି ପ୍ରସ୍ତୁତିକୁ ନେଇ ଚିନ୍ତାରେ ଆଇସିସି: ଅଧପନ୍ତରିଆ ଷ୍ଟାଡିୟମ୍, ଅସମ୍ପୂର୍ଣ୍ଣ ପିଚ୍



**ଦୁବାଇ, ୯।୧:** ମିନି ବିଶ୍ୱକପ୍‌ର ମାନ୍ୟତା ଲାଭ କରିଥିବା ଚାମ୍ପିଅନ୍ସ ଟ୍ରଫି ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତାକୁ ଆଉ ମାତ୍ର ଏକମାସରୁ କିଛି ଅଧିକ ଦିନ ବାକି ଅଛି। ହେଲେ ଏବେବି କରାଚିର ନ୍ୟାସ୍‌ନାଲ ଷ୍ଟାଡିୟମ୍‌ର ନିର୍ମାଣ ଓ ନବୀକରଣ କାର୍ଯ୍ୟ ଚାଲୁରହିଛି। ଲାହୋରର ଗଦ୍ଦାଫି ଷ୍ଟାଡିୟମ୍‌କୁ ମଧ୍ୟ ପିସିବି (ପାକିସ୍ତାନ କ୍ରିକେଟ୍ ବୋର୍ଡ) ଖୋଲାଖୋଲି କରି ଅଧପନ୍ତରିଆ ଭାବେ ପକାଇ ରଖିଛି। ପ୍ରତିଯୋଗିତାର ତୃତୀୟ ଭେନ୍ୟୁ ରାଓ୍ୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମ୍‌ର ସ୍ଥିତି ମଧ୍ୟ ଊଣାଅଧିକେ ସମାନ ରହିଛି। ତିନିଟି ଯାକ ଷ୍ଟାଡିୟମ୍‌ର ସଂପୂର୍ଣ୍ଣ ନବୀକରଣ, ନିର୍ମାଣ ସହ ପିଚ୍ ପ୍ରସ୍ତୁତ କରି ଫେବ୍ରୁଆରି ୧୨ ସୁଦ୍ଧା ଆଇସିସିକୁ ପିସିବି ହସ୍ତାନ୍ତର କରିବା କଥା। ହେଲେ ଏହା ସମ୍ଭବ ହେଲା ଭଳି ମନେ ହେଉନି। କହିବାକୁ ଗଲେ ପିସିସି ଏବେ ଧାର୍ଯ୍ୟ ସମୟ ଭିତରେ ଏହି ଷ୍ଟାଡିୟମ୍‌ଗୁଡ଼ିକୁ ଆଇସିସିକୁ ଦେବା ଲାଗି ସମୟ ସହ ଲଢ଼େଇ କରୁଛି। ତିନିଟି ଯାକ ଷ୍ଟାଡିୟମ୍‌ର ସବୁ ନିର୍ମାଣ କାର୍ଯ୍ୟ ଡିସେମ୍ବର ୩୧ ସୁଦ୍ଧା ଶେଷ କରିବାକୁ ପିସିବି ପ୍ରତିଶ୍ରୁତି ଦେଇଥିଲା। ହେଲେ ଏହି ସମୟ ନିର୍ଘଣ୍ଟ ଶେଷ ହେବାର ଗୋଟିଏ ସପ୍ତାହ ପରେ ମଧ୍ୟ ଅଧାକାମ ସରି ନଥିବା ଖୋଦ୍ ପାକିସ୍ତାନର ଜଣେ ପୂର୍ବତନ କ୍ରିକେଟର୍ ନିଜ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଭିଡିଓ ପ୍ରକାଶ କରି ଜଣାଇଛନ୍ତି। ସେଥିପାଇଁ ଆମେରିକାର ଅସ୍ଥାୟୀ ଷ୍ଟାଡିୟମ୍ ଓ ଉଠା ପିଚ୍‌ରେ ଗତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର କିଛି ମ୍ୟାଚ୍ ଆୟୋଜନ କରି କୋଟିକୋଟି ଟଙ୍କାର କ୍ଷତି ସହିଥିବା ଆଇସିସି ଏବେ ଚାମ୍ପିଅନ୍ସ ଟ୍ରଫିର ପ୍ରସ୍ତୁତିକୁ ନେଇ ଘୋର ଚିନ୍ତାରେ ରହିଛି। ସେଥିପାଇଁ ଚଳିତ ସପ୍ତାହ ଶେଷଆଡ଼କୁ ଆଇସିସିର ଏକ ପ୍ରତିନିଧି ମଣ୍ଡଳ ପାକିସ୍ତାନ ଗସ୍ତ କରି ଷ୍ଟାଡିୟମ୍ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବାକୁ ଯାଉଛି। ଆପାତକାଳୀନ ପରିସ୍ଥିତି ପାଇଁ ଦୁବାଇ କ୍ରିକେଟ୍ ଷ୍ଟାଡିୟମ୍‌କୁ ମଧ୍ୟ ବିକଳ୍ପ ଭେନ୍ୟୁ ଭାବେ ପ୍ରସ୍ତୁତ କରି ରଖିବାକୁ ଅଣଆନୁଷ୍ଠାନିକ ଭାବେ ୟୁଏଇ କ୍ରିକେଟ୍ ବୋର୍ଡକୁ ଆଇସିସି କହିସାରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ଲାହୋର ଓ କରାଚି ଷ୍ଟାଡିୟମ୍‌ର ଗ୍ୟାଲେରି ସହ ଖେଳାଳିଙ୍କ ଡ୍ରେସିଂ ରୁମ୍, ଭିଆଇପି ବକ୍ସ ଓ ଜଳପାନ କେନ୍ଦ୍ର ନିର୍ମାଣ ମାତ୍ର ୩୦ ପ୍ରତିଶତ ସରିଛି। ନୂଆ ଏନ୍‌କ୍ଲୋଜର୍‌ର ପାଚେରି ନିର୍ମାଣ ହୋଇନି, ଫ୍ଲଡ୍ ଲାଇଟ୍ ଓ ଚୌକି ଲାଗିନି, ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ଉଭୟ କରାଚି ଓ ଲାହୋରର ପାଗ ଖରାପ ରହିବାର ଥିବାରୁ ଏହା ମଧ୍ୟ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରିବା ଦିଗରେ ଏକ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ଲିଗ୍ ପର୍ଯ୍ୟାୟ ସହ ଗୋଟିଏ ସେମିଫାଇନାଲ୍ ଓ ଫାଇନାଲ୍ (ଭାରତ ଫାଇନାଲ୍ ନଗଲେ) ଆୟୋଜନ କରିବାକୁ ଯାଉଥିବା ଗଦ୍ଦାଫି ଷ୍ଟାଡିୟମ୍‌ର ପିଚ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବା ଆଇସିସିକୁ ସବୁଠାରୁ ବେଶି ଅଡୁଆରେ ପକାଇଛି। ଏଣୁ ଅତିରିକ୍ତ ସମୟ ଓ ଲୋକବଳ ବିନିଯୋଗ କରି ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଆଇସିସି ଅଧିକାରୀମାନେ ପିସିବିକୁ ତାଗିଦ ମଧ୍ୟ କରିସାରିଛନ୍ତି। ଆସନ୍ତା ସପ୍ତାହରେ ଏଥିନେଇ ସ୍ଥିତି ପୂରା ସ୍ପଷ୍ଟ ହୋଇଯିବ ବୋଲି ଆଇସିସିର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

ପିସିବିର ଅସ୍ୱୀକାର, ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା କରାଚି ଓ ଲାହୋରକୁ ନେଲା ଚାମ୍ପିଅନ୍ସ ଟ୍ରଫି ଲାଗି ଷ୍ଟାଡିୟମ୍ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ନେଇ ସୃଷ୍ଟି ହୋଇଥିବା ଆଶଙ୍କାକୁ ଅଗ୍ରାହ୍ୟ କରିଛି ପିସିବି। ସବୁ ନିର୍ମାଣ କାର୍ଯ୍ୟ ଠିକ୍ ଚାଲିଛି, ଧାର୍ଯ୍ୟ ସମୟ ଭିତରେ ସରିଯିବ ବୋଲି ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରି କହିଛି। ସେହିଭଳି ପ୍ରଶଂସକ, ଦର୍ଶକ ଓ ଗଣମାଧ୍ୟମକୁ ସୁରୁଖୁରୁରେ ଚାମ୍ପିଅନ୍ସ ଟ୍ରଫି ଶେଷ କରିବାକୁ ଦୃଢ଼ ଆଶ୍ୱାସନା ଦେଇଛି। ସେହିଭଳି ନିଜ ପ୍ରସ୍ତୁତି ଦକ୍ଷତାକୁ ଦର୍ଶାଇବାକୁ ଯାଇ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ନେଇ ମୁଲତାନରେ ଫେବ୍ରୁଆରି ଦ୍ୱିତୀୟ ସପ୍ତାହରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାକୁ ଲାହୋର ଓ କରାଚିକୁ ସ୍ଥାନାନ୍ତର କରିଛି। ''ଏହି ନିଷ୍ପତ୍ତି ନିର୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାର ଦକ୍ଷତା ଓ ପ୍ରତିବଦ୍ଧତାକୁ ଦର୍ଶାଇଛି। ପ୍ରଶଂସକ, ଖେଳାଳି, ଅଧିକାରୀ ଓ ସାଧାରଣ ଜନତାଙ୍କୁ ଏକ ଅବିସ୍ମରଣୀୟ ଚାମ୍ପିଅନ୍ସ ଟ୍ରଫି ଦେଖାଇବାକୁ ଆମେ ପ୍ରତିଶ୍ରୁତି ଦେଉଛୁ'' ବୋଲି ପିସିବିର ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୧୯୯୬ ମସିହାର ଏକଦିବସୀୟ ବିଶ୍ୱକପ୍ ପରେ ପାକିସ୍ତାନ ପ୍ରଥମଥର ପାଇଁ ଏକ ବଡ଼ ଅନ୍ତର୍ଜାତୀୟ କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫିର୍...

ମଧ୍ୟରେ ବନ୍ଧନକୁ ମଜବୁତ କରିବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ଅନୁଷ୍ଠାନରେ ପରିଣତ ହୋଇଛି। ଓଡ଼ିଶାର ମହାନ ଭୂମି, ଯେଉଁଠାରେ ଆମେ ଏକତ୍ରିତ ହୋଇଛୁ, ତାହା ଭାରତର ସମୃଦ୍ଧ ଐତିହ୍ୟର ପ୍ରତିଫଳନ। ଓଡ଼ିଶାରେ ପ୍ରତ୍ୟେକ ପାଦ ଆଗକୁ ବଢ଼ାଇବା ସହ ଆମେ ଆମ ଐତିହ୍ୟକୁ ଅନୁଭବ କରିପାରିବା। ଉଦୟଗିରି ଓ ଖଣ୍ଡଗିରିର ଐତିହାସିକ ଗୁମ୍ଫା, କିମ୍ବା ଚମତ୍କାର କୋଣାର୍କ ସୂର୍ଯ୍ୟ ମନ୍ଦିର କିମ୍ବା ତାମ୍ରଲିପ୍ତି, ମାଣିକପାଟଣା ଓ ପାଲୁରର ପ୍ରାଚୀନ ବନ୍ଦର, ଯେଉଁ ସ୍ଥାନକୁ ଗସ୍ତ କଲେ ମଧ୍ୟ ଯେ କେହି ଏହି ଗୌରବ ଅନୁଭବ କରିବେ। ଶହ ଶହ ବର୍ଷ ପୂର୍ବେ ଓଡ଼ିଶାର ବ୍ୟବସାୟୀ ଏବଂ ବଣିକମାନେ ବାଲି, ସୁମାତ୍ରା ଏବଂ ଜାଭା ଭଳି ସ୍ଥାନକୁ ଦୀର୍ଘ ସାମୁଦ୍ରିକ ଯାତ୍ରା କରିଥିଲେ। ଏହାର ସ୍ମୃତିରେ ଆଜି ମଧ୍ୟ ଓଡ଼ିଶାରେ ବାଲି ଯାତ୍ରା ପାଳନ କରାଯାଉଛି। ଭାରତ ସବୁବେଳେ ପ୍ରବାସୀ ଭାରତୀୟମାନଙ୍କୁ ଭାରତର ସଦଭାବନା ଦୂତ ଭାବେ ବିବେଚନା କରିଆସିଛି। ସାରା ବିଶ୍ୱରେ ଥିବା ସାଥୀ ଭାରତୀୟମାନଙ୍କୁ ଭେଟିବା ଓ ସେମାନଙ୍କ ସହ କଥାବାର୍ତ୍ତା କରି ସେ ବେଶ୍ ଖୁସି।

ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇବା ସହ ବିଶ୍ୱ ମଞ୍ଚରେ ତାଙ୍କୁ ଗୌରବାନ୍ୱିତ କରିବା ଲାଗି ସୁଯୋଗ ଦେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ଭାରତ କେବଳ ଗଣତନ୍ତ୍ରର ଜନନୀ ନୁହେଁ, ବରଂ ଗଣତନ୍ତ୍ର ଭାରତୀୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭାରତୀୟମାନେ ପ୍ରବାସ କରୁଥିବା ଦେଶଗୁଡ଼ିକର ସଚ୍ଚୋଟତାର ସହ ସେବା କରୁଛନ୍ତି, ସେମାନଙ୍କ ବିକାଶ ଓ ସମୃଦ୍ଧି ଦିଗରେ ଯୋଗଦାନ କରୁଛନ୍ତି ଏବଂ ଭାରତକୁ ସର୍ବଦା ସେମାନଙ୍କ ହୃଦୟର ନିକଟତର ରଖିଛନ୍ତି। ମାତ୍ର ୧୦ ବର୍ଷ ମଧ୍ୟରେ ଭାରତ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି ଏବଂ ବିଶ୍ୱର ଦଶମ ସର୍ବବୃହତ ଅର୍ଥବ୍ୟବସ୍ଥାରୁ ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥାକୁ ଉନ୍ନୀତ ହୋଇଛି। ଭାରତ ଖୁବଶୀଘ୍ର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି।

ଚନ୍ଦ୍ରଯାନ ମିଶନ ଶିବ-ଶକ୍ତି ବିନ୍ଦୁରେ ପହଞ୍ଚିବା ଏବଂ ଡିଜିଟାଲ୍ ଇଣ୍ଡିଆର ଶକ୍ତିର ବିଶ୍ୱସ୍ତରୀୟ ସ୍ୱୀକୃତି ଭଳି ଭାରତର ସଫଳତା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଭାରତର ପ୍ରତ୍ୟେକ କ୍ଷେତ୍ର ଅକ୍ଷୟ ଶକ୍ତି, ବିମାନ ଚଳାଚଳ, ବୈଦ୍ୟୁତିକ ଗତିଶୀଳତା, ମେଟ୍ରୋ ନେଟୱାର୍କ ଏବଂ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ରେକର୍ଡ ଭାଙ୍ଗି ନୂତନ ଉଚ୍ଚତାକୁ ଅଗ୍ରସର ହେଉଛି। ଭାରତ ଏବେ 'ମେଡ୍ ଇନ୍ ଇଣ୍ଡିଆ' ଯୁଦ୍ଧ ବିମାନ ଏବଂ ପରିବହନ ବିମାନ ନିର୍ମାଣ କରୁଛି। ପ୍ରଧାନମନ୍ତ୍ରୀ ଏପରି ଏକ ଭବିଷ୍ୟତର ପରିକଳ୍ପନା କରିଛନ୍ତି ଯେଉଁଠାରେ ଲୋକମାନେ 'ମେଡ ଇନ୍ ଇଣ୍ଡିଆ' ବିମାନରେ ପ୍ରବାସୀ ଭାରତୀୟ ଦିବସ ପାଇଁ ଭାରତ ଯାତ୍ରା କରିବେ।

ଏହାର ସଫଳତା ଓ ସମ୍ଭାବନା କାରଣରୁ ଭାରତର କ୍ରମବର୍ଦ୍ଧିଷ୍ଣୁ ବୈଶ୍ୱିକ ଭୂମିକା ସମ୍ପର୍କରେ ଶ୍ରୀ ମୋଦି କହିଛନ୍ତି ଯେ ଆଜିର ଭାରତ କେବଳ ନିଜର ଆଭିମୁଖ୍ୟକୁ ଦୃଢ଼ତାର ସହ ପ୍ରତିପାଦିତ କରୁନାହିଁ, ବରଂ ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ମଧ୍ୟ ସୁଦୃଢ଼ କରୁଛି।'' ଆଫ୍ରିକୀୟ ସଂଘକୁ ଜି-୨୦ର ସ୍ଥାୟୀ ସଦସ୍ୟ କରିବା ଲାଗି ଭାରତର ପ୍ରସ୍ତାବ ପ୍ରତି ସର୍ବସମ୍ମତ ସମର୍ଥନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ 'ମାନବିକତା ପ୍ରଥମ' ପ୍ରତି ଭାରତର ପ୍ରତିବଦ୍ଧତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଶ୍ରୀ ମୋଦୀ ଭାରତୀୟ ପ୍ରତିଭାର ବୈଶ୍ୱିକ ସ୍ୱୀକୃତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତୀୟ ପେସାଦାରମାନେ ପ୍ରମୁଖ କମ୍ପାନୀଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ଅଭିବୃଦ୍ଧିରେ ଯୋଗଦାନ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସମ୍ମାନ ଗ୍ରହଣ କରିଥିବା ପ୍ରବାସୀ ଭାରତୀୟ ମାନଙ୍କୁ ଶୁଭେଚ୍ଛା ଜଣାଇ ସେ କହିଛନ୍ତି, ବିଶ୍ୱର ଦକ୍ଷତା ଚାହିଦା ପୂରଣ କରିବା ସହିତ ଭାରତ ଅନେକ ଦଶନ୍ଧି ଧରି ବିଶ୍ୱର ସର୍ବକନିଷ୍ଠ ଏବଂ ସବୁଠାରୁ କୁଶଳୀ ଜନସଂଖ୍ୟା ଥିବା ଦେଶ ହୋଇ ରହିବ। ସେ ଗୁରୁତ୍ୱାରୋପ କରି କହିଛନ୍ତି, ଅନେକ ଦେଶ ଏବେ କୁଶଳୀ ଭାରତୀୟ ଯୁବକମାନଙ୍କୁ ସ୍ୱାଗତ କରୁଛନ୍ତି ଏବଂ ନିରନ୍ତର ଦକ୍ଷତା ବିକାଶ, ପୁନଃଦକ୍ଷତା ବିକାଶ ଏବଂ ଉନ୍ନତ ଦକ୍ଷତା ବିକାଶ ପ୍ରୟାସ ଜରିଆରେ ବିଦେଶ ଯାଉଥିବା ଭାରତୀୟମାନେ ଯେପରି ଉଚ୍ଚକୌଶଳ ସମ୍ପନ୍ନ ହୋଇପାରିବେ ତାହା ସୁନିଶ୍ଚିତ କରିବା ଲାଗି ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମୋଦି କହିଛନ୍ତି।

ଉତ୍ସବରେ ପରିବେଷିତ ଉଦଘାଟନୀ ସଙ୍ଗୀତ ଭବିଷ୍ୟତରେ ସାରା ବିଶ୍ୱରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ପରିବେଷଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସେ ଗ୍ରାମୀ ପୁରସ୍କାର ବିଜେତା କଳାକାର ରିକି କେଜ ଏବଂ ତାଙ୍କ ଦଳକୁ ପ୍ରଶଂସା କରିଛନ୍ତି। ଏହି ଗୀତରେ ପ୍ରବାସୀ ଭାରତୀୟଙ୍କ ଭାବନା ଏବଂ ଅନୁଭୂତି ଥିବା ସେ କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, ଅଶ୍ୱିନୀ ବୈଷ୍ଣବ, ପ୍ରହ୍ଲାଦ ଯୋଶୀ, ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ, କୀର୍ତ୍ତି ବର୍ଦ୍ଧନ ସିଂ, ପବିତ୍ର ମାର୍ଗାରିଟାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଓଡ଼ିଶା ହେବ...

ମଧ୍ୟରେ ଓଡିଶାରେ ଆହୁରି ଅନେକ ନୂଆ ରେଳ ପ୍ରକଳ୍ପ ହାତକୁ ନିଆଯିବ। ଗତ ୨୦୧୪ରୁ ୨୦୨୪ ମଧ୍ୟରେ ଓଡିଶାରେ ୧୮୨୭ କିମି ଦୀର୍ଘ ରେଳଲାଇନ୍ ନିର୍ମାଣ କରାଯାଇଛି, ଯାହା ଶ୍ରୀଲଙ୍କାର ରେଳ ନେଟୱାର୍କଠାରୁ ଅଧିକ। ଏହି ଅବଧି ମଧ୍ୟରେ ୪୨୭ଟି ରେଳ ଅଣ୍ଡରବ୍ରିଜ ମଧ୍ୟ ନିର୍ମାଣ କରାଯାଇଛି। ଓଡିଶାରେ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଥିବା ବେଳେ ଅମୃତ ଷ୍ଟେସନ୍ ଯୋଜନାରେ ୫୯ଟି ଷ୍ଟେସନର ଉନ୍ନତି କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ସେହିପରି ଓଡିଶାରେ ଆଇଟି ଷ୍ଟାର୍ଟଅପ୍‌ର ବିକାଶ ପାଇଁ ୪ଟି ବୈଷୟିକ ଅନୁଷ୍ଠାନରେ 'ଚିପ୍ ଟୁ ଷ୍ଟାର୍ଟଅପ୍' କାର୍ଯ୍ୟକ୍ରମ କରାଯାଉଛି ବୋଲି ଆଲୋଚନା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶାରେ ଯେପରି ଅଧିକରୁ ଅଧିକ ଆଇଟି କମ୍ପାନୀ ପୁଞ୍ଜି ନିବେଶ କରିବେ, ସେଦିଗରେ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି।

ଏଥିସହ ଓଡ଼ିଶାରୁ କିପରି ଅଧିକ ଲୋକ ମହାକୁମ୍ଭମେଳା ଦେଖିବାକୁ ଯାଇପାରିବେ, ତାହା ସୁନିଶ୍ଚିତ କରିବା ସଂପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ସେହିପରି ଓଡିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପ୍ରସ୍ତାବ ବିଚାରାଧୀନ ଥିବା ବେଳେ ଏଥିସକାଶେ ଜମି ସହ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତା'ଛଡ଼ା ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି।

### ହତ୍ୟା...

ମତାଇ ଏଭଳି କାଣ୍ଡ କରିଥିବା ଆଲୋଚନା ହୋଇଛି । ତେବେ ରାଷ୍ଟ୍ରପତିଙ୍କ ଠାରୁ ପ୍ରଧାନମନ୍ତ୍ରୀ ଏବଂ ଦେଶ ବିଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାଜଧାନୀରେ ଉପସ୍ଥିତ ଥିବାବେଳେ ସହରରେ ଝାଡୁମରାଇ ନଦେବାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଅନ୍ତତଃ ପକ୍ଷେ ଏଭଳି ସମୟରେ ହୀନ ରାଜନୀତିକ କରିବା ଠିକ୍ ନୁହେଁ ବୋଲି ମତପ୍ରକାଶ ପାଉଛି । ତେବେ ବୁନୁ ଇତି ମଧ୍ୟରେ ସାମ୍ବାଦିକ ସମ୍ମିଳନୀ କରି ମୃତ ସହଦେବଙ୍କ ପରିବାରକୁ କୋଟିଏ ଟଙ୍କା ଦେବାକୁ ଦାବି କରିଥିବାବେଳେ ଦଳ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି ।

### ଜୀବନ ନେଲା ...

ଅପରାଧୀଙ୍କୁ ଧରିବାରେ ସଫଳତା ପାଇଲେ ଅନୁରୂପ ଭାବେ କେଦାରପଲ୍ଲୀ ବସ୍ତିର ନିଶା ବେପାର ସମେତ କ୍ୟାପିଟାଲ ଥାନାର ପୂର୍ବ ଓ ବର୍ତ୍ତମାନର ପୁଲିସ୍ ବାବୁମାନଙ୍କ ସମ୍ପୃକ୍ତି ସଂକ୍ରାନ୍ତରେ ତଦନ୍ତ କରିବାକୁ ମତପ୍ରକାଶ ପାଉଛି । ସେହିଭଳି ପୁଲିସ୍‌ର ସ୍ୱତନ୍ତ୍ର ସ୍କ୍ୱାଡ୍ ହାବୁଡରେ ଏହି ନିଶା ବେପାରୀମାନେ ପଡିଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ ହେବା ଦରକାର । ପୁଲିସ୍ ତୁରନ୍ତ ଏହା ଉପରୁ ପରଦା ହଟାଇ ବିରୋଧୀଙ୍କ ରାଜନୀତି ରୁଟିସେକା ଉପରେ ବ୍ରେକ୍ ଲଗାଇବାକୁ ମତପ୍ରକାଶ ପାଉଛି ।

### ରାଜଧାନୀରେ...

ଛାଇ ପଡୁନଥିବାବେଳେ ହଠାତ୍ ସେମାନେ ଏଥିରେ ସାମିଲ ହେବାକୁ ରାଜନୈତିକ ମହଲ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ବିଜେଡିର ଏହି ଯୁବ ନେତାମାନେ ଦିଲ୍ଲୀପଙ୍କ ନିକଟତର ହେଉଛନ୍ତି ନା ବିଜେପିର ନିକଟର ହେଉଥିବା ନେଇ ବାର୍ତ୍ତା ଦେଉଛନ୍ତି ତାହା ଉପରେ ଏବେ ଆଲୋଚନା ଆରମ୍ଭ ହୋଇଛି ।

ଗତ କିଛଦିନ ହେଲା ବିଜେଡିରେ ଯେଭଳି ଅସନ୍ତୋଷ ବଢ଼ି ଚାଲିଛି ଏବଂ ଦଳର ଦୁଇ ଦୁଇ ଜଣ ସାଂସଦ ବିଜେପିରେ ସାମିଲ ହୋଇଛନ୍ତି ତାହା ସମସ୍ତେ ଜାଣିଛନ୍ତି । ତେଣୁ ଏଭଳି ସ୍ଥିତିରେ ଦଳର ବିଧାୟକଙ୍କ ଠାରୁ ଆରମ୍ଭକରି ଯୁବ ନେତାମାନେ ହଠାତ୍ ଦିଲ୍ଲୀପ ପ୍ରେମୀ ହୋଇଯିବାକୁ ବିଜେଡି ନେତାମାନେ ମଧ୍ୟ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହାକୁ ନେଇ ଶଙ୍ଖ ଶିବିରରେ କମ୍ପନ ସୃଷ୍ଟି ହୋଇଥିବାବେଳେ ରକ୍ତଦାନ ଶିବିରରେ ଉପସ୍ଥିତ କିଛି କର୍ମୀଙ୍କ ସନ୍ୟାସୀଙ୍କୁ ନିୟମିତ ଗାଳି ଦେଉଥିବାରୁ ଏବେ ବିଜେଡି ରାଜନୀତି ସରଗରମ ହେବାରେ ଲାଗିଛି ।

### ୫ ଗିରଫ...

କରାଯାଇଛି। ସେସବୁର ଯାଞ୍ଚ ଜାରି ରହିଛି । ଏହି ଘଟଣାରେ ଆଉ କେତେକ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଉକ୍ତ ଦିଗରେ ତଦନ୍ତ ଚାଲିଛି ଓ ସେମାନଙ୍କୁ ଖୁବ ଶୀଘ୍ର ମଧ୍ୟ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି କହିଛନ୍ତି। ତଦନ୍ତକୁ ବେଶ୍ ତ୍ୱରାନ୍ୱିତ କରାଯିବା ସହ ଭୁବନେଶ୍ୱର ପୁଲିସ୍ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଅଭିଯୁକ୍ତମାନେ ବ୍ୟବହାର କରିଥିବା ଗାଡ଼ିର ନମ୍ବରରୁ ପ୍ରଥମେ ସେମାନଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ପୁଲିସ ଟିମ୍ ଏକାଧିକ ସ୍ଥାନରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି।

ସେହିପରି ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମହିଳା ଅଭିଯୁକ୍ତଙ୍କର ଅପରାଧିକ ରେକର୍ଡ ରହିଛି। ଗତକାଲି ଗିରଫ ହୋଇଥିବା ଲିପିକା ପୂର୍ବରୁ ଏକ ଅବକାରୀ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା। ସେ ଗତ ୫ରେ ଜେଲରୁ ଫେରିଥିବା ପୁଲିସ ଜାଣିବାକୁ ପାଇଛି। ଅନ୍ୟ ଅଭିଯୁକ୍ତମାନଙ୍କ ଅପରାଧିକ ପୃଷ୍ଠଭୂମି ମଧ୍ୟ ଯାଞ୍ଚ କରାଯାଉଛି ବୋଲି ଡିସିପି କହିଛନ୍ତି।

### ଓଡ଼ିଶା ଉଦ୍ୟୋଗୀଙ୍କ ...

ରହସ୍ୟ ଅନୁସନ୍ଧାନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସହ ଓଡ଼ିଶା କେବଳ ନିଜର ଗୌରବମୟ ଅତୀତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଦେଶ ନୁହେଁ, ଭବିଷ୍ୟତ ପାଇଁ ଅସୀମ ସୁଯୋଗର ଦେଶ ବୋଲି କହିଛନ୍ତି।

ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦ ପ୍ରମୁଖ ଉଦ୍ୟୋଗ ପରିଚାଳନାରେ ସହଯୋଗ କରୁଥିବା ବେଳେ ଆଇଟି, କୃଷି ପ୍ରକ୍ରିୟାକରଣ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟ ଯଥେଷ୍ଟ ଅଗ୍ରଗତି କରିଛି। ଜଳବାୟୁ ସହନଶୀଳ କୃଷି ଓ ଯୁବପିଢ଼ିକୁ ଦକ୍ଷ କରିବା କ୍ଷେତ୍ରରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଓଡ଼ିଶା...

ଏବଂ ବିକଶିତ ଭାରତ ପାଇଁ କାମ କରୁଛନ୍ତି । ପ୍ରବାସୀ ଭାରତୀୟ ଦିବସ ପରେ ମଧ୍ୟ ଭାରତକୁ ଆସୁଥିବା ପ୍ରବାସୀ ଓ ପ୍ରତିନିଧିମାନେ ଓଡ଼ିଶାର ପର୍ଯ୍ୟଟନକୁ ଉପଭୋଗ କରିବା ସହ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରିତ କରିଥିଲେ। ଶ୍ରୀ ପ୍ରଧାନ ନ୍ୟୁଜ ୱିକ ସିଇଓ ଡକ୍ଟର ଦେବ ପ୍ରଗାଡଙ୍କୁ ସାକ୍ଷାତ କରି ଗଣମାଧ୍ୟମ ଜଗତରେ ଡିଜିଟାଲ ପରିବର୍ତ୍ତନ ଉପରେ ମଧ୍ୟ ଆଲୋଚନା କରିଥିଲେ।

### ଅନନ୍ତ-ସୁଶାନ୍ତଙ୍କ...

ଚର୍ଚ୍ଚାର ବିଷୟ ପାଲଟିଛି । ଜଣେ ମୃତକଙ୍କ ପାଇଁ ଶୋକ ପ୍ରକାଶ କରିବା କିମ୍ବା ତାଙ୍କ ପରିବାରକୁ ସହାୟତା ପାଇଁ ଦାବି କରିବା ମାନବୀୟ କାର୍ଯ୍ୟ ହୋଇଥିବାବେଳେ ନେତାମାନେ ରାଜନୀତି ନକରି ସମସ୍ତପାଇଁ ସମାନ ନୀତି ଆପଣେଇବାକୁ ମତପ୍ରକାଶ ପାଉଛି ।

## ବିଦ୍ୟୁତ ସଟସର୍କିଟ ଯୋଗୁଁ ଟାୱାର ବୈଦ୍ୟୁତିକ ରୁମ୍‌ରେ ଅଗ୍ନିକାଣ୍ଡ



**କାକଟପୁର /ଅସ୍ତରଙ୍ଗ,୯।୧(ସଂଚାର ବ୍ୟୁର):** ବିଦ୍ୟୁତ ସଟ ସର୍କିଟ ଯୋଗୁଁ ମୋବାଇଲି ଟାୱାର ବୈଦୁତିକ ରୁମ୍ ରେ ଅଗ୍ନିକାଣ୍ଡ, ସରଞ୍ଜାମ ଜଳି ପୋଡି ପାଉଁଶ। ଅଗ୍ନିଶମ ବାହିନୀ ପହଂଚି ନିଆଁ କୁ ଆୟତ କଲେ। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ରୁ ନୂଆଗଡ଼ ମୁଖ୍ୟ ରାସ୍ତା ବିଲୁଆମଣ୍ଡୁଳୀ ନିକଟରେ ଥିବା ଏକ ଟାୱାର ପରିସରଥିବା ରୁମ୍ ରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଗୁରୁବାର ସକାଳ ୯ଘ ୧୩ମିନିଟ ସମୟରେ ଭୟାଭୟ ଅଗ୍ନିକାଣ୍ଡ ହୋଇଥିଲା। ପ୍ରଚୁର ପରିମାଣ ନିଆଁ ଜଳିଥିବା ବେଳେ ଖବର ପାଇଁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁ କୁ ଆୟତ କରିଥିଲେ। ଟାୱାର ପରିସରରେ ଥିବା ବୈଦ୍ୟୁତିକ ରୁମ ମଧ୍ୟରେ ଏକ ଡିଜି ମେସିନ ସମ୍ପୂର୍ଣ୍ଣ ଅଗ୍ନିକାଣ୍ଡ ରେ ଜଳିଯାଇଛି। ଯାହାକି ଅଗ୍ନିଶମ ବାହିନୀ କର୍ମଚାରୀ କହିବା ଅନୁଯାୟୀ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିଲା। ନିଆଁ ଲିଭା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ଆଗ୍ନୀକ ସାରଦା ପ୍ରସନ୍ନ ସ୍ୱାଇଁ, ସୁବ୍ରତ ସାମଲ ଓ ଗାଡି ଚାଳକ ତାପସ ରାଉତ ପ୍ରମୁଖ ନିଆଁ ଲିଭାଇଥିଲେ।

# ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଅସୁରକ୍ଷିତ

## ଧାନ ଜମିରେ ହରିଣଙ୍କ ଉପଦ୍ରବରେ ଚାଷୀ ଅତିଷ୍ଠ

**ଜଗତସିଂହପୁର,୯।୧(ସଂଚାର ବ୍ୟୁର):** ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାରେ ଚାଷୀଙ୍କ ଧାନମୁଖ୍ୟ ଫସଲ ହୋଇଥିବା ବେଳେ ପ୍ରାକୃତିକ ଓ୍ୱିପର୍ଯ୍ୟୟ ଜନିତ ଫସଲହାନୀ ସହିତ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ମଧ୍ୟ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ସୂଚନା ମିଳିଛି। ସଂରକ୍ଷିତ ଜଙ୍ଗଲ ନିକଟ ଶହ ଶହ ହେକ୍ଟର ଜମିରେ ଥିବା ଫସଲ ଉପରେ ହରିଣଙ୍କ ଉପଦ୍ରବ ବଢୁଥିବା ନେଇ ବାରମ୍ବାର ଚାଷୀ ଅଭିଯୋଗ ଆଣିଛନ୍ତି। ଜଗତସିଂହପୁର ଜିଲ୍ଲାର ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଧଳତଙ୍ଗଗଡ଼ରେ ବନ୍ୟଜୀବ ହରିଣ ଏବେ ଅସୁରକ୍ଷିତ, ଏହି ଜଙ୍ଗଲରେ ଥିବା ହରିଣ ଗୁଡିକ ଖାଦ୍ୟ ଓ ପାଣି ସନ୍ଧାନରେ ପ୍ରତିଦିନ ଜଙ୍ଗଲ ବାହାର ଓ ଜନବସତିକୁ ଚାଲି ଯାଉଛନ୍ତି ଲ ଫଳରେ କେତେବେଳେ କୁକୁର ମୁହଁରେ ତ ଆଉ କେତେବେଳେ ବାଟବଣା ହୋଇ ଟ୍ରେନ୍ ରେ କଟି ପ୍ରାଣ ହରାଉଛନ୍ତି। ପ୍ରତି ବର୍ଷ ପ୍ରାୟ ୫୦ ରୁ ଅଧିକ ହରିଣ ଜଙ୍ଗଲ ବାହାରକୁ ଖାଦ୍ୟ ଓ ପାନୟ ଜଳ ଅନେଶ୍ୱଷଣ ରେ ଆସି ଟ୍ରେନରେ କଟି କିମ୍ବା କୁକୁର କାମୁଡ଼ାରେ ଜୀବନ ହରାଉଥିବା ବୃଦ୍ଧିଜୀବି ମାନେ ଦାବି କରୁଛନ୍ତି। ଏହି ଚାରି ପାର୍ଶ୍ୱ ରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିଲା ବେଳେ ଅଧାଗଡ଼ା ପାଚେରୀ ନିର୍ମାଣ କରି ଠିକାଦାର ଛୁ ମାରିଛି ଯାହା ଫଳରେ କାର୍ଯ୍ୟରେ ବିଶେଷ ଅଗ୍ରଗତି କରିନଥିବାରୁ ଚାରି ଆଡ଼େ ଖୋଲା ଥିବାରୁ ହରିଣମାନେ ଜଙ୍ଗଲ ବାହାରକୁ ଚାଲିଆସୁଛନ୍ତି। ନିକଟରେ ଜଣେ ଯୁବକଙ୍କୁ ହରିଣ ଆକ୍ରମଣରେ ଶିକାର ହେବାକୁ ପଡିଥିଲା ଏହି ଘଟଣା ପରେ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁସାରେ ଜିଲ୍ଲାର ରଘୁନାଥପୁର ବ୍ଲକର ୨୭୯.୩ ଏକର ପରିମିତ ଜମିରେ ଧଳତଙ୍ଗଗଡ଼ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ପ୍ରାୟ ୧ହଜାରରୁ ଅଧିକ ସଂଖ୍ୟା ହରିଣ ରହୁଥିବା ସୂଚନା ମିଳିଛି। ଜଙ୍ଗଲରେ ବୃକ୍ଷସଂଖ୍ୟା ହ୍ରାସ, ହରିଣଙ୍କ ପ୍ରିୟ ଖାଦ୍ୟ ତାଳପତ୍ର ଓ ଘାସର ଅଭାବ ତଥା ଆବଶ୍ୟକ ଜଳାଶୟ ଅଭାବ ଥିବାରୁ ଏହି ହରିଣମାନେ ପ୍ରତିଦିନ ଜଙ୍ଗଲରୁ ବାହାରି ଜନବସତି କୁ ଚାଲି ଆସୁଛନ୍ତି। ବିଶେଷ କରି ବର୍ଷା ଓ ଶୀତ ଦିନରେ ଏମାନେ ଫସଲ ଖାଇବାକୁ ଏକାଧିକ ହରିଣ ଏକତ୍ରିତ ହୋଇ ବାରମ୍ବାର ଜନବସତି ମୁହାଁ ହେଉଥିବା ବେଳେ ନିକଟରେ ଚାଷ ଜମିରେ ଓ ଗ୍ରାମରେ ପ୍ରବେଶ କରୁଛନ୍ତି। ଜଙ୍ଗଲ ଚାରି ପାଖ ବିନା ତାର ବାଡ଼ ରେ ଖୋଲା ମେଲା ରହିଛି । ସଂରକ୍ଷିତ ଜଙ୍ଗଲର ଚାରି ପାଖରେ ଥିବା ଏରଣ୍ଡପାଳ,କଳାଧାରୀ, ସାଳିଜଙ୍ଗା,ରାମଚନ୍ଦ୍ରପୁ,ଏରଡ଼ଙ୍ଗା,ତଅରା,ଚିକିଣିଆ,ରେଢୁଆ,ନାଳିବର, ଗନାଇଲୋ,ପୁରୁଣା ବସନ୍ତ,ରାଢ଼ଙ୍ଗ,ତାରପୁର, ଗୋପାଳପୁର,ଓ ଛପଡ଼ା ଅଞ୍ଚଳରେ ହରିଣମାନେ ପ୍ରବେଶ କରୁଛନ୍ତି । ଚାଷୀମାନଙ୍କ ଫସଲ ସୁରକ୍ଷିତ ପାଇଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କିଆରୀ କଡ଼ରେ ମଞ୍ଚା ବାନ୍ଧି ଜଗୁଥିବା ସ୍ଥାନୀୟ ଚାଷୀ ଭରତ ଚନ୍ଦ୍ର ବିଶ୍ୱାଳ,ଗୋପାଳ ନାୟକ, ବିଜୟ କୁମାର ରାୟ, ପ୍ରମୁଖ ଅଭିଯୋଗ କରିଛନ୍ତି ଜେ ଯେ ବନ୍ୟାଜନ୍ତୁଙ୍କ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ ଜଙ୍ଗଲୀ ଜନ୍ତୁଙ୍କୁ ମାରିବା ଜଙ୍ଗଲ ଜନ୍ତୁଙ୍କୁ ମାରିବା ଏକ ଅପରାଧ ହୋଇଥିବାରୁ, ଲୋକଙ୍କ ଫସଲର ସୁରକ୍ଷା ବିପନ୍ନ ହୋଇଥିବାରୁ ମଧ୍ୟ ସେମାନେ ହରିଣର କ୍ଷତି କରିପାରୁନଥିବା ପ୍ରକାଶ କରିଛନ୍ତି । ଏପରିକି ବାରମ୍ବାର ଏସମ୍ପର୍କରେ ବନବିଭାଗ ରେଞ୍ଜର ଅଫିସରଙ୍କୁ ଜଣାଇଲେ ମଧ୍ୟ ଏହାର କୌଣସି ପ୍ରତିକାର ହେଇନଥିବା ସ୍ଥାନୀୟ ଅଞ୍ଚଳର ଅରଣ୍ୟ ଅଭିଯାନର ସଦସ୍ୟ ସନ୍ତୋଷ ପ୍ରଧାନ,କହିଛନ୍ତି, ପାଚେରୀ କାମ ସମ୍ପୂର୍ଣ୍ଣ ନହେବାରୁ ହରିଣମାନେ ବ୍ୟାପକ ଫସଲହାନୀ କରୁଛନ୍ତି ।



ପାଚେରୀ କାମ ଅଧା କରି ଠିକାଦାର ଛୁ'

## ପ୍ରବାସୀ ଭାରତୀୟ ଦିବସ ପାଇଁ ପଦଯାତ୍ରା

**ହିଞ୍ଜିଳିକାଟୁ,୯।୧(ସଂଚାର ବ୍ୟୁର):** ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଶିକିରି ଗ୍ରାମରେ ବିଜେପି ଘୁମୁସର ଜିଲ୍ଲା ଯୁବମୋର୍ଚ୍ଚା ତରଫରୁ ପ୍ରବାସୀ ଭାରତୀୟ ଦିବସ ଅବସରରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ରୋସନ କୁମାର ଖୁଣ୍ଟିଆ ଓ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ, ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଜିଲ୍ଲା ଉପସଭାପତି ମାଧବ ଗୌଡ଼ ଓ ବିଜେପି ନେତା ସନ୍ତୋଷ କୁମାର ପାଣିଗ୍ରାହୀ ଅତିଥି ରୂପେ ଯୋଗଦେଇଥିଲେ। ପଦଯାତ୍ରା ପରେ ପାଠାଗାର ଛକ ଠାରେ ଅନୁଷ୍ଠିତ ସଭାରେ ପ୍ରବାସୀ ଭାରତୀୟ ମାନଙ୍କୁ ଚିହ୍ନଟ କରି ସ୍ଥାନୀୟ ଅଞ୍ଚଳର ଉନ୍ନତିର ସେମାନଙ୍କ ଯୋଗଦାନ କିଭଳି ରହିବ ସେ ବାବଦରେ ଅତିଥି ମାନେ ଆଲୋକପାତ କରିଥିଲେ। ପରେ ହିଞ୍ଜିଳିକାଟୁ ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ୨୦୩୬ ସୁଧା ବିକଶିତ ଓଡ଼ିଶା ଗଠନ ଓ ସାମଗ୍ରିକ ବିକାଶ ଉପରେ ବିଜେପିର ଲକ୍ଷ୍ୟ ସମ୍ପର୍କରେ ଜିଲ୍ଲା ସଭାପତି ପୁଙ୍ଖାନୁପୁଙ୍ଖ ଭାବେ ସୂଚନା ଦେଇଥିଲେ।




## ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହ ଉଦଘାଟିତ




**ନୟାଗଡ଼, (ସଂଚାର ବ୍ୟୁରୋ):** ନୟାଗଡ଼ ଖଣ୍ଡପଡ଼ା ରୋଡରେ ଥିବା ନୟାଗଡ଼ ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଏହି ଗୃହଟି ସଭାପତିତ୍ୱ ଅଫିସ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ । ନୂତନ ଗୃହକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରବିନ୍ଦ୍ର କୁମାର ସାହୁ, ଆର.ସି. ଏମ.ଏସ ରସଭାପତି ମାମୁନ ରୌଫ, ନୟାଗଡ଼ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ତ୍ରିନାଥ ବିଧାର ଓ ସମସ୍ତ ନିର୍ଦ୍ଦେଶକ ମାନେ ଉପସ୍ଥିତ ରହିଥିଲେ ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପ୍ରତିଷ୍ଠା

**ଉମରକୋଟ,୯।୧ (ସଂଚାର ବ୍ୟୁର):** ଉମରକୋଟସ୍ଥିତଅବସରରେପ୍ରାପ୍ତକର୍ମଚାରୀ ଭବନ ପରିସରରେ ନିଷ୍କଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ୮୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ସଂଘୀୟ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସଂଘର ନବରଙ୍ଗପୁର ଜିଲ୍ଲା ସଭାପତି ସନନ୍ତ କୁମାର ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥ୍ୟ ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା,ମୁଖ୍ୟ ବକ୍ତା ଭାବେ ପୂର୍ବତନ ସଂସଦ ପର୍ଶୁରାମ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ରମେଶ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ରାମ ନାୟକ, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ବେବର୍ତ୍ତା,ବିଦୁର ପୂଜାରୀ ,ରତନ ମାଝୀ ,ବନମାଳୀ ପଟନାୟକ ପ୍ରମୁଖ ଯୋଗଦେଇଥିଲେ । ସଂଘର ଜିଲ୍ଲା ସାଧାରଣ ସମ୍ପାଦକ କ୍ଷେତ୍ର ମୋହନ ବିଶୋୟୀ ସ୍ୱାଗତ ଭାଷଣ ସହ ଅତିଥ୍ୟ ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ସଂଗଠନ ସମ୍ପାଦକ ଫନିନ୍ଦ୍ର ଗାଇନ, ଉମରକୋଟ ବ୍ଲକ ଉପଦେଷ୍ଟା ଏମ୍ ହିମାଂଶୁ ଆଚାରୀ, କୋଷାଧ୍ୟକ୍ଷ ଶୁଭଙ୍କର




ମାଝି, କାର୍ଯ୍ୟକାରୀ ସଭାପତି ହେମନ୍ତ ଜେନା ପ୍ରମୁଖୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଗଂଜାମ ଜିଲ୍ଲା ଗସ୍ତ



**ବ୍ରହ୍ମପୁର,୯।୧ (ସଂଚାର ବ୍ୟୁରୋ):** ଗୁରୁବାର ଦିନ ଗଂଜାମ ଜିଲ୍ଲା ଗସ୍ତ କରିଥିଲେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ। ଆଜି ଅପରାହ୍ନରେ ବ୍ରହ୍ମପୁର ରେଳଷ୍ଟେସନ ରୋଡ ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସ୍ ରେ ପହଞ୍ଚିବା ପରେ ମୁଖ୍ୟ ଓ୍ୱିଚାରପତି ଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ସଂଧ୍ୟାରେ ସେ ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟ ରେ ପହଂଚି ଥିଲେ। ଏହି ଅବସରରେ ଜିଲ୍ଲା ଜଜ୍ ରୂପଶ୍ରୀ ଚୌଧୁରୀ ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟ ପରିଦର୍ଶନ କରିବା ସହିତ ପୁରାତନ ଜିଏମଏଫସି କୋର୍ଟ କୋଠା ସ୍ଥାନରେ ପ୍ରସ୍ତାବିତ ନୂତନ କୋଠାର ନକ୍ସା ଦେଖିଥିଲେ। କୋର୍ଟ ପରିସରରେ ଗଂଜାମ ଜିଲ୍ଲା ଓକିଲ ସଂଘ ସଭାପତି ନୟନ ଚନ୍ଦ୍ର ମହାପାତ୍ର ଙ୍କ ସମେତ, ଦିଗପହଣ୍ଡି, ଛତ୍ରପୁର,ପାତ୍ରପୁର,ସାନଖେମୁଣ୍ଡି,ହି ଞ୍ଜିଳି ପ୍ରଭୃତି ଅଞ୍ଚଳର ଓକିଲ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ମୁଖ୍ୟ ବିଚାରପତି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟ ପରିଦର୍ଶନ ପରେ ମାଁ ତାରାତାରିଣୀ ଙ୍କ ଦର୍ଶନ କରି କଟକ ଫେରି ଯାଇଛନ୍ତି।

## ଡ୍ରେନ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



**ବ୍ରହ୍ମପୁର,୯।୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ରୋଡ ନିକଟରେ ଥିବା ଏକ ନାଳରୁ ଗୁରବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପୋଲିସ ଘଟଣାର ଛାନ୍‌ଭିନ୍ କରୁଥିବା ଜଣାପଡିଛି। ନୂଆ ବସଷ୍ଟାଣ୍ଡ ନିକଟ ପେଟ୍ରୋଲ ପମ୍ପ ନିକଟରେ ଥିବା ଡ୍ରେନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକ ପୋଲିସ୍ କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବୈଦ୍ୟନାଥପୁର ଥାନା ପୋଲିସ ପହଂଚି ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ବଡମେଡିକାଲକୁ ପଠାଇଥିବା ଜଣାପଡିଛି। ଖବର ଲେଖା ହେବା ସୁଦ୍ଧା ମୃତ ଯୁବକଙ୍କ ପରିଚୟ ମିଳିପାରିନି । ସେ ଡ୍ରେନ ଭିତରକୁ କେମିତି ଆସିଲେ ?, ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ମାରି ଏଠାରେ ଫିଙ୍ଗିଦେଇଛି ? ବିଭିନ୍ନ ଦିଗକୁ ନେଇ ଛାନ୍‌ଭିନ୍ କରୁଛି ପୋଲିସ । ଯୁବକଙ୍କ ପରିଚୟ ମିଳିଲେ ସବୁକିଛି ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ୨୦ରୁ ଜୟଦେବ ଗୌରବ ସମ୍ମାନ ପ୍ରଦାନ ଉତ୍ସବ

**ବାଲିପାଟଣା,୯।୧(ସଂଚାର ବ୍ୟୁର):** ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଚଳିତ ମାସ ୨୦ ତାରିଖ ରୁ ୨୨ ତାରିଖ ପର୍ଯ୍ୟନ୍ତ ଜୟଦେବ ଗୌରବ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଏହି ଅଞ୍ଚଳ ର ପ୍ରତିଭା ସମ୍ପନ୍ନ ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯିବା ସହିତ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଓଡ଼ିଶାର ପ୍ରଖ୍ୟାତ କଳାକାର ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ,ହାସ୍ୟ ଅଭିନୟ ଇତ୍ୟାଦି ପରିବେଷୀତ ହେବ।ଓଲିଉଡ ର ପ୍ରଖ୍ୟାତ କଳାକାରଙ୍କ ସହିତ ତୁଙ୍ଗ ରାଜନୈତିକ ନେତୃବୃନ୍ଦ ମଧ୍ୟ ଉପସ୍ଥିତ ରହିବେ ବୋଲି ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ ର ଅଧକ୍ଷ ତଥା ଏସ ଏମ୍ ଇ ଏସ ର ଉପାଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଓ ସମ୍ପାଦିକା ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି।ଏହି ନିର୍ବାଚନ ମଣ୍ଡଳୀରେ ବିକାଶର ଏକ ଧାରା ଆରମ୍ଭ ହୋଇଛି ଏବଂ ଆଗାମୀ ଦିନରେ ଏହା ଅଧିକ ତୀବ୍ର ଗତିରେ ଚାଲିବା ପାଇଁ ଓ ଆଗାମୀ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ସମସ୍ତ ଅଞ୍ଚଳବାସୀ ସହଯୋଗ କରିବାକୁ ଆଜି ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ ଅନୁରୋଧ କରିଛନ୍ତି।




## ଦୀର୍ଘ ଦିନ ହେଲାଣି ସରୁନାହିଁ ରାସ୍ତା କାମ ନିର୍ମାଣ



**ନାଉଗାଁ,୯।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନରେ ଥିବା ନାଉଗାଁ ବାଲିକୁଦା ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଦୁଇ ବର୍ଷରୁ ଅଧିକ ଦିନ ହେଲାଣି କାର୍ଯ୍ୟ ଚାଲୁରହିଛି। କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଶେଷ ହେବାର ନାଁ ଧରୁନି। ଅଧାପନ୍ତରିଆ ଭାବେ କାର୍ଯ୍ୟ ହୋଇଥିବାରୁ ରାସ୍ତାଟି ଏବେ ପାଲଟିଛି ମରଣଯନ୍ତା। ସରକାରୀ ନିୟମ ଅନୁସାରେ କାର୍ଯ୍ୟ କରିବା ପୂର୍ବରୁ ଠିକାଦାର କାର୍ଯ୍ୟ ସମ୍ପର୍କରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବା କଥା କିନ୍ତୁ ଠିକାଦାର ର ମନମାନି ସହିତ ବିଭାଗର ଦାୟିତ୍ୱହୀନତା ପାଇଁ ଆଜି ପର୍ଯ୍ୟନ୍ତ ସୂଚନା ଫଳକ ର ଦେଖା ମିଳିଲା ନାହିଁ। ପ୍ରାୟ ତିନି କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ ରାଶିରେ ଏହି ନିର୍ମାଣ କାର୍ଯ୍ୟ ଚାଲୁଅଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କଥା ହେଉଛି କି ରାସ୍ତାଟି ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଦୈନିକ ଏହି ରାସ୍ତା ଦେଇ ସହ ସହ ଲୋକ କଣ୍ଟୁଣିଆ ସ୍ଥିତ ଇକୋ ବ୍ୟାଙ୍କ୍ କୁ ଯିବା ସହିତ ସହ ସହ ଛାତ୍ର ଛାତ୍ରୀ ପାଠ ପଢ଼ିବା ପାଇଁ ପଲିଟେକନିକ କଲେଜ କୁ ଏହି ବାଟ ଦେଇ ଯିବା ଆସିବା କରିଥାନ୍ତି। ଯାହାପାଇଁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟି ଧନ ଜୀବନ ନଷ୍ଟ ହେବାର ଲାଗିଛି । ପାରାଦୀପ ପୋର୍ଟ ଟ୍ରଷ୍ଟ ର ପୂର୍ବତନ ଟ୍ରଷ୍ଟି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ମିଶ୍ର ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ବିଫଳ ହେବାରୁ ବାଧ୍ୟ ହୋଇ ସେ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଙ୍କୁ ଭେଟି ଘଟଣା ବିଷୟରେ ତାଙ୍କୁ ଅବଗତ କରିବା ସହିତ ତୁରନ୍ତ ଏହି ଠିକାଦାର ଓ ଦୁର୍ନୀତି ଖୋର ବିଭାଗୀୟ ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରାସ୍ତା କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପାଇଁ ମନ୍ତ୍ରୀ ଙ୍କୁ ନିବେଦନ କରିଛନ୍ତି ।

## ବୃତି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଯାଜପୁର,୯।୧(ସଂଚାର ବ୍ୟୁରୋ):** ଯାଜପୁର ପୌରାଂଚଳ ମହାବୀର ଛକ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅପର୍ଣ୍ଣା ମୁଦୁଲି ଚଳିତ ବର୍ଷ ତୃତୀୟ ଶ୍ରେଣୀ ବୃତି ପରୀକ୍ଷାରେ ଯାଜପୁର ପୌରାଂଚଳ ବିଦ୍ୟାଳୟ ମଧ୍ୟରେ ସପ୍ତମ ସ୍ଥାନ ଅଧିକାର କରିଥିବା ବେଳେ ବିଦ୍ୟାଳୟର ଅନୁପ ଧଳ ଓ ଗୁରୁ ପ୍ରସାଦ ରାଉତ ପଂଚମ ଶ୍ରେଣୀ ବୃତି ପରୀକ୍ଷା ଯାଜପୁର ପୌରାଞ୍ଚଳ ବିଦ୍ୟାଳୟ ମଧ୍ୟରେ ଚତୁର୍ଥ ଓ ସପ୍ତମ ସ୍ଥାନରେ ରହି କୃତକାର୍ଯ୍ୟ ହେବା ସହ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଛାତ୍ରଛାତ୍ରୀଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ସାମଲ, ବନଶ୍ରୀ ମହାନ୍ତି, ଅପାରି ଅପରାଜିତା ଧଳ ଓ ପୂର୍ଣ୍ଣିମା ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହ୍ଲାଦ ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ କାହ୍ନୁ ଚରଣ ମହାନ୍ତି ସମେତ ପିତାମାତା, ଜେଜେ ମାଁଙ୍କୁ ଶ୍ରେୟ ଦେଇଛନ୍ତି । ସେହିପରି ୨୦୨୨-୨୩ ଶିକ୍ଷାବର୍ଷର ପଠାଣି ସାମନ୍ତ ମେଧାବୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ମେଧା ପରୀକ୍ଷାରେ ପୂର୍ଣ୍ଣିମା ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅଞ୍ଜଳି ଜେନା ପଠାଣି ସାମନ୍ତ ମେଧା ବୃତି ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ।

## ୩ ସାଇବର ଠକ ଗିରଫ



**ନବରଙ୍ଗପୁର,୯।୧(ସଂଚାର ବ୍ୟୁରୋ):** ଗତ ବର୍ଷ ଏପ୍ରିଲ ମାସରେ ହୋଇଥିବା ସାଇବର ଠକେଇର ଶିକାର ହୋଇଥିବା ଯୋଡ଼େଙ୍ଗା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଫାର୍ମାସିଷ୍ଟ ମନୋଜ କୁମାର ମଣ୍ଡଳ ଙ୍କ ଏତଲା କୁ ଆଧାର କରି ରାଇଘର ପୋଲିସ ଆରମ୍ଭ କରିଥିଲା ଛାନଭିନ।ଏବଂ ସାଇବର ଠକ ତିନିଜଣଙ୍କୁ ରାଜଗାଙ୍ଗପୁର ରୁ ଧରିବାରେ ସଫଳ ହୋଇଥିଲା ପୋଲିସ।ଠକ ତିନି ଜଣ ହେଲେ ଆଶିଷ ଅରକନ ଏକ୍କା, ଆକାଶ ମଣ୍ଡଳ ଏବଂ ଜଣେ ନାବାଳକ ଏଲବିନ ତିର୍କି।ପ୍ରକାଶ ଥାଉକି ଗତ ବର୍ଷ ଅର୍ଥାତ ୨୦୨୪ମସିହା ଏପ୍ରିଲ ମାସ ୨୪ତାରିଖ ଦିନ ଯୋଡ଼େଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ କାର୍ଯ୍ୟରତ ଫାର୍ମାସିଷ୍ଟ ମନୋଜ କୁମାର ମଣ୍ଡଳ ଙ୍କ ନିକଟକୁ ଏକ ଭିଏସ କଲ ଆସିଥିଲା।କଲ କରିଥିବା ଲୋକଟି କହିଥିଲା ତୁମ ଝିଆରୀ ଓ ଝିଆରୀର କିଛି ସାଙ୍ଗ ମିଶି ରେଷ୍ଟୁରଣ୍ଟ ଯାଇଥିଲେ ଏବଂ ସେଠାରେ ଜଣେ ଝିଆରୀର ସାଙ୍ଗ କୁ ବଳାତ୍କାର କରାଯାଇଛି।ଝିଆରୀ ବର୍ତ୍ତମାନ ଥାନାରେ ଅଟକ ଅଛି।ଯଦି ତାର ସୁରକ୍ଷା ଚାହୁଁଛ ତାହେଲେ ଏକଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଥି ସହ ଦୁଇଟି ଆକାଉଣ୍ଟ ନମ୍ବର ମଧ୍ୟ ଦେଇଥିଲେ।ଏହି କଥା ଶୁଣି ଫାର୍ମାସିଷ୍ଟ ମନୋଜ ବିଚଳିତ ହୋଇ ଝିଆରୀ କିପରି ସୁରକ୍ଷିତ ରହିବ ଭାବି ତୁରନ୍ତ ଯୋଡ଼େଙ୍ଗା ରେ ଥିବା କିଓସ୍କ ବ୍ୟାଙ୍କ ରେ ଦୁଇଟି ଆକାଉଣ୍ଟ ୪୧୯୩୩୮୨୧୮୧୮ଏବଂ ୪୨୮୮୮୭୨୭୩୬୩ରେ ୫୦ହଜାର ଲେଖାଏଁ ଏକ ଲକ୍ଷ୍ୟ ଟଙ୍କା ଜମା କରିଦେଇଥିଲେ।ଏଥି ମଧ୍ୟରୁ ଗୋଟିଏ ଓଡିଶା ଆକାଉଣ୍ଟ ହୋଇଥିବାବେଳେ ଅନ୍ୟଟି ରାଜସ୍ଥାନ ରାପରେ ଭୁବନେଶ୍ୱର ରେ ରହି ନର୍ସିଙ୍ଗ ପଢୁଥିବା ଝିଆରୀ ସୁରକ୍ଷିତ ଥିବା ଏବଂ ତାର କୌଣସି ଅସୁବିଧା ହୋଇନଥିବା ଜାଣି କେହି ତାଙ୍କୁ ଠକିଥିବା ନେଇ ତା ୧୦/୫/୨୦୨୪ ରିଖ ରେ ଥାନାରେ ଏତଲା ଦେଇଥିଲେ ଯେ ସେ ଠକାମିର ଶିକାର ହୋଇଛନ୍ତି।

## ଓଭରହେଡ ଟାଙ୍କି ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ

**ଅସ୍ତରଙ୍ଗ,୯।୧(ସଂଚାର ବ୍ୟୁରୋ):** ଲୁଣି ଓ ଖାରି ପାଣି ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ। ଖରା ଦିନେ ଆସିଲେ ମାଇଲି ମାଇଲି ବାଟ ଚାଲିବାକୁ ପଡୁଛି। ନଚେତ କିଣା ପାଣି ଶୋଷ ମେଣ୍ଟାଉଛି। ଏଣୁ ଏହି ପାନୀୟ ଜଳ ସମସ୍ୟା କୁ ଆଖି ଆଗରେ ରଖି ପୂର୍ବ ସରକାର ଜଳ ଜୀବନ ମିଶନ ଯୋଜନା ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ବିଭିନ୍ନ ପଂଚାୟତ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଂଚାୟତ ଅନ୍ତର୍ଗତ ରାଜ୍ୱସ ଗ୍ରାମ ବାଲିପନ୍ତାଳ ରୁ ପାଇପି ପଡ଼ିବାକୁ ଆରମ୍ଭ ହୋଇଥିବା ବେଳେ ଓଭରହେଡ଼ ଟାଙ୍କି ନିର୍ମାଣ କୁ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି। ପ୍ରଶାସନ ତରଫରୁ ବାଲିପନ୍ତାଳ ରେ ଓଭରହେଡ଼ ଟାଙ୍କି ନିର୍ମାଣ ହେବାକୁ ନିଷ୍ପତି ଥିବା ବେଳେ ଗୁରୁବାର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଆର ଡବ୍ଲୁ ଏସ ଏସ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତି ଙ୍କ ଉପସ୍ଥିତ ରେ ବାଲିପନ୍ତାଳ ଗ୍ରାମରେ ଏକ ପଲ୍ଲୀସଭା ଆୟୋଜନ ପାଇଁ ନିଷ୍ପତି ହୋଇଥିଲା। କିନ୍ତୁ ପଲ୍ଲୀ ସଭା ପୂର୍ବରୁ ନଗର ପଂଚାୟତ କାର୍ଯ୍ୟାଳୟ ନିକଟରେ ଗ୍ରାମର କିଛି ବ୍ୟକ୍ତି ବିଶେଷ ନଗର ପଂଚାୟତର ଅନ୍ୟ ଏକ ଜାଗାରେ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ନିକଟରେ ଅଡ଼ି ବସିଥିଲେ। ଯାହାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଉତେଜନା ସୃଷ୍ଟି ହୋଇଥିଲା। ଏହା ପରେ ସ୍ଥାନୀୟ ସରପଞ୍ଚ ବିଜୟ ଖଣ୍ଡୁଆଳ, କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ମହାପାତ୍ର ଓ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତି ଙ୍କ ଉପସ୍ଥିତ ରେ ଜରୁରୀକାଳୀନ ବୈଠକ ନଗର ରେଡକ୍ରସ ନିକଟରେ ବୈଠକ ବସିଥିଲା। ଅନ୍ୟ ପଟେ ବାଲିପନ୍ତାଳ ଗ୍ରାମରେ ଆୟୋଜିତ ପଲ୍ଲୀ ସଭା ବାଧାପ୍ରାପ୍ତ ହୋଇଥିଲା।ଏ ନେଇ ବିଡ଼ିଓ ଙ୍କୁ ଲିଖିତ ଦାବୀ ପତ୍ର ମଧ୍ୟ ଜଣାଇଛନ୍ତି।



## ଗାଁ ମୁହାଁ ଭାଲୁ

**କୋକସରା,୯।୧(ସଂଚାର ବ୍ୟୁରୋ):** କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ଅଧୀନ ଶିଉନି ଗ୍ରାମରେ ଏକ ଭାଲୁ ଜନବସତି ମଧ୍ୟରେ ବୁଲୁଥିବା ଦେଖିବାକୁ ମିଳୁଛି। ଭାଲୁଟି ଗାଁ ନିକଟସ୍ଥ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ପ୍ରତଦିନ ଚାଲି ଆସି କେତେବେଳେ ରାସ୍ତା ଉପରେ ତ' କେତେବେଳେ ଘର ନିକଟକୁ ଚାଲି ଆସୁଥିବା ସ୍ଥାନୀୟ ଲୋକେ ଅଭଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଲୋକେ ବନ ବିଭାଗ ନିକଟରେ ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ ଭାଲୁ ଘଉଡାଇବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଭାଲୁ ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁବରଣ କରିଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ଏନେଇ ବନ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



## ଡ଼ାକ ଟିକେଟ ପ୍ରଦର୍ଶନୀ ନୟାଗଡ଼ ପେକ୍ସ ଉଦ୍‌ଯାପିତ



**ନୟାଗଡ଼,୯।୧(ସଂଚାର ବ୍ୟୁରୋ):** ଡାକ ମଣ୍ଡଳ ପକ୍ଷରୁ ଦୁଇ ଦିନ ଧରି ଚାଲିଥିବା ପ୍ରଥମ ଜିଲ୍ଲା ସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ 'ନୟାଗଡ଼ ପେକ୍ସ-୨୦୨୫' ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ରହି ଡାକ ବିଭାଗ ପ୍ରତିଟି ଭାରତୀୟ ପରିବାରର ବିଶ୍ୱସ୍ତ ସଦସ୍ୟ ତଥା ଡାକ ଟିକେଟ ଦେଶର କଳା, ସଂସ୍କୃତି, ବିଜ୍ଞାନକୁ ଲୋକପ୍ରିୟ କରିବା ସହ ଏହାର ପ୍ରଚାର ଓ ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦ ଇଣ୍ଡିଆନ୍ ନ୍ୟାସନାଲ ଟ୍ରଷ୍ଟ ଫର୍ ଆର୍ଟ ଏଣ୍ଡ କଲ୍‌ଚରାଲ୍ ହେରିଟେଜର ସଂଯୋଜକ ତଥା ଡାକ ଟିକେଟ ସଂଗ୍ରାହକ ଅନୀଲ କୁମାର ଧୀର ପ୍ରଦର୍ଶନୀରେ ସମସ୍ତ ବର୍ଗର ଲୋକଙ୍କ ଡାକ ଟିକେଟ ଦେଖିବା ପାଇଁ ଆଗ୍ରହ ଓ ଉତ୍ସାହ ପ୍ରମାଣିତ କରୁଛି ଡିଜିଟାଲ ଯୁଗରେ ବି ଡାକ ବିଭାଗ ତାର ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରଖିଛି ବୋଲି କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଶିଷ୍ଟ ଡାକ ଟିକେଟ ସଂଗ୍ରାହକ ଶାନ୍ତି ସ୍ୱରୂପ ରଥ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନୟାଗଡ଼ ପେକ୍ସ-୨୦୨୫ର ଅଧ୍ୟକ୍ଷ ତଥା ନୟାଗଡ଼ ଡ଼ାକ ମଣ୍ଡଳର ଡାକ ଅଧିକ୍ଷକ ଖଗେଶ୍ୱର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୟାଗଡ଼ ପେକ୍ସ-୨୦୨୫ ଉପଲକ୍ଷେ ଆୟୋଜିତ ସାଧାରଣଜ୍ଞାନ, ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼ାକ ମଣ୍ଡଳର ଅଧିକ୍ଷକ ସପନ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେହ ଦରିଆ ପାରି ମାଟିର ମହକ କରିଛି ଆନମନା ପ୍ରବାସୀ ଭାରତୀୟ







## ପ୍ରବାସୀଙ୍କ ସୁରକ୍ଷା ଓ କଲ୍ୟାଣକୁ ମୋଦିଙ୍କ ପ୍ରାଥମିକତା

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଆଜି ଏଠାରେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀ ଭାରତୀୟଙ୍କ ପାଇଁ ସୁବିଧା ଓ ଆରାମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ବୋଲି କହିଛନ୍ତି। ସେ କହିଛନ୍ତି ଯେ ପ୍ରବାସୀ ଭାରତୀୟଙ୍କୁ ସାହାଯ୍ୟ କରିବା ଭାରତର ଦାୟିତ୍ୱ, ଯାହା ଭାରତର ବୈଦେଶିକ ନୀତିର ଏକ ପ୍ରମୁଖ ସିଦ୍ଧାନ୍ତକୁ ପ୍ରତିଫଳିତ କରେ ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ଦଶନ୍ଧି ମଧ୍ୟରେ ବିଶ୍ୱବ୍ୟାପୀ ଭାରତୀୟ ଦୂତାବାସ ଏବଂ କାର୍ଯ୍ୟାଳୟଗୁଡ଼ିକ ସମ୍ବେଦନଶୀଳ ଓ ସକ୍ରିୟ ରହିଆସିଛନ୍ତି। ପୂର୍ବରୁ ପ୍ରବାସୀ ଲୋକମାନଙ୍କୁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଥିଲା ଏବଂ ଦୂତାବାସ ସୁବିଧା ପାଇବା ପାଇଁ ଦିନ ଦିନ ଅପେକ୍ଷା କରିବାକୁ ପଡୁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେମାନଙ୍କର ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ଗତ ଦୁଇ ବର୍ଷ ମଧ୍ୟରେ ୧୪ଟି ନୂତନ ଦୂତାବାସ ଏବଂ ବାଣିଜ୍ୟ ଦୂତାବାସ ଖୋଲିବା ସହ ଏହି ସମସ୍ୟାଗୁଡ଼ିକର ସମାଧାନ କରାଯାଉଛି ବୋଲି ସେ କହିଥିଲେ। ଶ୍ରୀ ମୋଦି ଆହୁରି ମଧ୍ୟ କହିଥିଲେ, ମରିସସର ସପ୍ତମ ପିଢ଼ି ଏବଂ ସୁରିନାମ, ମାର୍ଟିନିକ ଏବଂ ଗୁଆଡେଲୋପର ଷଷ୍ଠ ପିଢ଼ିର ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି(ପିଆଇଓ)ଙ୍କୁ ସାମିଲ କରିବା ଲାଗି ଓସିଆଇ କାର୍ଡର ପରିସର ବୃଦ୍ଧି କରାଯାଇଛି ବୋଲି ଶ୍ରୀ ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ ବିଶ୍ୱବ୍ୟାପୀ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଇତିହାସ ଉପରେ ଆଲୋକପାତ କରିଥିଲେ ଏବଂ ସେମାନଙ୍କ ସଫଳତାକୁ ଭାରତୀୟ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ 'ମନ କୀ ବାତ'ର ସଦ୍ୟ ସଂସ୍କରଣରେ ଆଲୋଚିତ ବିଷୟବସ୍ତୁ ବିଷୟରେ ମଧ୍ୟ କହିଥିଲେ। ସେ କହିଥିଲେ, ଶହ ଶହ ବର୍ଷ ପୂର୍ବେ ଗୁଜରାଟର କିଛି ପରିବାର ଓମାନକୁ ଯାଇଥିଲେ। ସେମାନଙ୍କର ୨୫୦ ବର୍ଷର ଯାତ୍ରା ପ୍ରେରଣାଦାୟୀ। ଏହି ସମ୍ପ୍ରଦାୟ ସହ ଜଡ଼ିତ ହଜାର ହଜାର କାଗଜପତ୍ରକୁ ଡିଜିଟାଲ ରୂପ ଦେବା ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଭିନ୍ନ ଦେଶରେ ପ୍ରବାସୀମାନଙ୍କ ସହ ସମାନ ପ୍ରୟାସ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦି 'ଗିରମିଟିଆ' ସମ୍ପ୍ରଦାୟଙ୍କ ଉଦାହରଣ ଦେଇଥିଲେ। ଭାରତର କେଉଁ ଗ୍ରାମ ଏବଂ ସହରରୁ ସେମାନେ ଆସିଛନ୍ତି ଏବଂ କେଉଁଠାରେ ସେମାନେ ବସବାସ କରିଛନ୍ତି ତାହା ଚିହ୍ନଟ କରିବା ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ସେ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେମାନଙ୍କ ଜୀବନର ଦସ୍ତାବିଜ ପ୍ରସ୍ତୁତ କରିବା, ସେମାନେ କିପରି ଆହ୍ୱାନଗୁଡ଼ିକୁ ସୁଯୋଗରେ ପରିଣତ କଲେ, ତାହା ଚଳଚ୍ଚିତ୍ର ଏବଂ ଡକ୍ୟୁମେଣ୍ଟାରୀ ଜରିଆରେ ପ୍ରଦର୍ଶିତ ହୋଇପାରିବ। ଗିରମିଟିଆ ପରମ୍ପରାର ଅଧ୍ୟୟନ ଏବଂ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏଥିପାଇଁ ଏକ ବିଶ୍ୱବିଦ୍ୟାଳୟ ଚେୟାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ।

ଭାରତର ଐତିହ୍ୟ ସ୍ଥଳଗୁଡ଼ିକୁ ଯୋଡ଼ିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ରାମାୟଣ ଏକ୍ସପ୍ରେସ୍ ଭଳି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ଭଗବାନ ରାମ ଏବଂ ସୀତା ମାତାଙ୍କ ସହ ଜଡ଼ିତ ସ୍ଥାନଗୁଡ଼ିକୁ ଯାତାୟାତ ସୁବିଧା ଯୋଗାଇଦେଇଛି ବୋଲି କହିବା ସହ ୧୯୪୭ରେ ଭାରତ ସ୍ୱାଧୀନତାରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତକୁ ଭଲ ଭାବେ ବୁଝିବା ପାଇଁ 'ଭାରତ କୋ ଜାନିଏ' କୁଇଜରେ ଅଂଶଗ୍ରହଣ କରିବା ଲାଗି ପ୍ରବାସୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ।



## 'ଭାରତକୁ ଏବେ ବିଶ୍ୱବନ୍ଧୁ ଭାବେ ସ୍ୱୀକୃତି ମିଳିଛି'

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଭାରତକୁ ଏବେ ବିଶ୍ୱବନ୍ଧୁ ଭାବେ ସ୍ୱୀକୃତି ମିଳିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏଠାରେ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଶ୍ରୀ ମୋଦି କହିଛନ୍ତି ଯେ ପ୍ରବାସୀ ଭାରତୀୟମାନେ ସେମାନଙ୍କ ପ୍ରୟାସକୁ ବୃଦ୍ଧି କରି ଏହି ବୈଶ୍ୱିକ ସମ୍ପର୍କକୁ ସୁଦୃଢ଼ କରିବା ଉଚିତ। ନିଜ ନିଜ ଦେଶରେ, ବିଶେଷ କରି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପୁରସ୍କାର ସମାରୋହ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାହିତ୍ୟ, କଳା ଓ ହସ୍ତଶିଳ୍ପ, ଚଳଚ୍ଚିତ୍ର ଓ ଥିଏଟର ଭଳି ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇପାରିବ। ଭାରତୀୟ ଦୂତାବାସ ଓ ବାଣିଜ୍ୟ ଦୂତାବାସଗୁଡ଼ିକର ସହାୟତାରେ ସଫଳ ବ୍ୟକ୍ତିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ଲାଗି ସେ ପ୍ରବାସୀ ଭାରତୀୟମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସ୍ଥାନୀୟ ଲୋକଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଓ ଭାବପ୍ରବଣ ବନ୍ଧନକୁ ବୃଦ୍ଧି କରିବ ବୋଲି ସେ କହିଥିଲେ। ସ୍ଥାନୀୟ ଭାରତୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ କରିବାରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ସେମାନଙ୍କୁ ''ମେଡ୍ ଇନ୍ ଇଣ୍ଡିଆ'' ଖାଦ୍ୟ ପ୍ୟାକେଟ୍, ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନୀୟ କିମ୍ବା ଅନଲାଇନ୍ କିଣିବାକୁ ଅନୁରୋଧ କରିଥିଲେ।

## ହଂସିକାଙ୍କ ଜେଡ୍-୧ ଫ୍ଲାଟ୍‌ରେ ଆଇଟି ଓ ପୁଲିସ୍‌ର ତନାଘନା

**ଭୁବନେଶ୍ୱର,୯।୧(ନି.ପ୍ର.):** ପ୍ରତିଦିନ ହଂସିକା ଅଭିଲିପ୍ସାଙ୍କ ସମ୍ପର୍କରେ ମିଳୁଛି ନୂଆ ନୂଆ ତଥ୍ୟ। ଠକେଇ ରାଣୀ ହଂସିକାଙ୍କର ରାଜଧାନୀ ଭୁବନେଶ୍ୱରରେ ଥିବା ଜେଡ୍‌୧ରେ ରହିଛି ୩ଟି ଫ୍ଲାଟ୍। କିନ୍ତୁ ସେ ରହୁଥିଲେ ୭୦୩ ନମ୍ବର ଫ୍ଲାଟ୍‌ରେ। ଅଭିଯୋଗ ହେଉଛି ଅନୀଲ ମହାନ୍ତିଙ୍କ ସହ ସେ ସେହି ଫ୍ଲାଟ୍‌ରେ ରହୁଥିଲେ। ଆଜି ଅପରାହ୍ନରେ ସେହି ଫ୍ଲାଟ୍‌ରେ ଚଢ଼ଉ କରିଛି ଆୟକର ବିଭାଗ (ଆଇଟି) ଓ କମିସନରେଟ୍ ପୁଲିସ୍। ଚଢ଼ଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବା ଚର୍ଚ୍ଚା ହେଉଛି। ହଂସିକା ଅଭିଲିପ୍ସା ଓ ତାଙ୍କ ସ୍ୱାମୀ ଅନୀଲ ମହାନ୍ତିଙ୍କ ପେଡି ଖୋଲିବା ପାଇଁ ଉଭୟଙ୍କୁ ରିମାଣ୍ଡରେ ଆୟକର ବିଭାଗ ଓ କମିଶନରେଟ୍ ପୁଲିସ୍ ଆଣିଥିଲା। କୋର୍ଟଙ୍କ ଅନୁମତି ପରେ ଉଭୟଙ୍କୁ ଜେରା ପାଇଁ ଅଣାଯିବା ସମୟରେ ସାମ୍ବାଦିକଙ୍କୁ ଦେଖି କାନ୍ଦି ପକାଇଥିଲେ ହଂସିକା। ଛଳ ଛଳ ଆଖିରେ କହିଥିଲେ ଯେ ଆମକୁ ଫସାଇ ଦିଆଯାଇଛି। ମୁଁ ଜଣେ ନାରୀ ହୋଇଥିବା ସତ୍ତ୍ୱେ ମୋ' ଚରିତ୍ରକୁ ସଂହାର କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ଠିକ୍ ସେମିତି ଅନୀଲ୍ ମଧ୍ୟ ହଂସିକାଙ୍କ ଢଙ୍ଗରେ ଆମକୁ ଫସାଇ ଦିଆଯାଇଛି ବୋଲି କହିଥିଲେହେଁ କିଏ ଓ କାହିଁକି ସେମାନଙ୍କୁ ଫସାଇଛନ୍ତି, ସେନେଇ ଉଭୟ କୌଣସି ଉତ୍ତର ଦେଇପାରି ନଥିଲେ।



ସେପଟେ ରିମାଣ୍ଡରେ ଆଣିବା ପରେ ଉଭୟଙ୍କୁ ଦୀର୍ଘ ସମୟ ଧରି ଜେରା କରିଥିଲା ଆୟକର ବିଭାଗ ଓ କମିସନରେଟ୍ ପୁଲିସ୍। ଜେରା ବେଳେ ଅନେକ ଅକୁହା କଥା କହିଥିବା ଜଣାପଡ଼ିଛି। ଜେଡ୍‌୧ ଆପାର୍ଟମେଣ୍ଟରେ ହଂସିକାଙ୍କର ୩ଟି ଫ୍ଲାଟ୍ ଥିବା ଜାଣିବାକୁ ପାଇଥିଲା। ଏହାପରେ ଉଭୟଙ୍କୁ ଧରି ଜେଡ୍‌୧ ଆପାର୍ଟମେଣ୍ଟରେ ଆୟକର ବିଭାଗ ଓ କମିସନରେଟ୍ ପୁଲିସ୍ ପହଞ୍ଚିଥିଲେ। ପ୍ରଥମେ ୭୦୩ ନମ୍ବର ଫ୍ଲାଟରେ ପହଞ୍ଚି ଯାଞ୍ଚ କରିଥିଲେ। ହେଲେ ସେହି ଘରକୁ ଯିବା ପାଇଁ ଅନୁମତି ମିଳିନଥିଲା। ପରେ ବହୁ ବୁଝାସୁଝା ପରେ ଘରର କବାଟ ଖୋଲିଥିଲା। ତା'ପରେ ସେହି ଫ୍ଲାଟ୍‌ରେ ଦୀର୍ଘ ସମୟ ଧରି ଖୋଳତାଡ ଚାଲିଥିବା ବେଳେ ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବା ଜଣାପଡ଼ିଛି।

ହଂସିକା ଓ ତାଙ୍କର ସ୍ୱାମୀ ଅନୀଲଙ୍କୁ କମିସନ୍‌ରେଟ୍ ପୁଲିସ୍ ଗିରଫ କରିଥିଲା। ତେବେ ଗତକାଲି ହଂସିକାଙ୍କ ଆଉ ଜଣେ ସ୍ୱାମୀ ସରୋଜ ସାହୁଙ୍କୁ ଆୟକର ବିଭାଗ ଗିରଫ କରିଥିଲା। ତାଙ୍କର ଆଉ ଜଣେ ସ୍ୱାମୀ ତଥା କଂଗ୍ରେସ ନେତା ମନୋଜ ଆଚାର୍ଯ୍ୟଙ୍କୁ ବୁଧବାର ଦୀର୍ଘ ସମୟ ଧରି ପଚରାଉଚରା କରାଯାଇଥିଲା। କେବଳ ମନୋଜ ନୁହଁନ୍ତି, ତାଙ୍କ ବାପା ଓ ଭାଇଙ୍କୁ ମଧ୍ୟ ଆୟକର ବିଭାଗ ପକ୍ଷରୁ ଜେରା କରାଯାଇଥିଲା। ତଥ୍ୟ ଅନୁସାରେ ହଂସିକା ୭୦ରୁ ୮୦ କୋଟି ଟଙ୍କା ଠକେଇ କରିଥିବା ବେଳେ କମିସନରେଟ୍ ପୁଲିସ୍ କହିଛି ଯେ ଦରକାର ପଡ଼ିଲେ ଆଉ ଥରେ ହଂସିକା ଓ ଅନୀଲଙ୍କୁ ରିମାଣ୍ଡରେ ଅଣାଯିବ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ଲଞ୍ଚ ହେଲା ମର୍ସିଡିଜ୍-ବେଞ୍ଜର ଇଲେକ୍ଟ୍ରିକ୍ ଜି-କ୍ଲାସ୍



**ନୂଆଦିଲ୍ଲୀ, ୯।୧:** ଭାରତୀୟ ବଜାରରେ ମର୍ସିଡିଜ୍-ବେଞ୍ଜର ଇଲେକ୍ଟ୍ରିକ୍ ଜି-କ୍ଲାସ୍ ଲଞ୍ଚ ହୋଇଛି। ମର୍ସିଡିଜ ଇକ୍ୟୁ ପ୍ରଯୁକ୍ତିବିଦ୍ୟା ସହିତ ନୂତନ କାର ଜି୫୮୦ ଲଞ୍ଚ କରିଛି। ଏବେ ଏହି କାରଟି ଭାରତରେ ଅଫ-ରୋଡର ଯାନ ତାଲିକାରେ ମଧ୍ୟ ସାମିଲ ହୋଇଛି। ପ୍ରଥମ ଥର ପାଇଁ ଏପରି ଅଫ-ରୋଡର ଯାନ ଯାହାକୁ ବୈଦ୍ୟୁତିକ ଭାରିଆଣ୍ଟରେ ଅଣାଯାଇଛି। ଏହି ମର୍ସିଡିଜ୍ କାରର ଚାରି ଚକରେ ଗୋଟିଏ ଗୋଟିଏ ବୈଦ୍ୟୁତିକ ମୋଟର ଲଗାଯାଇଛି। ମର୍ସିଡିଜ୍-ବେଞ୍ଜର ଏହି ନୂତନ ଇଲେକ୍ଟ୍ରିକ୍ କାରରେ ୧୧୬ କିଲୋ ୱାଟ ୟୁନିଟ୍ ବ୍ୟାଟେରୀ ଦିଆଯାଇଥିବାବେଳେ ଥରେ ଚାର୍ଜରେ ଏହି କାରଟି ୪୭୦ କିଲୋମିଟର ରେଞ୍ଜ ପ୍ରଦାନ କରେ । ଜି୫୮୦, ୫୮୭ ଏଚପି ପାୱାର ସହ ୧୧୬୫ ଏନଏମର ଟର୍କ ସୃଷ୍ଟି କରେ। ମର୍ସିଡିଜର ଏହି ଇଲେକ୍ଟ୍ରିକ୍ କାରରେ ଜି-ଟର୍ଣ୍ଣର ସୁବିଧା ଅଛି। ମର୍ସିଡିଜ୍-ବେଞ୍ଜର ନୂତନ ଇଲେକ୍ଟ୍ରିକ୍ କାରର ଡିଜାଇନ୍ ବିଷୟରେ କହିବାକୁ ଗଲେ, ଏଥିରେ କିଛି ପରିବର୍ତ୍ତନ କରାଯାଇଛି। ଏହି କାରର ବନେଟ୍‌କୁ ଏକ ଏରୋଡାଇନାମିକ୍ ଡିଜାଇନ୍ ଦିଆଯାଇଛି। ଏହି କାରର ଆଉ ଏକ ପରିବର୍ତ୍ତନ ହେଉଛି ସ୍ପେୟାର ଚକ କଭର ଯାହା ଏବେ ଏକ ଚାର୍ଜିଂ କେବୁଲ୍ ହୋଲ୍ଡର୍ ପାଲଟିଛି। ଏହି କାରର ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟ ତୁଳନାରେ ଏହାର ଭିତର ଭାଗରେ ଆହୁରି କିଛି ପରିବର୍ତ୍ତନ କରାଯାଇଛି। ମର୍ସିଡିଜ୍-ବେଞ୍ଜ ଇଲେକ୍ଟ୍ରିକ୍ ଜି ୱାଗନର ମୂଲ୍ୟ ୩ କୋଟି ଟଙ୍କା ଏବଂ ଗତ ବର୍ଷ ଶେଷ ସୁଦ୍ଧା ଏହି କାରଟି ବହୁତ ବୁକିଂ ପାଇସାରିଛି।



## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୬୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୯ ହଜାର ୨୦୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୬୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୯, ୨୦୦ ଟଙ୍କା ଥିଲା । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୬୦୦ ଟଙ୍କା ଓ ୭୯, ୨୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୭୫୦ ଟଙ୍କା ଓ ୭୯, ୩୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୬୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୯, ୨୦୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୬୦୦ ଟଙ୍କା ଓ ୭୯, ୨୦୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୩,୫୦୦ ହଜାର ଟଙ୍କା ହୋଇଛି ।

# ତେଲେଙ୍ଗାନାକୁ ବିୟର ବିକ୍ରି କରିବନି ୟୁବିଏଲ୍ କମ୍ପାନି



**ନୂଆଦିଲ୍ଲୀ,୯।୧:** କିଙ୍ଗଫିସର ବିୟର ତିଆରି କରୁଥିବା କମ୍ପାନୀ ୟୁନାଇଟେଡ୍ ବ୍ରୁରିଜ୍ ଲିମିଟେଡ୍ (ୟୁବିଏଲ୍) ର ବଡ଼ ଘୋଷଣା । ଏଣିକି ଆଉ ତେଲେଙ୍ଗାନାକୁ ବିୟର୍ ବିକ୍ରି କରିବନି କମ୍ପାନି । କାରଣ ତେଲେଙ୍ଗାନା ବେଭରେଜ କର୍ପୋରେସନ ଲିମିଟେଡ୍ (ଟିଜିବିସିଏଲ) ୨୦୧୯-୨୦ ରୁ ବିୟରର ମୂଲ୍ୟ ବୃଦ୍ଧି କରି ନାହିଁ । ଯେଉଁ କାରଣରୁ କମ୍ପାନୀ କ୍ଷତି ସହିଛି। ଏନେଇ ୟୁବିଏଲ କହିଛି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା । କିନ୍ତୁ କୌଣସି ସୁଫଳ ନ ମିଳିବାରୁ କମ୍ପାନି ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କମ୍ପାନୀ କହିଛି ଯେ, ତେଲେଙ୍ଗାନା ବେଭରେଜ କର୍ପୋରେସନକୁ ବିୟର ଯୋଗାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। କାରଣ କମ୍ପାନି ୨୦୨୦ ଆର୍ଥିକ ବର୍ଷରୁ ବିୟରର ମୂଲ୍ୟ ବୃଦ୍ଧି କରି ନାହିଁ, ଯାହାକୁ ନେଇ କ୍ଷତି ସହିବାକୁ ପଡିଛି କମ୍ପାନିକୁ। ଏହା ସହିତ କମ୍ପାନି ମଧ୍ୟ ପୂର୍ବରୁ ଯୋଗାଇ ଦିଆଯାଇଥିବା ବିୟର ପାଇଁ ପୂର୍ଣ୍ଣ ରାଶି ଦେଇନାହିଁ। ତେବେ ଟିଏସବିସିଏଲ ଏକ ସରକାରୀ ସଂଗଠନ। ଏହା ରାଜ୍ୟରେ ଖୁଚୁରା ଏବଂ ହୋଲସେଲ ସେକ୍ଟରରେ ମଦ ବିକ୍ରିକୁ ନିୟନ୍ତ୍ରଣ କରିଥାଏ । ଏହା ଆନ୍ଧ୍ରପ୍ରଦେଶର ବେଭରେଜ୍ କର୍ପୋରେସନ୍ ଲିମିଟେଡ୍ ଠାରୁ ଅଲଗା ହେବା ପରେ ୨୦୧୪ ରେ ଗଠିତ ହୋଇଥିଲା। ଅନ୍ୟପଟେ ୟୁବିଏଲ ଗଣମାଧ୍ୟମକୁ ପ୍ରକାଶ କରି କହିଛି ଯେ, ହିତାଧିକାରୀଙ୍କ ପ୍ରତି କମ୍ପାନୀର ଦାୟିତ୍ୱ ରହିଛି, ଯାହାକୁ ଦୃଷ୍ଟିରେ ରଖି ବିୟର ଆଉ କ୍ଷତିରେ ବିକ୍ରି ହେଉନାହିଁ। କମ୍ପାନୀ ଏହା ମଧ୍ୟ ସୂଚନା ଦେଇଛି ଯେ, ସେମାନଙ୍କ ତରଫରୁ ବ୍ରୁର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବିଏଆଇ) ମହଙ୍ଗା ବୃଦ୍ଧି ହେତୁ ବୋଝ କମ୍ କରିବା ପାଇଁ ବିୟରର ମୂଲ୍ୟ ବୃଦ୍ଧି କରିବାକୁ ତେଲେଙ୍ଗାନା ସରକାରଙ୍କୁ ଅନେକ ଥର ନିବେଦନ କରିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଆସୋସିଏସନ ଦ୍ୱାରା ଅବକାରୀ ବିଭାଗ ଏବଂ ତେଲେଙ୍ଗାନାର ସିଏମ୍‌ଙ୍କୁ ପଠାଯାଇଥିବା ଚିଠିକୁ ନେଇ ଦ ମିଣ୍ଟ ରିପୋର୍ଟରେ କହିଛି ଯେ, ଆଜି ମଧ୍ୟ ୨୦୧୯ ହାରରେ ତେଲେଙ୍ଗାନା ପକ୍ଷରୁ ବିୟର ଉତ୍ପାଦନକାରୀ କମ୍ପାନୀମାନଙ୍କୁ ମୂଲ୍ୟ ଦିଆଯାଉଛି।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ବୟନିକାର ନାଇଟ୍ ବଜାର ଉଦ୍‌ଘାଟିତ



**ଭୁବନେଶ୍ୱର,୯।୧:** ରାଜ୍ୟର ପ୍ରମୁଖ ହସ୍ତତନ୍ତ ସଙ୍ଗଠନ ତଥା ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ ବା ବୟନିକାର ବହୁ ପ୍ରତୀକ୍ଷିତ 'ବୟନିକା ନାଇଟ୍ ବଜାର' ବୁଧବାର ଭୁବନେଶ୍ୱରର ଖାରବେଳନଗରସ୍ଥିତ ବୟନିକା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗର ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ପରିଚାଳନା ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଅତିରିକ୍ତ ଶାସନ ସଚିବ ସୁଷମା ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ବା ପିବିଡି-୨୦୨୫ର ଆୟୋଜନ କରାଯାଇଛି। ଏହି ସମୟରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବୟନିକା ପକ୍ଷରୁ ଏହି ସ୍ୱତନ୍ତ୍ର ନାଇଟ୍ ବଜାରର ଶୁଭାରମ୍ଭ କରାଯାଇଛି।

## ସୁନା କ୍ରୟରେ ଭାରତ ଦ୍ୱିତୀୟ

ଭୁବନେଶ୍ୱର,୯।୧: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ୭୩ ଟନ୍ ସୁନା କିଣିଛି। କେବଳ ନଭେମ୍ବରରେ ଆର୍‌ବିଆଇ ୮ ଟନ ସୁନା କିଣିଥିବା ସୂଚନା ରହିଛି। ୨୦୨୪ ଶେଷ ସୁଦ୍ଧା ଆର୍‌ବିଆଇର ମୋଟ ସୁନା ପରିମାଣ ୮୭୬ ଟନ୍‌କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ନଭେମ୍ବରରେ ଭାରତ ସୁନା କ୍ରୟ କ୍ଷେତ୍ରରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ ପୋଲାଣ୍ଡ (ଏନ୍‌ବିପି) ବିଶ୍ୱରେ ସୁନା ଭଣ୍ଡାର କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ଓ୍ୱାଲର୍ଡ ଗୋଲ୍ଡ କାଉନସିଲ ଅନୁଯାୟୀ, ଏନ୍‌ବିପି ନଭେମ୍ବରରେ ୨୧ ଟନ୍ ସୁନା କିଣିଛି, ଯାହା ପରେ ଜାନୁଆରୀରୁ ନଭେମ୍ବର ମଧ୍ୟରେ ଏହାର ମୋଟ ସୁନା କ୍ରୟ ୯୦ ଟନ୍ ହୋଇଯାଇଛି। ଏହାର ସମୁଦାୟ ସୁନା ସଂରକ୍ଷଣ ୪୪୮ ଟନ୍‌ରେ ରହିବ, ଯାହାକି ଏହାର ସମୁଦାୟ ଭଣ୍ଡାରର ୧୮ ପ୍ରତିଶତ । ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ୬ ମାସ ପରେ ସୁନା କ୍ରୟ ଆରମ୍ଭ କରିଛି ଏବଂ ଏହାର ଭଣ୍ଡାରରେ ୬ ଟନ୍ ଯୋଡ଼ିଛି। ନଭେମ୍ବର ପର୍ଯ୍ୟନ୍ତ ଏହା ସମୁଦାୟ ୩୪ ଟନ୍ ସୁନା କିଣିଛି। ଏହା ପରେ ଏହାର ମୋଟ ସୁନା ସଂରକ୍ଷଣ ୨୨୬୪ ଟନ୍‌କୁ ବୃଦ୍ଧି ପାଇଛି ଏବଂ ଏହା ଚାଇନାର ମୋଟ ସଂରକ୍ଷଣର ୫ ପ୍ରତିଶତ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଉଜ୍‌ବେକିସ୍ତାନ ମଧ୍ୟ ୩ ମାସ ପରେ ସୁନା କିଣିଛି ଏବଂ ଏହା ଅଧୀନରେ ନଭେମ୍ବର ୨୦୨୪ ରେ ୯ ଟନ୍ ସୁନା କିଣିଛି। ଏହିପରି ନଭେମ୍ବର ୨୦୨୪ ସୁଦ୍ଧା ଏହାର ମୋଟ ସୁନା କ୍ରୟ ୧୧ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ଏବଂ ଏହାର ମୋଟ ସୁନା ସଂରକ୍ଷଣ ପରିମାଣ ୩୮୨ ଟନ୍‌ରେ ପହଞ୍ଚିଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ କାଜାଖିସ୍ତାନ ନଭେମ୍ବରରେ ୫ ଟନ୍ ସୁନା କିଣିଛି ଏବଂ ଏହା ପରେ ଏହି ଦେଶର ମୋଟ ସୁନା ସଂରକ୍ଷଣ ୨୯୫ ଟନ୍‌କୁ ବୃଦ୍ଧି ପାଇଛି। ସେହିପରି ତୁର୍କୀର ସେଣ୍ଟ୍ରାଲ ବ୍ୟାଙ୍କ ୩ ଟନ୍ ସୁନା ଏବଂ ଚେକ୍ ନ୍ୟାଶନାଲ ବ୍ୟାଙ୍କ (ଚେକ୍ ରିପବ୍ଲିକ୍‌ର କେନ୍ଦ୍ରୀୟ ବ୍ୟାଙ୍କ) ୨ ଟନ ସୁନା କିଣିଛି। ନଭେମ୍ବରରେ ସିଙ୍ଗାପୁରର ମୁଦ୍ରା ପ୍ରାଧିକରଣ ସୁନା ବିକ୍ରିକରି ଏହାର ସୁନା ଭଣ୍ଡାରକୁ ୫ ଟନ୍ ହ୍ରାସ କରିଛି।

# ଏ ବର୍ଷ ୧୮% ବଢ଼ିବ ସେୟାର ବଜାର




**ନୂଆଦିଲ୍ଲୀ,୯।୧:** ସେୟାର ବଜାରରେ ଏବେ ଅନେକ ଉତ୍ଥାନ ପତନ ଦେଖିବାକୁ ମିଳୁଛି। ତେବେ ଭାରତୀୟ ସେୟାର ବଜାରକୁ ନେଇ ଆଶାବାଦୀ ଅଛି ସିଟି ଗ୍ରୁପ୍। ନିଜ ରିପୋର୍ଟରେ ଆମେରିକାର ଏହି ପ୍ରମୁଖ ବ୍ୟାଙ୍କ ଆକଳନ କରିଛି ଯେ, ଭାରତର ୫ ଟ୍ରିଲିୟନ ଡଲାର ସେୟାର ବଜାରରେ ଲଗାତର ଦଶମ ବର୍ଷ ବୃଦ୍ଧି ଦେଖିବାକୁ ମିଳିବ। ବ୍ୟାଙ୍କ୍‌ର କହିବାନୁସାରେ, ଆର୍ଥିକ ବିକାଶରେ ସୁଧାର ସହ ମଜଭୁତ କର୍ପୋରେଟ୍ ଆୟ ଯୋଗୁ ଘରୋଇ ସେୟାର୍ ବଜାରରେ ଦ୍ରୁତ ବୃଦ୍ଧି ଅନୁମାନ ରହିଛି। ଏହା ଏ ବର୍ଷ ୧୮% ବଢ଼ିପାରେ। ଚଳିତବର୍ଷ ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍‌ଟି ୫୦ ସୂଚକାଙ୍କ ୨୬,୦୦୦ ପଏଣ୍ଟ ଛୁଇଁବ ବୋଲି ଅନୁମାନ କରିଛି ସିଟି ଗ୍ରୁପ୍। ଅର୍ଥାତ୍ ଏ ବର୍ଷ ଏଥିରେ ୧୦% ବୃଦ୍ଧି ଦେଖିବାକୁ ମିଳିବ। ଗତବର୍ଷ ସିଟି ବ୍ୟାଙ୍କ ପକ୍ଷରୁ ୨୨,୫୦୦ ପଏଣ୍ଟ ପର୍ଯ୍ୟନ୍ତ ନିଫ୍‌ଟି ଯିବ ବୋଲି ଅନୁମାନ କରାଯାଇଥିବାବେଳେ ଏହାଠାରୁ ୫% ଅଧିକ ବଢ଼ିଛି ନିଫ୍‌ଟି। ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପୁଞ୍ଜି ବଜାରରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବିବିଧ ବ୍ୟବସାୟକୁ ଦୃଷ୍ଟିରେ ରଖି ଭାରତର ଅଭିବୃଦ୍ଧି ଦୃଶ୍ୟପଟ ମଜଭୁତ ଏବଂ ଅପେକ୍ଷାକୃତ କମ୍ ରିସ୍କପୂର୍ଣ୍ଣ ଲାଗୁଛି। କିଛି ନୀତିଗତ ସହାୟତା ସହ ବର୍ଷ ୨୦୨୫ରେ ଅର୍ଥନୀତି ୬.୫% ଅଭିବୃଦ୍ଧିକୁ ଫେରିପାରେ। କିନ୍ତୁ ଘରୋଇ ନିବେଶରେ ମଜଭୁତ ସୁଧାର ଏତେ ଶୀଘ୍ର ଆସି ନ ପାରେ। ସିଟି ଗ୍ରୁପ୍ ପୂର୍ବରୁ ମୋର୍ଗାନ ଷ୍ଟେନ୍‌ଲୀ ବି ଭାରତୀୟ ବଜାର ପାଇଁ ଦୁଇ ଅଙ୍କ ରିଟର୍ଣ୍ଣର ଭବିଷ୍ୟବାଣୀ କରିଥିଲା। ବ୍ରୋକରେଜ୍ ସଂସ୍ଥାର କହିବାନୁସାରେ, ବିଏସ୍‌ଇ ସେନ୍‌ସେକ୍ସ ୨୦୨୫ରେ ୧୮% ରିଟର୍ଣ୍ଣ ଦେବ। ଏହାର କାରଣ ହେଉଛି ଖୁଚୁରା କ୍ରୟ ନୂଆ ସେୟାର ଯୋଗାଣଠାରୁ ଆଗରେ ରହିବ। ସୂଚନାଯୋଗ୍ୟ, ୨୦୨୪ରେ ବ୍ୟକ୍ତିଗତ ନିବେଶକ ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ୧.୫ ଲକ୍ଷ କୋଟି ଟଙ୍କାର ସେୟାର କିଣିଛନ୍ତି, ଯାହା ଏକ ରେକର୍ଡ। ବଜାର ବିଶେଷଜ୍ଞମାନଙ୍କ କହିବାନୁସାରେ, ମଜଭୁତ ଘରୋଇ ପୁଞ୍ଜି ପ୍ରବାହ ମନ୍ଥର ଚାହିଦା, ନିମ୍ନମୁଖୀ ମୁଦ୍ରା ଭଣ୍ଡାର ଏବଂ ବର୍ଦ୍ଧିତ ବିଶ୍ୱ ଅନିଶ୍ଚିତତା ବିରୋଧରେ ବଫର୍ ହୋଇ ରହିବ। ବିଶେଷଜ୍ଞଙ୍କ ଅନୁସାରେ, ଘରୋଇ ବଜାରକୁ ପୁଞ୍ଜି ପ୍ରବାହ ମଜଭୁତ ରହିଛି ଏବଂ ବଜାରରେ ପତନ ସମୟରେ ଖୁଚୁରା ନିବେଶକ ଲଗାତର ସେୟାର କିଣୁଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସୂଚକାଙ୍କ ସେନ୍‌ସେକ୍ସ ୫୦.୬୨ ପଏଣ୍ଟ ଅର୍ଥାତ୍ ୦.୦୬% ହ୍ରାସ ସହିତ ୭୮,୧୪୮.୪୯ ପଏଣ୍ଟରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ, ନିଫ୍‌ଟି ୧୮.୯୫ ପଏଣ୍ଟ ଖସି ୨୩,୬୮୮.୯୫ ପଏଣ୍ଟରେ ବନ୍ଦ ହୋଇଛି।

# ଡୁଗାଟୀ କମ୍ପାନୀ ଲଞ୍ଚ କରିବ ୧୪ ମୋଟରସାଇକେଲ



**ନୂଆଦିଲ୍ଲୀ, ୯।୧:** ୨୦୨୫ ବର୍ଷ ଅଟୋ ଇଣ୍ଡଷ୍ଟ୍ରି ପାଇଁ ଅନେକ ନୂଆ ମଡେଲ୍ ଆଣିଛି। ଚଳିତ ବର୍ଷ ଅନେକ ବାଇକ୍ ଏବଂ କାର ଲଞ୍ଚ କରିବାକୁ ଯାଉଛି। ଇଟାଲୀ କମ୍ପାନୀ ଡୁଗାଟୀ ଚଳିତ ବର୍ଷ ଭାରତୀୟ ବଜାରରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ୧୪ ଟି ମୋଟରସାଇକେଲ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଯଦି ଦେଖାଯାଏ ତେବେ ମାର୍କେଟରେ ପ୍ରତି ମାସରେ ଡୁକାଟୀର ନୂଆ ମଡେଲ୍ ଲଞ୍ଚ ହୋଇପାରିବ। ନୂଆ ମଡେଲଗୁଡିକର ଲଞ୍ଚିଂ ସହିତ ବାଇକ୍ କମ୍ପାନୀ ନିଜର ଡିଲର ନେଟୱ୍ୱର୍କକୁ ମଧ୍ୟ ବଢ଼ାଇବାକୁ ଯାଉଛି। ୨୦୨୫ ବର୍ଷର ପ୍ରଥମ ତିନିମାସରେ ଡେସର୍ଟ-ଏକ୍ସ ଡିସ୍‌କଭରୀ ଏବଂ ଡୁଗାଟୀସର ସୁପରସ୍ପୋର୍ଟ ବାଇକ୍ ପାନିଗଲେ ଭି-୪ ଲଞ୍ଚ ହେବ। ସେହିଭଳି ଆସନ୍ତା ତିନିମାସ ମଧ୍ୟରେ ପାନିଗଲେ ଭି-୨ ଫାଇନାଲ୍ ଏଡିସନ୍ ଏବଂ ସ୍କ୍ରାମ୍ବଲର ଡାର୍କକୁ ମାର୍କେଟରେ ଲଞ୍ଚ କରାଯିବ। ଏହି ୪ଟି ବାଇକ୍ ପ୍ରଥମ ୬ ମାସ ମଧ୍ୟରେ ଲଞ୍ଚ ହୋଇପାରିବ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୫ଟି ବାଇକ୍ ଭାରତୀୟ ବଜାରରେ ଲଞ୍ଚ କରାଯିବ। ଏହି ବାଇକ୍ ଲାଷ୍ଟରେ ନୂଆ ୮୯୦ସିସି ମଲ୍ଟିଷ୍ଟ୍ରଡା ଭି-୨ଏବଂ ସ୍କ୍ରାମ୍ବଲର ସିଜୋମା ସାମିଲ ଅଛି। ଏହା ସହିତ ଷ୍ଟ୍ରୀଟଫାଇଟର୍ ଭି-୪, ଷ୍ଟ୍ରୀଟଫାଇଟର୍ ଭି-୨ ଏବଂ ପାନିଗଲେ ଭି-୨ ମଧ୍ୟ ମାର୍କେଟକୁ ପ୍ରବେସ କରିବ। ଡିସେମ୍ବର ୨୦୨୫ ରେ ଡୁଗାଟୀ ମାର୍କେଟରେ ଅନେକ ନୂଆ ବାଇକ୍ ଲଞ୍ଚ କରିବାକୁ ପ୍ଲାନ୍ କରୁଛି। ଭାରତୀୟ ବଜାରରେ କମ୍ପାନୀର ସେଲ ବଢ଼ିବା ପାଇଁ ଡୁଗାଟୀ ଚଳିତ ବର୍ଷ ନିଜର ଡିଲର ନେଟୱ୍ୱର୍କ ବୃଦ୍ଧି କରିବାକୁ ଯାଉଛି। ବର୍ତ୍ତମାନ ଡୁଗାଟୀ ଶୋରୁମଗୁଡିକ କେବଳ ମେଟ୍ରୋ ସହରରେ ଉପଲବ୍ଧ ଅଛି। ଡୁଗାଟୀର ଡିଲର ନେଟୱ୍ୱର୍କ ବିଷୟରେ କହିବାକୁ ଗଲେ ଏହି କମ୍ପାନୀର ଶୋରୁମ୍ ଦିଲ୍ଲୀ, ମୁମ୍ବାଇ, ପୁନ୍ନେ, ବେଙ୍ଗାଲୁର, ଚେନ୍ନାଇ, ହାଇଦ୍ରାବାଦ୍, କୋଚି, କୋଲକାତା, ଚଣ୍ଡିଗଡ଼ ଏବଂ ଅହମ୍ମଦାବାଦରେ ଖୋଲା ଅଛି। ନୂଆ ବାଇକ୍ସ ଲଞ୍ଚ ହେବା ସହିତ ଡୁଗାଟୀ ଭାରତରେ ଶୋରୁମର ସଂଖ୍ୟା ବଢ଼ାଇବାକୁ ଯାଉଛି।

# ଏୟାରଲାଇନ୍ ଦେବେ ପାଣିପାଗ ତଥ୍ୟ



**ନୂଆଦିଲ୍ଲୀ, ୯।୧:** ବିମାନ ଉଡ଼ାଣ ଓ ଅବତରଣ ବେଳେ ଗୁରୁତ୍ୱପୂର୍ଣ୍ଣ ପାଣିପାଗ ତଥ୍ୟ ସଂଗ୍ରହ କରାଯାଇଥାଏ। ସେହି ତଥ୍ୟକୁ ଏୟାରଲାଇନ୍‌ଗୁଡ଼ିକ ଖୁବ୍‌ଶୀଘ୍ର ଭାରତୀୟ ପାଣିପାଗ କେନ୍ଦ୍ର (ଆଇଏମ୍‌ଡି) କୁ ଦେବେ। ପାଣିପାଗ ତଥ୍ୟ ଦେବା ଏୟାରଲାଇନ୍‌ଗୁଡ଼ିକ ଲାଗି ବାଧ୍ୟତାମୂଳକ କରିବା ଉପରେ ସରକାର ବିଚାର କରୁଛନ୍ତି। ତାହା ହେଲେ ପାଣିପାଗର ଆହୁରି ସଠିକ୍ ପୂର୍ବାନୁମାନ କରାଯାଇପାରିବ। ଭୂ-ବିଜ୍ଞାନ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ଆଲୋଚନା କରାଯାଇଛି। ବର୍ଷକ ଭିତରେ ଡୋମେଷ୍ଟିକ୍ (ଦେଶ ଭିତର) ଏୟାରଲାଇନ୍‌ଗୁଡ଼ିକ ଲାଗି ପାଣିପାଗ ତଥ୍ୟ ଦେବା ବାଧ୍ୟତାମୂଳକ କରାଯିବ। ଏହି ତଥ୍ୟ ବିମାନ ଚଳାଚଳ କ୍ଷେତ୍ରରେ ପାରିଦର୍ଶିତା ଆଣିବା ସହ ପାଣିପାଗ ପୂର୍ବାନୁମାନକୁ ଆହୁରି ସଠିକ୍ କରିପାରିବ। ବିଭିନ୍ନ ପ୍ରକାର ପର୍ଯ୍ୟବେକ୍ଷଣ ଆଧାରରେ ଆଇଏମ୍‌ଡି ପକ୍ଷରୁ ପାଣିପାଗର ପୂର୍ବାନୁମାନ କରାଯାଉଛି। ପର୍ଯ୍ୟବେକ୍ଷଣ ଯେତେ ଅଧିକ ହେବ, ପୂର୍ବାନୁମାନ ସେତେ ସଠିକ୍ ହୋଇପାରିବ। ଅଧିକ ସ୍ଥାନରୁ ତଥ୍ୟ ଆସିଲେ ଏକ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରିବ। ତାପମାତ୍ରା, ଆର୍ଦ୍ରତା ଓ ପବନ ବେଗର ତଥ୍ୟ ଯେତେ ଅଧିକ ସମ୍ଭବ ସେହି ସ୍ଥାନରୁ ସଂଗ୍ରହ କରାଯାଉଛି।

ଭୂପୃଷ୍ଠରୁ ସଂଗ୍ରହ ହେଉଥିବା ତଥ୍ୟ ତୁଳନାରେ ଏୟାରଲାଇନ୍ ଓ ପାଣିପାଗ ବେଲୁନ୍‌ରୁ ସଂଗ୍ରହ ହେଉଥିବା ତଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଝଡ଼ ଗଠନ ହେବା ଓ ବାୟୁମଣ୍ଡଳରେ ତାହା ଆକାର ଧାରଣ କରିବା ସମୟରେ ତାପମାତ୍ରା, ଆର୍ଦ୍ରତା ଓ

## ବର୍ଷକ ଭିତରେ ବାଧ୍ୟତାମୂଳକ ହେବ

ପବନର ବେଗ ବିଭିନ୍ନ ଉଚ୍ଚତାରେ ଭିନ୍ନ ଭିନ୍ନ ରହିଥାଏ। ସେହି ତଥ୍ୟଗୁଡ଼ିକୁ ସଂଗ୍ରହ କରିବା ଲାଗି ଆଇଏମ୍‌ଡି ପକ୍ଷରୁ ୫୦-୬୦ ପାଣିପାଗ ବେଲୁନ୍ ସ୍ଥାପନ କରାଯାଇଛି। ଯେହେତୁ ଦେଶରେ ଶହ ଶହ ବିମାନ ଚଳାଚଳ କରୁଛି, ତେଣୁ ସେମାନେ ସଂଗ୍ରହ କରୁଥିବା ତଥ୍ୟ ପାଣିପାଗ ପୂର୍ବାନୁମାନରେ ପାରଦର୍ଶିତା ଆଣିପାରିବ ବୋଲି କୁହାଯାଉଛି।

ଅନ୍ତର୍ଜାତୀୟ ରୁଟ୍‌ରେ ଚଳାଚଳ କରୁଥିବା ବିମାନଗୁଡ଼ିକ ନିଜେ ସଂଗ୍ରହ କରୁଥିବା ତଥ୍ୟ ଜାରି କରୁଛନ୍ତି। କାରଣ ଆଇନ ଅନୁସାରେ ସେମାନେ ସେହି ତଥ୍ୟ ଦେବାକୁ ବାଧ୍ୟ। ମାତ୍ର ଡୋମେଷ୍ଟିକ୍ ରୁଟ୍‌ରେ ଚଳାଚଳ କରୁଥିବା ବିମାନଗୁଡ଼ିକ ଲାଗି ତାହା ବାଧ୍ୟତାମୂଳକ ହୋଇନାହିଁ। ଦେଶରେ ବିମାନ ସେବା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ସରକାରୀ ଯୋଜନାର ପ୍ରଭାବରେ କେତେକ ରାଜ୍ୟରେ ୧୦-୧୫ ବିମାନବନ୍ଦର ହୋଇଗଲାଣି। ଦେଶ ଭିତରେ ଉଡୁଥିବା ସବୁ ବିମାନ ଯଦି ସଂଗ୍ରହ କରୁଥିବା ପାଣିପାଗ ତଥ୍ୟ ବାସ୍ତବ ସମୟରେ ଆଇଏମ୍‌ଡିକୁ ପଠାଇବେ ତେବେ ପାଣିପାଗ ପୂର୍ବାନୁମାନ ବେଶ୍ ଉନ୍ନତ ହୋଇପାରିବ ବୋଲି କୁହାଯାଉଛି। ବିମାନରେ ଲାଗିଥିବା ବିଭିନ୍ନ ସେନ୍‌ସର୍ ଓ ଉପକରଣ ଗୁରୁତ୍ୱପୂର୍ଣ୍ଣ ପାଣିପାଗ ତଥ୍ୟ ସଂଗ୍ରହ କରିଥାନ୍ତି। ଏୟାର୍‌ଲାଇନ୍‌ଗୁଡ଼ିକ ମହାସାଗର ଉପରି ଭାଗ ଓ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳର ପାଣିପାଗ ତଥ୍ୟ ଦେଇପାରିବେ ଯେଉଁଠାରେ ପାଣିପାଗ ବେଲୁନ୍ ସ୍ଥାପନ କରିବା ସମ୍ଭବ ନୁହେଁ।

# ବଡ଼ଦେଓଙ୍କ ପୌଷ ଯାତ୍ରା



**ପାଟଣାଗଡ,୯।୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ମୁଣ୍ଡୋମହୁଲ ଗାଁରେ ଗଣ୍ଡ ସମାଜ ପକ୍ଷରୁ ଶ୍ରୀବଡଦେଓଙ୍କ ପୌଷ ଯାତ୍ରା ପାଳିତ ହୋଇଯାଇଛି । ସୁଚନା ଅନୁସାରେ ଖଳା ପୂଜାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ବୁଧବାର ବରୁଆ ଦେହରେ ଶ୍ରୀବଡଦେଓ ଆର୍ବିଭାବ ହେବାପରେ ଗାଁ ପରିକ୍ରମା କରି କରିଥିଲେ। ପ୍ରକୃତିର ଉପାସକ ଗଣ୍ଡ ସଂପ୍ରଦାୟର ଅଧିବାସୀ ଅଗ୍ନି, ବାୟୁ,ଜଳ,ଆକାଶ ତଥା ବୃକ୍ଷ ଲତାକୁ ପୂଜାର୍ଚ୍ଚନା କରିଥିବା ବେଳେ ତାଙ୍କ ଆସ୍ଥା ଓ ବିଶ୍ୱାସ ଥାଏ । ପ୍ରକୃତ ଦେବତା ପଥରରେ ନୁହେଁ ବଂର ପ୍ରକୃତ କୋଳରେ ମିଳିଥାଏ ବୋଲି ଗଣ୍ଡ ସମାଜ ପକ୍ଷରୁ କୁହାଯାଇଛି । ସମଗ୍ର ରାଜ୍ୟରେ ଗଣ୍ଡ ସମାଜର ଆରାଧ୍ୟା ଦେବତା ବଡଦେଓ ଙ୍କ ଯାତ୍ରା ପ୍ରତ୍ୟେକ ବର୍ଷର ପୌଷମାସରେ ବିଭିନ୍ନ ଯାଗାରେ ପାଳିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ପରଗୁନିଆ ଶତ୍ରୁଘ୍ନ ବିଶି, ସଭାପତି ଗୋବିନ୍ଦ ଭୂଏ, ସଂପାଦକ ମିତ୍ରଭାନୁ ଧରୁଆ, ମକରଧ୍ୱଜ ଧରୁଆ, ଭଗବାନ ଧରୁଆ, କୁମର ଭୂଏ, ଯଶୋବନ୍ତ ଭୂଏ, ରଞ୍ଜିତ ଭୂଏ, ତପି ଭୂଏ, ସ୍ୱର୍ଣ୍ଣ ଭୂଏ, ଲମ୍ବୋଦର ଭୂଏ, ଚେରୁ ଭୂଏ, ମୋତିଲାଲ ଭୂଏ ଙ୍କ ସହ ବିଭିନ୍ନ ଅଂଚଳରୁ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ । କାଳିଶ୍ୟାମ ଧରୁଆ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲୁଟେରାଙ୍କ ଟାର୍ଗେଟରେ ଅଳଙ୍କାର ଦୋକାନ

- ଦିନକୁ ଦିନ ବଢ଼ିଚାଲିଛି ଅସାମାଜିକଙ୍କ ଦୌରାତ୍ମ୍ୟ
- ପୁଲିସ ଓ ଜୁଏଲାରୀ ବ୍ୟବସାୟୀଙ୍କ ମଧ୍ୟରେ ସ୍ୱତନ୍ତ୍ର ବୈଠକ
- କେବେ ହେବ ଗୁଳିକାଣ୍ଡ ଘଟଣାର ଫର୍ଦ୍ଦାଫାସ ?

**କାକଟପୁର /ଅସ୍ତରଙ୍ଗ,୯।୧(ସଂଚାର ବ୍ୟୁରୋ):** ବଢ଼ୁଛି ସୁନା ବ୍ୟବସାୟର ବଜାର। ବ୍ୟାପକ ହେଉଛି କାରବାର। ଗଢ଼ି ଉଠୁଛି ଅଳଙ୍କାର ନିମନ୍ତେ ଅନେକ ଜୁଏଲାରୀ। ହେଲେ ଏହାର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ଜିଲ୍ଲା କାକଟପୁର ବ୍ଲକରେ ୨୦ରୁ ଊର୍ଦ୍ଧ୍ୱ ଏବଂ ଅସ୍ତରଙ୍ଗବ୍ଲକରେ ୧୨ରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ସୁନା ଦୋକାନ ଖୋଲିଛି। ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ଘରୋଇ ଓ ରାଷ୍ଟ୍ରାୟତ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି। ଅନେକ ଜୁଏଲାରୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱରେ ୧୫ରୁ ଊର୍ଦ୍ଧ୍ୱ ଅଳଙ୍କାର ଦୋକାନ କାରବାର କରୁଛନ୍ତି। ଏହି ସବୁ ଅଳଙ୍କାର ଦୋକାନ ଗୁଡିକୁ ଲୁଟେରା ଟାର୍ଗେଟ କରୁଛନ୍ତି। ଏମାନଙ୍କ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ଜୁଏଲାରୀ ରେ ବି ନିଜ୍ୱସ ସୁରକ୍ଷା କର୍ମଚାରୀ ନଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା କାକଟପୁର ବ୍ଲକ କୁଣ୍ଢେଇ ତିନି ମୁହାଣୀ ନିକଟରେ ଥିବା ସାହୁ ଜୁଏଲାରୀ ମାଲିକ ନିରଞ୍ଜନ ସାହୁଙ୍କୁ ୧୬ସେପ୍ଟେମ୍ବର ୨୦୨୪ତାରିଖ ସନ୍ଧ୍ୟା ୬ଘ ୩୦ମିନିଟ ସମୟରେ ୨ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଏକ ନମ୍ବର ବିହୀନ ବାଇକିରେ ଆସିଥିଲେ। ମାଲିକ ଙ୍କୁ ମଧ୍ୟ ୨ରାଉଣ୍ଡ ଗୁଳି ଚଳାଇଥିଲେ। କିନ୍ତୁ ୩ ମାସରୁ ଉର୍ଦ୍ଧ୍ୱ ହେଲେ ମଧ୍ୟ ପୁଲିସ ଅଭିଯୁକ୍ତ ଙ୍କୁ ଧରିବାରେ ବିଫଳ। ସାହୁ ଜୁଏଲାରୀ ରେ ମାଲିକ ଙ୍କୁ ଗୁଳି ମାଡ଼ ପରେ ଏବେ ଅଳଙ୍କାର ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି। ଯେଉଁ ଭଳି ଭାବରେ କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରିର ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଜୁଏଲାରୀ କୁ ଅଧିକ ଟାର୍ଗେଟ କରୁଛନ୍ତି। ସେହିଭଳି ରାତିରେ ବନ୍ଦ ସମୟ ହେଉ ବା ଖରାବେଳକୁ ଲୁଟ ପାଇଁ ଉଚିତ ସମୟ ବୋଲି ବିବେଚନା କରୁଛନ୍ତି। ବିଶେଷ କରି କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ରେ କିଛି ରାଷ୍ଟ୍ରାୟତ ବ୍ୟାଙ୍କ ସମେତ କିଛି ଘରୋଇ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି। ଏଭଳି ବଜାର ରେ ସୁନା କାରବାର ସୁରକ୍ଷା ନେଇ ଅନେକ ପ୍ରଶ୍ନ ଛିଡା ହୋଇଛି। କିଛି ଦିନ ହେଲା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ଼ ଥାନା ଅଞ୍ଚଳରେ ଲୁଟ ବୃଦ୍ଧି ପାଇବାରେ ଲାଗିଛି ଯେପରିକି ମନ୍ଦିର ରୁ ଲୁଟ, ଅବସରପ୍ରାପ୍ତ ସେନା କର୍ମଚାରୀ ଘରୁ ଲୁଟ, ଫ୍ଲିପକାର୍ଡ ଅଫିସ ରେ ବନ୍ଧୁକ ଦେଖାଇ ଲୁଟ, ମହିଳା ବେକ ସୁନା ଚେନ ଦିନ ଦ୍ୱିପ୍ରହରରେ ଚୋରି ଏହା ଶହ କିଛି ଦିନ ପୂର୍ବେ ବନ୍ତିଲୋ ରୁ ସିରିଜ ଲୁଟ ହୋଇଥିବା ବେଳେ ଲୁଟେରା ଙ୍କୁ ଧରିବା ରେ ୩ଟି ଥାନା ବିଫଳ। କିଛି ଦିନ ପୂର୍ବେ ଅସ୍ତରଙ୍ଗ ବ୍ଲକ ଜିଓଳ ଗ୍ରାମରେ ଦିନଦ୍ୱିପ୍ରହରରେ ମହିଳା ଙ୍କ ବେକରୁ ଲୁଟ କରିନେଲେ। ଏହି ଘଟଣା ରେ ପୁଲିସ ଏବେ ବି ଅନ୍ଧାର ରେ ରହିଛି।





## ୩ ନାବାଳକ ସମେତ ୫ ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥି ଗିରଫ




**ଖପ୍ରାଖୋଲ,୯।୧(ସଂଚାର ବ୍ୟୁରୋ):** ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ତିନି ନାବାଳକ ସମେତ ୫ ଜଣ ଦାଦନ ଶ୍ରମିକ ବୁଧବାର ସକାଳେ ଉଦ୍ଧାର କରିଥିବା ଜଣାଯାଇଛି । ଉଦ୍ଧାର ଶ୍ରମିକ ମାନେ ଗମ୍ଭାରୀ ଗାଁର ହୋଇଥିବା ବେଳେ ତିନି ନାବାଳକ, ତିନି ମହିଳା ଓ ଦୁଇ ପୁରୁଷ ବୋଲି ଜଣାଯାଇଛି । ବେଆଇନ୍ ଚାଲାଣ ଅଭିଯୋଗ ରେ ମଧ୍ୟସ୍ଥି ଦେବର୍ହ ଗାଁର ବରୁଣ ସୁନା(୨୭) ଓ ବୋଲେରୋ ଡ୍ରାଇଭର ଗମ୍ଭାରୀ ଗାଁର ଗୌତମ ସାହୁ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ବୁଧବାର ଖପ୍ରାଖୋଲ ଥାନା ପୋଲିସ ପେଟ୍ରୋଲିଂ କଲା ବେଳେ ଗମ୍ଭାରୀ ଛକ୍ ନିକଟରେ ଏକ ବୋଲେରୋ ରେ କିଛି ଶ୍ରମିକ ତାମିଲନାଡୁ ଚାଲାଣ ହେଉଥିବା ଜାଣି ଚଢ଼ାଉ କରି ପଚରାଉଚୁରା ପରେ ଶ୍ରମିକ ଙ୍କୁ ଉଦ୍ଧାର କରି ନିଜ ଘରେ ଛାଡ଼ି ଦେଇଥିବା ବେଳେ ଏକ ମାମଲା ରୁଜୁ କରି ମଧ୍ୟସ୍ଥି ଓ ଗାଡ଼ି ଡ୍ରାଇଭର କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି ।

## ଲୋକଉତ୍ସବ ଜିଲ୍ଲାର ସାମଗ୍ରିକ ପ୍ରଗତିର ବଳିଷ୍ଠ ମାଧ୍ୟମ

### ରାଜ୍ୟ ବାହାର ଓ ଜିଲ୍ଲା କଳାକାରଙ୍କ ଲୋକନୃତ୍ୟରେ ଝୁମିଲେ ଦର୍ଶକ




ସୁବର୍ଣ୍ଣପୁର :- ସୁବର୍ଣ୍ଣପୁର ଜିଲ୍ଲା କଳା ସଂସ୍କୃତି ଓ ପର୍ଯ୍ୟଟନର ପ୍ରାଣ କେନ୍ଦ୍ର। ଆମ ଜିଲ୍ଲାର ସୁବର୍ଣ୍ଣ ଲୋକ ମହୋତ୍ସବ ଖୁବ୍ ନିଆରା ବୋଲି ଅତିଥିମାନେ ମତବ୍ୟକ୍ତ କରି ଲୋକମହୋତ୍ସବ ଜିଲ୍ଲାର ସାମଗ୍ରିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ବୋଲି ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜ ନିଜର ସାଂସ୍କୃତିକ ଅଭିଭାଷଣରେ କହିଛନ୍ତି। ମହୋତ୍ସବର ତୃତୀୟ ଦିବସରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ମହୋତ୍ସବର ପଲ୍ଲୀଶ୍ରୀ ମେଳା, ଜିଲ୍ଲା ଉନ୍ନୟନ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ଦିବସରେ ସୁପାର ଠେଲା, ଅଧ୍ୟକ୍ଷ, ଜିଲ୍ଲାପରିଷଦ, ସୁବର୍ଣ୍ଣପୁର ତାମସୀ ତାମସ୍ମିତା ନାୟକ, ଅଧ୍ୟକ୍ଷ, ପୌରପରିଷଦ, ସୋନପୁର ପ୍ରହଲ୍ଲାଦ ନାୟକ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ସୋନପୁର ଦିପ୍ତିରେଖା ନନ୍ଦ, ଅଧ୍ୟକ୍ଷ, ପଞ୍ଚାୟତ ସମିତି ବିନିକା, ଶାନ୍ତିଲତା ମିଶ୍ର, ଅଧ୍ୟକ୍ଷା ପଞ୍ଚାୟତ ସମିତି ଉଲୁଣ୍ଡା, ଅହଲ୍ୟା ସାହୁ, ଅଧ୍ୟକ୍ଷା, ପଞ୍ଚାୟତ ସମିତି ଡୁଙ୍ଗୁରିପାଲି, ସରୋଜ କୁମାର କର୍ଣ୍ଣ, ଅଧ୍ୟକ୍ଷ ପଞ୍ଚାୟତ ସମିତି ତରଭା, ନାରାୟଣ ଲୁହା, ଉପାଧ୍ୟକ୍ଷ ପଞ୍ଚାୟତ ସମିତି ବୀରମହାରାଜପୁର, ପ୍ରମୁଖ ଯୋଗ ଦେଇଥିଲେ। କଳାକାର ପ୍ରଦ୍ୟୁମ୍ନ କୁମାର ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସୌରଭ ରଞ୍ଜନ ଖମାରି ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଜି ସାଂସ୍କୃତିକ କାର୍ଯ୍ୟକ୍ରମରେ

## ଶିଶୁ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର



**ବୋରିଗୁମ୍ମା,୯।୧(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସ୍ଥିତ ସଭାଗୃହାରେ ଏକତା ଅନୁଷ୍ଠାନ କୋରାପୁଟ ଦ୍ୱାରା ଆୟୋଜିତ ବ୍ଲକ ସ୍ତରୀୟ ଶିଶୁ ଅଧିକରୀ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥ୍ୟ ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗ ଅର୍ଥାତ୍, ବ୍ଲକ ଶିକ୍ଷା ବିଭାଗ ତରଫରୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ମାଝୀ, ବିଆରଟି ଜଗଦିଶ ମହେର, ଜିଲ୍ଲା ଶ୍ରମିକ ବିଭାଗ ଜୟପୁରରୁ ଅତିରିକ୍ତ ଶ୍ରମ ଅଧିକାରୀ ରାମେଶ୍ୱରୀ ହିକକା, ଗୋପିନଥ୍ ସାହୁ, ପୋଲିସ ଏଏସଆଇ ବସନ୍ତ କୁମାର ନାଗ, କାଠରଗଡ଼ା ପଞ୍ଚାୟତର ସରପଞ୍ଚ କୁନି ସଉରା, ପିଇଓ ହରିହର ବେହେରା, ହରିଡ଼ାଗୁଡା ପଞ୍ଚାୟତ ର ପିଇଓ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିଶୁ ଅଧିକାର ବିଭିନ୍ନ ଶିଶୁ ମଙ୍ଗଳ ବିଭାଗ ଦ୍ୱାରା ସୁରକ୍ଷିତ ହୋଇ ରହିବ ଏବଂ ଗ୍ରାମ ସ୍ତରରେ ଶିଶୁ ଙ୍କ ଅଧ୍ୟାକାରକୁ କିପରି ସମସ୍ତଙ୍କ ସହଯୋଗରେ ସୁରକ୍ଷା କରିପାରିବା ବିଷୟରେ ଆଲୋଚନା ହୋଇଥିଲା ସ୍ଥାନୀୟ ବିଡ଼ିଓ ସମରଥ ନିଜ ବକ୍ତବ୍ୟରେ କହିଥିଲେ ଯେ ପିଲାଙ୍କ ପ୍ରତି ରହିଥିବା ଶିକ୍ଷା ଅଧିକାର ଯେପରି କ୍ଷୁଣ୍ଣ ନ ହୁଏ, ସେଥିପ୍ରତି ସମସ୍ତେ ସଜାଗ ରହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଶିଶୁ ଅଧିକାରୀ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

## ମହୋତ୍ସବରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ଉଦ୍‌ଘାଟିତ

**ଖପ୍ରାଖୋଲ,୯।୧ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ଠାରେ ଛଅ ଦିନ ଧରି ଚଳିଥିବା ଲୋକ ମହୋତ୍ସବ ମେଳା ପଡିଆ ଠାରେ ଓଡିଶା ସରକାର, ଆତ୍ମା ବଲାଙ୍ଗୀର, ମିଶନ ଶକ୍ତି, ୱାସନ ଏବଂ ଆୟୋଜକ ୱାଇ. ସି. ଡି. ଏ ଙ୍କ ମିଳିତ ଉଦ୍ୟମରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ଉତଘାଟିତ ହୋଇଛି । ଉତଘଟନ ଉତ୍ସବକୁ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେର କ୍ଷୁଦ୍ର ଶସ୍ୟ ଷ୍ଟଲକୁ ଉଦ୍‌ଘାଟନ କରିଥିଲେ ତାଙ୍କସହ ଖପ୍ରାଖୋଲ ତସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ଜିଲ୍ଲା ସହକୃଷି ଅଧିକାରୀ ସନ୍ତୋଷ ବିଶ୍ୱାଳ, ପାଟଣାଗଡ଼ ସହ କୃଷି ଅଧିକାରୀ ପ୍ରତିଭା ବାରିକ, ରାଜେଶ୍ୱରୀ ଭୋଇ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପଦ୍ମନ୍ ସିଂ ବରିହା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ୱାଇ. ସି. ଡି. ଏ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ସୁଜିତ ହୋତା, କେ.କେ. ପି.ସି.ଏଲ ସିଇଓ ଗଣେଶ ବନଛୋର ପ୍ରମୁଖ ଉପସ୍ଥିତ



ଥିଲେ । ଖୁଦ୍ରଶସ୍ୟ ଖାଦ୍ୟ ମେଳାରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଖାଦ୍ୟ ଅଭ୍ୟାସ କରି କିପରି ସୁସ୍ଥ ରହିବେ ତାହା ଉପରେ ସଚେତନତା ବାର୍ତ୍ତା ମଧ୍ୟ ଦିଆଯାଉଥିବା ଦେଖିବାକୁ ମିଳିଥିଲା ।

## ପ୍ରାଥମିକ କୃଷି ସମବାୟ ସମିତି ଦକ୍ଷତା ବିକାଶ କର୍ମଶାଳା



**ସୁନ୍ଦରଗଡ,୯।୧(ସଂଚାର ବ୍ୟୁରୋ):** ବୁଧବାର ଦିନ ସୁନ୍ଦରଗଡ଼ ସର୍କଲ ଅଧୀନରେ ଥିବା ୨୪ ଗୋଟି ଲ୍ୟାମ୍ପସ ପରିଚାଳନା ପରିଷଦର ସଭାପତି ତଥା ନିର୍ଦ୍ଦେଶକ ନିର୍ଦ୍ଦେଶିକା ମାନଙ୍କ ଦକ୍ଷତା ବୃଦ୍ଧି ସକାଶେ ଏକ ଟ୍ରେନିଂ ବ୍ୟାଙ୍କର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ଇଂରାଜୀ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ ଓ ଏହାର ଆବଶ୍ୟକତା ତଥା ପରିଚାଳନା ପରିଷଦର କାର୍ଯ୍ୟ ବାବଦରେ ସୁଚାଇଥିଲେ । ବ୍ୟାଙ୍କର ସିଇଓ ରବୀନ୍ଦ୍ର କାଲୁଣ୍ଡିଆ ପରିଚାଳନା କରିଥିବା ବେଳେ ବରିଷ୍ଠ ସହକାରୀ ସମବାୟ ନିବନ୍ଧକ ଅଜୟ କୁମାର ସେଠୀ ଯୋଗଦେଇ ପରିଚାଳନା ପରିଷଦର କାର୍ଯ୍ୟ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଏଜିଏମ ପ୍ରଦ୍ୟୁମ୍ନ କୁମାର ନନ୍ଦ ଯୋଗଦେଇ ପରିଚାଳନା ପରିଷଦ କେମିତି ସଦା ସର୍ବଦା ତଳ ସ୍ତରରେ ବସବାସ କରୁଥିବା ଗରିବ ଲୋକଙ୍କୁ ସାହାଯ୍ୟ କରି ତାଙ୍କର ଆର୍ଥିକ ଅଭିବୃଦ୍ଧିରେ ଉପରେ ସହାୟକ ହେବ ସେ ସମ୍ପର୍କରେ ବୁଝାଇଥିଲେ । ଜିଲ୍ଲା ସମବାୟ ସମୂହ ନିବନ୍ଧକ ଉମାଶଙ୍କର ଦାସ ଯୋଗଦେଇ ଚିରାଚରିତ କୃଷୀଋଣ ପ୍ରଦାନରୁ ଉର୍ଦ୍ଧକୁ ଯାଇ ସରକାରଙ୍କ ସହାୟତା ନେଇ ଯେଉଁ ବ୍ୟବସାୟ ଚାଲିବ ତାକୁ ଅଧିକାରୀ ନେଇ ଆଗକୁ ବଢ଼ିପାରିଲେ ସମିତିର ଉନ୍ନତି ସାଙ୍ଗରେ ସଭ୍ୟଙ୍କ ମଧ୍ୟ ବିଶେଷ ଉନ୍ନତି ଘଟିପାରିବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ରୁ ଅଧିକ ନିର୍ଦ୍ଦେଶକ ନିର୍ଦ୍ଦେଶିକା ଯୋଗଦେଇ ବ୍ୟାଙ୍କର ଏହି କାର୍ଯ୍ୟକ୍ରମକୁ ଭୂରି ଭୂରି ପ୍ରଶଂସା କରିଥିଲେ । ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ଜଟିଆ ମୁଣ୍ଡା, ସୁଷମା ସରୋଜିନୀ ଟେଟେ, ଅମ୍ରିତ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ମହୋତ୍ସବ ପଡ଼ିଆରେ ସ୍ୱଚ୍ଛତା ଅଭିଯାନ

**ସୋନପୁର,୯।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣ ଲୋକ ମହୋତ୍ସବ ଶ୍ରୀ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଜିଲ୍ଲା ପ୍ରଶାସନ, ପୌର ପରିଷଦ ଓ ବ୍ଲକ ପ୍ରଶାସନ, ସ୍ୱଚ୍ଛ ଭାରତ ସଂଗଠନ ଓ ସୋନପୁର କଲେଜ୍ ଏନ୍ ସି ସିର ମିଳିତ ସହଯୋଗ ରେ ସ୍ୱଚ୍ଛ ଭାରତ ଅଭିଯାନ ଓ ପଲିଥିନ ମୁକ୍ତ ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଅନ୍ୟକ୍ଷ ଦାସ ଙ୍କ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମ କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ ଶୁଭ ଉଦ୍ ଘାଟନ କରି ସ୍ୱେଚ୍ଛାସେବୀ ଙ୍କ ସହ ନିଜେ ଅଳିଆ ଗୋଟାଇ ସଚେତନ କରି ଥିଲେ। ପୌର ପରିଷଦ ଅଧିକାରୀ ତଥା ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଏ ଇ ଓ ଏଡମିନ ପଲ୍ଲବୀ ରାଣୀ ରାଜ, ଏସ ଇ ଅଜୟ ସ୍ୱାଇଁ, ସୋନପୁର ବି ଆର୍ ସି ବିବେକା ନନ୍ଦ ପଣ୍ଡା, ତରଭା ବି ଆର୍ ସି ଆନନ୍ଦ କୁମାର୍ ନାଏକ, ଉଲୁଣ୍ଡା ବିଆର୍ସି ପ୍ରଦୀପ କୁମାର ଭୋଇ, ବି ଆର୍ ସି ବି ଏମ୍ ପୁର ଖେଳା ନିଧି ପଧାନ, ଡି ଏସ ସି ତୁଷାର କାନ୍ତ ସାହୁ, ବଂଶୀ ଧର୍ ନାଏକ, ଏସ ଏସ ଉତ୍ତମ କୁମାର ମେହେର, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ଶୟଦ୍ ଅଲିମୂଲ୍ ଇସଲାମ, ଉପଦେଷ୍ଟା ଗରିବ ଲୋଇ, ଗଣେଶ ମିଶ୍ର, ସଭାନେତ୍ରୀ ଇନ୍ଦୁମତି ପୁରୋହିତ, କୋଡ଼ିନେଟର ମନୋରଂଜନ ତ୍ରୀପାଠୀ, ଲଡୁ କିଶୋର ମଲ୍ଲିକ, ପ୍ରହଲ୍ଲାଦ ମିଶ୍ର, ତରଣୀ ମେହେର, ରବୀନ୍ଦ୍ର ଜେନା, ଡ଼ା ସରୋଜ ପଟେଲ, ନାରାୟଣ ରଥ, ସୁଶାନ୍ତ ସାହୁ, ଜୟନ୍ତ ବେହେରା, ତ୍ରିଲୋଚନ ତରିଆ, କଲେଜ ଏନ୍ ସି ସି ଲେଫ୍ଟେନେଣ୍ଟ ଆଶିଷ କୁମାର ଅଗ୍ରୱାଲ, ଏନ୍ ସି ସି କୋଡ଼ିନେଟର ଶ୍ରାବଣୀ ମହାପାତ୍ର, ଓର୍ମକ୍ଷସ କର୍ମଚାରୀ ପ୍ରମୁଖ ୫୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇ ମହୋତ୍ସବ ର ଜିଲ୍ଲା ଉନ୍ନୟନ ମେଳା, ପଲ୍ଲୀଶ୍ରୀ ମେଳା, ଫୁଡ୍ ଷ୍ଟଲ୍ ଓ ସମସ୍ତ ଷ୍ଟଲ୍ କୁ ବୁଲି ସ୍ୱଚ୍ଛତା ଅଭିଯାନ, ପଲିଥିନ ମୁକ୍ତ, ସଡ଼କ ସୁରକ୍ଷା, ଓ ପରିବେଶ ସୁରକ୍ଷା ଉପରେ ବ୍ୟବସାୟୀ ଓ ସଧାରଣ ଜନତା ଙ୍କୁ ସଚେତନତା କରାଇଥିଲେ। ଓ ଅଳିଆ ଆବର୍ଜ୍ଜନା କୁ ଏଣେ ତେଣେ ନ ପକାଇ ଡଷ୍ଟବିନ ବ୍ୟବହାର ପାଇଁ ପରାମର୍ଶ କରି ସ୍ୱଚ୍ଛ ସୁବର୍ଣ୍ଣପୁର, ସୁନ୍ଦର ସୁବର୍ଣ୍ଣପୁର, ଦେଶ କୁ ସ୍ୱଚ୍ଛ ରଖିବା, ସୁସ୍ଥ ରହିବା, ପରିବେଶ ସୁରକ୍ଷା ଜୀବନ ରକ୍ଷା, ସଡକ ସୁରକ୍ଷା ଜୀବନ ରକ୍ଷା ବିଭିନ୍ନ ନାରା ଦେଇ ସଚେତନତା କରି ଥିଲେ ।

## ଜିଲ୍ଲାସ୍ତରରେ ପ୍ରବାସୀ ଭାରତୀୟ ଦିବସ




**ରାୟଗଡା,୯।୧(ସଂଚାର ବ୍ୟୁରୋ):** ରାୟଗଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଉତ୍ସବ ଉଲ୍ଲାସପୂର୍ଣ୍ଣ ଭାବରେ ପାଳନ କରାଗଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଡ଼ଃ ବସନ୍ତ କୁମାର ନାୟକ, ରାୟଗଡା ଜିଲ୍ଲା ଶିକ୍ଷାଧିକାରୀ, ଏହାର ମହତ୍ତ୍ୱ ଓ ଉଦ୍ଦେଶ୍ୟ ବିଷୟରେ ବ୍ୟାପକ ଆଲୋକ ପାତ୍ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ, ବଳଦେବ ନାୟକ, ଜ୍ଞାନ ରଞ୍ଜନ ସାହୁ, ପ୍ରଦୀପ ସାହୁ ଓ ସୁରେନ୍ଦ୍ର ସାଠୁଆ ପ୍ରମୁଖ ଅଧିକାରୀ ଏହାରେ ଅଂଶଗ୍ରହଣ କରିଥିଲେ। ଡ଼ଃ ନାୟକ ଏହାର ମୁଖ୍ୟ ବକ୍ତବ୍ୟରେ ପ୍ରବାସୀ ଭାରତୀୟଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ ଏହି ଦିବସ ଜଗତୀକରଣ ପ୍ରକ୍ରିୟାକୁ ବୃଦ୍ଧି କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆର୍ଥିକ, ସାମାଜିକ, ଓ ସାଂସ୍କୃତିକ ବିକାଶକୁ ଅଗ୍ରସର କରେ । ଶିକ୍ଷା, ବୃତ୍ତି, ଜ୍ଞାନ, ଓ ରୋଜଗାର କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ଅବଦାନ ଉଲ୍ଲେଖନୀୟ । ପ୍ରବାସୀ ଭାରତୀୟ ଦିବସ ନିମନ୍ତେ ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ସୃଷ୍ଟି ହୋଇଥିଲା । କୁଇଜ, ପ୍ରବନ୍ଧ ଲେଖନ, ସାଇକେଲ ଚାଳନା ଓ ପ୍ରଚାର ଫର୍ଦ୍ଦ ପ୍ରସ୍ତୁତି ମାନଙ୍କୁ ଗୋଷ୍ଠୀ ଅନୁଷ୍ଠିତ କରାଯାଇଥିଲା। ଏଗାର ଟି ବ୍ଲକର ପ୍ରତିନିଧିମାନେ ଏହାରେ ଅଂଶଗ୍ରହଣ କରିଥିଲେ। ସମାରୋହର ଶେଷରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ନୀତିମୂଳକ ଅଭିଭାଷଣ ଦେଇଥିଲେ । ମଞ୍ଚ ପରିଚାଳନା ରାଜେଶ ବିଶ୍ୱାଳ କରିଥିଲେ ଓ ନୀଳାଞ୍ଚଳ ମିଶ୍ର ଧନ୍ୟବାଦ ଜଣାଇଥିଲା ଏହି କାର୍ଯ୍ୟକ୍ରମ ସଫଳ କରିବାରେ ଲକ୍ଷ୍ମୀକାନ୍ତ ମିଶ୍ର, ଦିଲୀପ କୁମାର ହୋତା ସହିତ ଅନ୍ୟ ଅଧିକାରୀ ମାନଙ୍କର ସମନ୍ୱୟ ଓ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

## ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ, ପ୍ରତିବାଦ କରିବାରୁ ଛୁରାମାଡ଼

**କୋରାପୁଟ,୯।୧(ସଂଚାର ବ୍ୟୁରୋ):** ରାତିର ଅନ୍ଧକାରରେ ଏକୁଟିଆ ପାଇ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କଲେ ଯୁବକ। ମାତ୍ର ନାବାଳିକାଜଣକ ପ୍ରତିବାଦ କରିବାରୁ ଯୁବକ ପାଲଟିଗଲେ ପିଶାଚ। ରକ୍ତମୁଖା ପାଲଟି ଏକ ଛୁରୀରେ ନାବାଳିକାଙ୍କୁ ଏକାଧିକ ଥର କଲେ ଛୁରା ମାଡ଼ । ଏପରି ଏକ ହୃଦୟ ବିଦାରକ ଘଟଣା କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଞ୍ଚଳରେ ଘଟିଛି। ପୀଡ଼ିତାଜଣକ ନବମ ଶ୍ରେଣୀ ଛାତ୍ରୀ ବୋଲି ଜଣାଯାଇଛି। ପୀଡ଼ିତା ଗତକାଲି ସ୍କୁଲରୁ ଫେରିବା ପରେ ରାତିରେ ନିଜ ବାଡ଼ି ପଟ ପଡିଆକୁ ଯାଇଥିଲେ। ସେଠରୁ ଫେରିୱା ବେଳେ ସେହି ଗ୍ରାମର ଯୁବକ ଲୁକୁ ଖରା ତାଙ୍କୁ ଅଟକାଇଥିଲେ। ଏକୁଟିଆ ପାଇ ସେ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ନାବାଳିକାଜଣକ ଏହାର ପ୍ରତିବାଦ କରି ଚିତ୍କାର କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁବକଜଣକ ଏକ ଧାରୁଆ ଛୁରୀରେ ନାବାଳିକାଙ୍କ ଶରୀରକୁ ଚୋଟ ପରେ ଚୋଟ ପକାଇ ଚାଲିଲେ। ଏହାପରେ ସେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ନାବାଳିକାଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଫେରି ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଏନେଇ ନନ୍ଦପୁର ଥାନାରେ ମାମଲା ରୁଜୁ କରିଛନ୍ତି। ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି।

## ଗୌରାଙ୍ଗ ଚରଣ ନାୟକଙ୍କର ଜନ୍ମ ସ୍ମାରକୀ ଦିବସ

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁର):** ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ଆନୁକୂଲ୍ୟରେ ଗୌରାଙ୍ଗ ଚରଣ ନାୟକଙ୍କର ଜନ୍ମ ସ୍ମାରକୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ବିଜୟା ନନ୍ଦ କର ଅଭିଭାଷଣ ଦେଇଥିଲେ ଓ ପ୍ରଫେସର ଜୟନ୍ତୀ ଜଗଦେବଙ୍କର ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବହୁତ୍ ମାତ୍ରାରେ ବରିଷ୍ଠ ପ୍ରାଧ୍ୟାପକ, ପ୍ରଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଦିବସରେ ବିଭାଗୀୟ ପ୍ରମୁଖ ନନ୍ଦିନୀ ମିଶ୍ର ଅତିଥି ସତ୍କାର କରିବା ସହ ଡ. ବସନ୍ତ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ନିଜକୁ ଗୁଳି କରିଦେଲେ ସିଆଇଏସ୍ଏଫ୍ ଯବାନ



**ରାଉରକେଲା,୯।୧(ସଂଚାର ବ୍ୟୁରୋ):** ନିଜକୁ ନିଜେ ଗୁଳି କରିଦେଲେ ଜଣେ ସିଆଇଏସ୍ଏଫ୍ ଯବାନ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍ପି) ରେ ଘଟିଛି ଏହି ଘଟଣା। ମୃତ ଯବାନଙ୍କ ନାଁ ଅଭିନନ୍ଦ ପି କେ। ତାଙ୍କ ଘର କେରଳର କନ୍ନୁର ଜିଲ୍ଲାର ଥିରୁଭାଙ୍ଗାଡୁ ଗାଁରେ। ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ଜଣାପଡ଼ିଛି। ଆଜି ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ଏହି ଘଟଣା ଘଟିଥିବା ପୁଲିସ ଅନୁମାନ କରୁଛି। ଅଭିନନ୍ଦ ପି କେ ଗତକାଲି ନାଇଟ୍ ଡ୍ୟୁଟିରେ ନିଯୁକ୍ତ ହୋଇଥିଲେ। ଆଜି ସକାଳ ୮ଟାରେ ତାଙ୍କ ଡ୍ୟୁଟି ଶେଷ ହୋଇଥା'ନ୍ତା। ତେବେ ତା' ପୂର୍ବରୁ ଘଟିଗଲା ଏଭଳି ଏକ ଘଟଣା। ଅଭିନନ୍ଦ ପି କେ ମୃତୟନ ହୋଇଥିବା ସ୍ଥାନରେ ପାଟ୍ରୋଲିଂ ଅଧିକାରୀ ପହଞ୍ଚିବା ପରେ ଘଟଣା ସଂପର୍କରେ ଜଣାପଡ଼ିଥିଲା। ସେ ସଙ୍ଗେ ସଙ୍ଗେ ତାଙ୍କ ଉପରସ୍ଥ ଅଧିକାରୀମାନଙ୍କୁ ଘଟଣା ସଂପର୍କରେ ଅବଗତ କରାଇଥିଲେ। ଏହା ପରେ ଟାଙ୍ଗରପାଲି ଥାନାକୁ ଖବର ଦିଆଯାଇଥିଲା। ଟାଙ୍ଗରପାଲି ଥାନା ପୁଲିସ ଘଟଣାସ୍ଥଳ ଯାଞ୍ଚ କରିବା ସହିତ ଶବକୁ ଜବତ କରିଥିଲା। ଅଭିନନ୍ଦ ପି କେ'ଙ୍କ ମୃତଦେହକୁ ଆଇଜିଏଚ୍‌ରେ ରଖାଯାଇଛି। ଘଟଣା ସଂପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ରାଉରକେଲା ଅଭିମୁଖେ ଯାତ୍ରା ଆରମ୍ଭ କରି ସାରିଛନ୍ତି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସେମାନେ ରାଉରକେଲାରେ ପହଞ୍ଚିବେ। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି କୁହାଯାଉଥିବା ବେଳେ, ତା'ର କାରଣ ସଂପର୍କରେ କିଛି ଜଣାପଡ଼ିନାହିଁ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଅଭିନନ୍ଦ ପି କେ'ଙ୍କ ମୃତ୍ୟୁର କାରଣ ଜଣାପଡ଼ିବ। କର୍ମସ୍ଥଳରେ କିଛି ସମସ୍ୟା ଥିଲା ନା କିଛି ପାରିବାରିକ କାରଣ ଥିଲା, ସେ ଦିଗରେ ପୁଲିସ ତଦନ୍ତ କରୁଛି। ତା' ସହିତ ଅନ୍ୟ ଦିଗ ଉପରେ ମଧ୍ୟ ପୁଲିସ ତଦନ୍ତ କରୁଛି। ଆସନ୍ତାକାଲି ପରିବାର ଲୋକ ଆସିଲେ ସେମାନଙ୍କୁ ପଚରାଉଚରା କରିବ ବୋଲି ପୁଲିସ। ସିଆଇଏସ୍ଏଫ୍‌ର କିଛି ଅଧିକାରୀଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିପାରେ ବୋଲି କୁହାଯାଉଛି।

## ୧୧ରୁ ମହକ ଉତ୍ସବ

**ଦଶପଲ୍ଲା,୯।୧(ସଂଚାର ବ୍ୟୁର):** ଦଶପଲ୍ଲାର ଅନ୍ୟତମ ସାମାଜିକ ଅନୁଷ୍ଠାନ ସୀତାରାମ ୟୁଥ କ୍ଲବ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ୩ଦିନ ବ୍ୟାପି ମହକ ଉତ୍ସବ ଭାବେ ଭାବେ ପାଳନ କରିବାକୁ ଯାଉଛି। ଏହା ଚଳିତ ମାସ ୧୧ ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଦିବାରାତ୍ର ସମାରୋହ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ସ୍ଥାନୀୟ




ମହାବୀର ମନ୍ଦିର ଠାରୁ ୪୦୦ ମିଟର ଲମ୍ବର ଏକ ବିସାଳ ତ୍ରିରଙ୍ଗା ଶୋଭାଯାତ୍ରା ଦେଶର ଯବାନ ମାନଙ୍କ ଉଦ୍ଦେଶ୍ୟରେ ବାହାରି ମହକ ମଇ ଦାନରେ ପହଁଚିବା ପରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ୩ ଦିନ ବ୍ୟାପି କାର୍ଯ୍ୟକ୍ରମରେ ରାଜ୍ୟର ବିଭିର୍ଣ୍ଣ କୋଣ ଅନୁକୋଣରୁ ବହୁ ବିଶିଷ୍ଟ ରାଜନୀତିଜ୍ଞ, ସମାଜସେବୀ, ଯୁବ ଉଦ୍ୟୋଗୀ ଓ ପ୍ରଶାସକ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବୈଶିଙ୍ଗା,୯।୧(ସଂଚାର ବ୍ୟୁରୋ):** ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି।ରାଇକମା ମାଟିର ସୁପୁତ୍ର, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ସମବାୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ସଭାପତି ଆସନ ଅଳଙ୍କୃତ କରିଥିଲେ।ମୁଖ୍ୟ ଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ,ମୁଖ୍ୟ ବକ୍ତା ଭାବେ ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପରମେଶ୍ୱର ଦେ,ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ମହାପାତ୍ର,ବିଜୟ କୁମାର ଦାସ, ସାଧାରଣ ସମ୍ପାଦକ,ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଙ୍ଘ,ଉଦଳା ଅଞ୍ଚଳର ନିଆରା ନଡ଼ିଆ ସଢ଼େଇ ଶିଳ୍ପୀ ବିଜୟ କୁମାର କମିଳା,ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶରତ ଚନ୍ଦ୍ର ବାରିକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ସଫଳତା ପାଇଁ ନିରନ୍ତର ଉଦ୍ୟମ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ୨୦୨୩-୨୪ ଶିକ୍ଷାବର୍ଷରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସାଇକୃଷ୍ଣ ମିଶ୍ରଙ୍କୁ ରଘୁନାଥ ମିଶ୍ର ସ୍ମୃତି ସମ୍ମାନ,ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରଜ୍ଞାଶ୍ରୀ ବାରିକଙ୍କୁ ବିଷ୍ଣୁପ୍ରିୟା ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ଏଥି ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ୫୦୦/- ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ।